## ADVERTISEMENT.

Wanted a Civil Hospital Assistant for the Kashipur Dispensary on a monthly salary of Rs 35. None need apply who has not passed the final examination of Cuttack Medical School and is not a Uriya Preference will be given to one who knows English well. Applicati ons with testimonials will be received up to the 10th april, 1909 by the undersigned.

U. P. Singh Deb
Thatt Raja
of Kashipur,
Kashipur, P. O.
Sambalpur Dist.

## NOTICE.

Tenders are invited in sealed covers for the undermentioned works and will be received by the undersigned up to the 7th of April 1909:—

| | | Rs |
|---|---|---|
| 1 | Annual repairs to Pipli Khurda Road | 3138 |
| 2 | " " Khurda Kalapathar Road | 2825 |
| 3 | " " Jagmari Bologurh Road | 3540 |
| 4 | " " Pataikia Khurda Road | 2646 |
| 5 | " " Sarakipur Chandka Road | 1514 |
| 6 | " " Bhubaneswar Balianta Road | 644 |
| 7 | " " Joypur Satyabadi Road | 150 |
| 8 | " " Balugaon Baguramul Road | 2590 |
| | Total Rs | 17,137 |

Metal collection is to be completed by the middle of June and spreading by the 30th September. All other repairs works is to be completed by the 30th November.

The undersigned does not bind himself to accept any or the lowest tender.

District Engineer's office Puri
20—3—1909

Shrish Ch. Sen
Accountant,
for District Engineer
Puri


# ଉତ୍କଳ ଦୀପିକା ।

ଗତ ତା ୧୩ ଋତେ ଶେଷ ହେବା ସପ୍ତାହରେ ଉତ୍କଳରେ ପେନେନସ୍ୱରରେ ୬୯୩ ମୃତ୍ୟୁ ହୋଇଥିଲା । ତତ୍ପୂର୍ବ ସପ୍ତାହରେ ୬୧୦୨ ମୃତ୍ୟୁ ଥିଲା । ଗୋମ୍ବାଇ, ମୁକ୍ତପ୍ରଦେଶ ଓ ପଞ୍ଜାବ ଅଞ୍ଚଳରେ ବୃଦ୍ଧି ଘଟିଥିଲା ।

———

ଗତ ତା ୧୩ ରଖରେ ଶେଷ ହେବା ସପ୍ତାହରେ ଦୁର୍ଭିକ୍ଷ ସାହାଯ୍ୟ ପାଉଥିଲେ ପୂର୍ବବଙ୍ଗ ୭୭୨୧, ବଙ୍ଗ ୧୯୬୯୧, ମଧ୍ୟପ୍ରଦେଶ ୧୬୬୧୦ ସଂଯୁକ୍ତପ୍ରଦେଶ ୧୦୨୯ ଓ ନିଜାମ ୬୭୭ ସାବ ୮୧୬୮୯ ହେଲା ପୂର୍ବ ସପ୍ତାହର ସଂଖ୍ୟା ୧୦୧-୧୯୧ ଥିଲା । ନିଜାମ ରାଜ୍ୟ ଓ ମଧ୍ୟପ୍ରଦେଶରେ ଘଟିଅଛି

———

ସୁପରିଶେ କୋମ୍ପାନୀର ସର୍ତ୍ତା ଦେଶୀ ଯନ୍ତ୍ରମାନଙ୍କର ସମ୍ପ୍ରତି ତନ୍ତ୍ରର ଅଙ୍ଗୀକାର ସାଙ୍ଗ ବ୍ୟାଗଦ୍ୱାର୍ ଭାର ତତ୍ତ୍ୱ ନକ୍ସା ଦର ପରଗଣ ଦେଇଲେ ହଜାରରେ ଏକ ହାଜାର ଗର ଜୋର ଦେଖ ୬ ଟ ବୋମାଘାତ ହଟିତ ହେବାର ଅଭିଯୋଗ ହେଉଅଛି । ଏଥିମଧ୍ୟରୁ ଗୋଟିଏ ସୈନ୍ୟଦଳ ଦ୍ୱାରା ନୂଆ ହେବ ।

———

ହିନ୍ଦୁପେଟ୍ରିୟଟରୁ ଅବଗତ ହେଲୁଁ ଯେ ସ୍ୱର୍ଗତ ଲେଡ଼ ସଭା ଆଗାମୀ ସନ ୧୯୧୦ ମସିହାରେ ହେବ ଏବଂ କଲିକତାର ପ୍ରଧାନ ସେକ୍ରେଟେରୀ ଲେଟ ସାହେବ ମହୋଦୟଙ୍କ ଦ୍ୱାରା ତହିଁର ସ୍ଥିରୀକୃତ ହୋଇଅଛି । ସାହେବ ପ୍ରସଂଗିତ ବର୍ତ୍ତମାନ ଛୁଟିରେ ଅଛନ୍ତି ଏବଂ ସେ ପ୍ରତ୍ୟାଗତ ହେଲାମାତ୍ରେ ଏ କାର୍ଯ୍ୟରେ ଲାଗିବେ । ଗତ ଲେଡ ସଭାକାର୍ଯ୍ୟ ଏହାଙ୍କଦ୍ୱାରା ହୋଇଥିଲା ।

———

ଉତ୍କଳର ପ୍ରତାପଶାଳୀ ଅଧିକ ପ୍ରସ୍ତୁତ କରିବା କାରଣ ଗବର୍ଣ୍ଣମେଣ୍ଟ ମାଡ଼ାମ୍ ସାହେବଙ୍କ ପ୍ରତି ଭାରାର୍ପଣ କରି ତାଙ୍କୁ ଯେଉଁ ସମ୍ପ୍ରଦାୟରେ ନିଯୁକ୍ତ କରିଥିଲେ ତହିଁ ମଧ୍ୟରେ କାର୍ଯ୍ୟ ଶେଷ ହୋଇବାରୁ ଗବର୍ଣ୍ଣମେଣ୍ଟ ତାଙ୍କର କାର୍ଯ୍ୟକାଳ ଅଧିକ ଏକମାସ ବଢ଼ାଇ ଅଛନ୍ତି । ଏହି ସମୟ ମଧ୍ୟରେ ସାହେବ ମହୋଦୟ ନିଜର ରିପୋର୍ଟ ଦାଖଲ କରିବେ । ସାହେବଙ୍କ ପ୍ରସଂଗିତ ଏଠାରୁ ଏହି ମାସର ପ୍ରଥମ ସପ୍ତାହରେ ଅସି ହେବେ ତାଙ୍କ ସଙ୍ଗେ ପରାମର୍ଶ କରି ଯାଇଅଛନ୍ତି । ତହିଁର ଫଳାଫଳ ଅବଧି ପ୍ରକାଶିତ ହୋଇନାହିଁ । ଅଗଲର ପାଣ୍ଡୁଲିପି ବ୍ୟବସ୍ଥାପକସଭାରେ ଅଗତ ହେଲେ ସମ୍ପ୍ରଦାୟ ବିଷୟ ଜଣା ପଡ଼ିବ ମତ୍ରୀଙ୍କ ରତମଧ୍ୟରେ ଯାତ ବନ୍ଦୋବସ୍ତ ଗର୍ମେଣ୍ଟଙ୍କ ଦ୍ୱାରା ଯେ ଦାସ୍ତ ହୋଇ ଯାଇଅଛି ତହିଁର ବିଷୟ ହେବ ବୁଝିବା କଠିନ ।

———

ଶରୀର ଅସୁସ୍ଥତା ହେତୁ ଜୟପୁରର ମହାରାଜା ସୁଧାଂଶୁ ମାଣିକ୍ୟ ବାହାଦୁର ବାଣୀଠାରୁ ଯାଇଥିଲେ । ସେଠାରେ ଗତମାସ ତା ୧୬ରିଖରେ ମଟରଗାଡ଼ିରେ ଚଢ଼ି ବୁଲୁଥିବା ସମୟରେ ଗାଡ଼ ଫେସ୍ୱରଲ ହେଲରୁ ଗୋଟିଏ ପୋଲରେ ଧକ୍କା ବାଜ ପ୍ରାୟ ୨୦ ଫୁଟ ଗଭୀର ଗୋଟିଏ ନାଳ ମଧ୍ୟରେ ଗାଡ଼ି ପଡ଼ିଗଲା ଏବଂ ମହାରାଜାଙ୍କ ଦୁଇ ହାତର ହାଡ଼ ଭାଙ୍ଗିଗଲା । ଚିକିତ୍ସାଦ୍ୱାରା କୌଣସି ଫଳ ହେଲା ନାହିଁ ଏବଂ ସେ ଗତ ରବିବାର ପ୍ରାଣତ୍ୟାଗ କଲେ । ମହାରାଜା ଯେମନ୍ତ ଦାନଶୀଳ ଧର୍ମନିଷ୍ଠ ସେହିମନ୍ତ ବୁଦ୍ଧିମାନ ଓ ବାକପଟୁ ଥିଲେ । ତାଙ୍କର ମୃତ୍ୟୁରେ ତ୍ରିପୁରାର

ମାନଙ୍କର ଅଧୀନ ହୋଇଗଲା । ମୃତ୍ୟୁସମ୍ବାଦ ପହଞ୍ଚିବାରୁ ସେଠା ସ୍କୁଲ କଲେଜ ଓ କୋଟକଚେରୀ ସମସ୍ତ ବନ୍ଦ ହୋଇଥିଲା ।

———

କଲିକତାର କୁଚବିହାର ପ୍ରେସିଡେନ୍‌ସି ମାଜିଷ୍ଟ୍ରେଟ ଓ ସ୍ପେଶାଲ ସାହେବ କଲିକତାରେ ଥିବା ସମୟରେ ତାଙ୍କୁ ବନ୍ଧୁକ ଗୁଳିରେ ବଧ କରିବାର ଚେଷ୍ଟା ହୋଇଥିଲା ଏବଂ କୁଷ୍ଟିଆରେ ୧୬୦୦ ପୃଷ୍ଠାର ଗୋଟିଏ ପୁସ୍ତକ ମଧ୍ୟରୁ ପୃ ୬୦୦ ସ୍ଥାନ କାଟିଦେଇ ତହିଁମଧ୍ୟରେ ବନ୍ଧୁକ ଲୁଚାଇ ଡାକରେ ସାହେବଙ୍କ ନିକଟକୁ ପଠାଇଥିଲେ ଯେ ତହିଁର ଭୋଳ ଫିଟାଇଲାବେଳେ ବନ୍ଧୁକ ଫୁଟି ସାହେବଙ୍କ ମାରିଯାନ୍ତା । ସୌଭାଗ୍ୟକ୍ରମେ ସାହେବ ସେହିପରି ଖଣ୍ଡିଏ ପୁସ୍ତକ ଜଣେ ବନ୍ଧୁ ମାଗିବାରୁ ଦେଇଥିଲେ ଏବଂ ବନ୍ଧୁ ତାହା ଫେରାଇ ଦେଉଥିବାର ଅନୁମାନ କରି ଫିଟାଇ ନ ଥିଲେ । ବର୍ତ୍ତମାନ ତର୍କନ ଉପରୁ ତାହା ଫିଟାଇବାରୁ ଏ ତାତ୍ପର୍ଯ୍ୟ ଦେଖାଗଲା । ପୁଲିଶ ହେବା ହେତୁ ବନ୍ଧୁକାର୍ଯ୍ୟ ତର ପାଉନାହିଁ । ଦୁଷ୍କର୍ମକାରୀଙ୍କର ଦୁଷ୍ଟବୁଦ୍ଧିର ଇୟତ୍ତା ନାହିଁ ।—ସେମାନେ ଲଗିବେ ଅନନ୍ତ— ଦ ନରକରେ ଜଳନ୍ତୁ ।

———

କେତେକ ଦିନ ସମାଧ୍ୟ ମେଦିନୀପୁର ଲୁଣ ଚୋର ଯୁଗାନ୍ତର ନାମକ ସମ୍ବାଦପତ୍ର ସମ୍ପାଦକ ଗୁପ୍ତ ସମ୍ବାଦ ପାଇ ବର୍ତ୍ତମାନ ପୁଲିସ ବାଲେଶ୍ୱର ଘାଟରେ ଜଗି ବସିଅଛନ୍ତି । ଦରଗାଟରେ ଜଣେ ସାଧୁ ହୋଇଥିଲା ମାତ୍ର ତାହା ହାତରେ ଯୁଗାନ୍ତରର ଚିଠାକୁଟା ହୋଇ ଦ ଥିବାର ଦେଖି ତାହାକୁ ଛାଡ଼ିଦେଇ ଅଛନ୍ତି । କାଳିଘାଟରେ ଜଣେ ମେଦିନୀପୁର ଲୁଣବିକାଳି ସାଧୁ ପୁଲିସ ଇନ୍‌ସପେକ୍ଟରର ଚିତ୍ର ଧରିଥିବାର ଦେଖି ପୁଲିସ ତାହାକୁ ଧରିଥିଲେ, ଏ ବ୍ୟକ୍ତି ବଙ୍ଗାଳରେ ଏକ ଡେପୋଟିମାଜିଷ୍ଟ୍ରେଟଙ୍କ ଅଧୀନରେ କରଣି ସ୍ୱରୂପ ସ୍ୱଦେଶ କରୁଥିଲା । ସ୍ୱଦେଶୀ ଆନ୍ଦୋଳନ ଲାଗି ସ୍ୱଦେଶ ଛାଡ଼ି ଦେଇ କିଛୁଦିନ ଓ ସାଧୁ ବେଶ ଧାରଣରୁ ପର୍ଯ୍ୟଟନ ରୂପେ ଉପଭୋଗ କଲା । ପୁଲିସ ତାହାଠାରୁ ଯାବତ ପତ୍ରାଦି ହସ୍ତଗତ କଲେ । ସେ କେତେକ ଦିନ ବାଣୀଙ୍କ ଦ୍ୱାରା ତାର ପ୍ରକାଶ ଦରଖାସ୍ତ ଦେଇଅଛି ଏବଂ ପୁଲିସ ତାହାକୁ ଧରନ୍ତେ ସେ ପୁଲିସକୁ ଭୟଙ୍କର ବାରଣ ନ ହେବାର ଦେଖାଇବା କାରଣ ଅଟିଥିବାର ବାକ୍ସ କଲା । ଶୀଘ୍ର ଏହାର ବିଚାର ହେବ । ଏଥିରୁ ପୁଲିସ ସନ୍ଧାନ ଥିବାର ଉତ୍ତମ ରୂପେ ଜଣାଯାଉଅଛି ।

———

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ପ୍ରକାଶ କରୁଅଛୁଁ ଯେ ମେଦିନୀପୁରର ଜଣେ ପ୍ରଧାନ ଓ ସୁସ୍ମାନିତ ଜମିଦାର ଚୌଧୁରୀ ଯୋଗେନ୍ଦ୍ରଚନ୍ଦ୍ର ଦାସ ମହାଶୟ ଗତ ମାସ ୧୬ ତାରିଖ ମଙ୍ଗଳବାର ଦିନ ତାଙ୍କର ପାଞ୍ଚକୁଣ୍ଡ ଗ୍ରାମରେ ପରଲୋକ ଗମନ କଲେ। ମୃତ୍ୟୁ ସମୟରେ ତାଙ୍କର ବୟସ ୬୨ ବର୍ଷ ହୋଇଥିଲା। ସୁତରାଂ ସେ ପୂର୍ଣ୍ଣ ବୟସରେ ସଂସାରରୁ ବିଦାୟ ଗ୍ରହଣ କରିଅଛନ୍ତି। ତାଙ୍କର ଜମିଦାରୀ କୋର୍ଟଅଫୱାର୍ଡସର ଅଧୀନରେ ଥିଲା। ତାଙ୍କର ସଦ୍ଦାନରେ ଅନେକ ଲୋକ ଯୋଗ ପ୍ରଦାନ କରୁଥିଲେ। ମେଦିନୀପୁରର କଲେକ୍ଟର ମାନ୍ୟବର ଉଷ୍ଟନ ସାହେବ ଏହି ମାନ୍ୟବାନ୍ ଜମିଦାରଙ୍କ ମୃତ୍ୟୁରେ ଅତିଶୟ ଦୁଃଖ ପ୍ରକାଶ କରିଅଛନ୍ତି। ମେଦିନୀପୁର ଓ ବାଲେଶ୍ୱର ଜିଲ୍ଲାମାନଙ୍କରେ ତାଙ୍କର ବିସ୍ତୃତ ଜମିଦାରୀ। ପ୍ରଜାପୀଡ଼କ ନ ଥିବାରୁ ସମସ୍ତେ ତାଙ୍କୁ ବଡ଼ ସ୍ନେହ ଓ ଭକ୍ତି କରୁଥିଲେ ଓ ତାଙ୍କର ମୃତ୍ୟୁରେ ଅନେକେ ଦୁଃଖିତ ହୋଇଅଛନ୍ତି। ମୃତ୍ୟୁକାଳ ପର୍ଯ୍ୟନ୍ତ ତାଙ୍କର ଜ୍ଞାନ ଥିଲା ଓ ଶେଷ ମୁହୂର୍ତ୍ତରେ ନାରାୟଣ ନାମ ଉଚ୍ଚାରଣ କରି ଇହ ଧାମ ପରିତ୍ୟାଗ କରିଥିଲେ।

---

ଅତ୍ୟନ୍ତ ଦୁଃସମ୍ବାଦ ଯେ ଏଠା ସବ୍‌ଜଜଙ୍କ ଶିରସ୍ତାଦାର ବାବୁ ଗଜେନ୍ଦ୍ରନାରାୟଣ ଦତ୍ତ ଗତ ବୁଧ ଗୁରୁବାରଦିନ ଇହଧାମ ପରିତ୍ୟାଗ କଲେ। ବାବୁ ମହୋଦୟ ପ୍ରାୟ ଛମାସ ହେବ ଅସୁସ୍ଥତା ଭୋଗ କରୁଥିଲେ ଓ ଶରୀର କ୍ରମଶଃ କ୍ଷୀଣ ହେଉଥିଲା ବଲି ପ୍ରାୟ ମାସାବଧି ହେବ କଷ୍ଟ ସୁସ୍ଥତା ଅନୁଭବ କରିବାରୁ ସ୍ତ୍ରୀପୁତ୍ରଙ୍କୁ ଦେଖା ଦେବା କାରଣ ସ୍ୱଗୃହ ଶ୍ରୀରାମପୁରଗ୍ରାମକୁ ଯାଇଥିଲେ। ହଠାତ୍ ସେଠାରେ ଏ ଦୁର୍ଘଟଣା ଘଟିଲା। ସେ ଜଣେ ଦୟାଶୀଳ, ବିନୟୀ ଓ କର୍ମକ୍ଷମ ଲୋକ ଥିଲେ ଏବଂ ଏତଦ୍ଦେଶୀୟ ବଙ୍ଗାଳିଙ୍କ ମଧ୍ୟରେ ଅନେକେ ତାଙ୍କୁ ମାନୁଥିଲେ। ତାଙ୍କର ହଠାତ୍ ମୃତ୍ୟୁରେ ଅନେକେ ଦୁଃଖିତ। ଏ ଦୁଃସମୟରେ ତାଙ୍କର ଭାଇ ବାବୁ ବୈକୁଣ୍ଠନାଥ ଦତ୍ତ ବି, ଏଲ୍‌କୁ ସାହସ ବାନ୍ଧି କାର୍ଯ୍ୟକ୍ଷେତ୍ରରେ ଅଗ୍ରସର ହେବାକୁ ସାନ୍ତ୍ୱନା ଦେଉଅଛୁଁ ଓ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଅଛୁଁ ଯେ ମୃତବ୍ୟକ୍ତିଙ୍କ ପରିବାରବର୍ଗଙ୍କୁ ସାନ୍ତ୍ୱନା ପ୍ରଦାନ କରନ୍ତୁ ଓ ତାଙ୍କର ଆତ୍ମାର ସଦ୍ଗତି ହେଉ।

---

ନିଜାମଙ୍କ ମୁଖ୍ୟ ନଗରୀ ହାଇଦ୍ରାବାଦ ସହରରେ ଇଙ୍ଗ୍‌ଲଣ୍ଡଠାରେ ଗତ ଫେବୃୟାରୀ ମାସ ତା ୨୮ ଅଂଶ ସମୟରେ ଏକ ଶିଶୁ ପ୍ରଦର୍ଶନୀ ହୋଇଥିଲା। ଉକ୍ତ ପ୍ରଦର୍ଶନୀରେ ସହସ୍ରାଧିକ ଶିଶୁ ପ୍ରଦର୍ଶିତ ହେବାକୁ ଆସିଥିଲେ ସେ ସେମାନଙ୍କ ମଧ୍ୟରୁ ୮୦୦ ଗୋଟି ଶିଶୁ ଅଗ୍ରଗଣ୍ୟ ହୋଇଥିଲେ। ଯେଉଁମାନେ ପୁରସ୍କାର ପାଇଲେ ସେମାନଙ୍କ ମଧ୍ୟରୁ ସର୍ବାପେକ୍ଷା ଉତ୍କୃଷ୍ଟ ଶିଶୁର ବୟସ ୭ ମାସ ଏବଂ ଓଜନ ୨୪ ପାଉଣ୍ଡ। ବୃଷ୍ଟିଦେଶୀୟ ଜଣେ ମହିଳା ସର୍ବାପେକ୍ଷା ଅଧିକ ସନ୍ତାନର ଜନ୍ମ ଦେଇଥିବାରୁ ତାଙ୍କୁ ୫୦ ଟଙ୍କା ପୁରସ୍କାର ମିଳିଅଛି। ତାଙ୍କର ଗୋ ୨୨ ଟି ସନ୍ତାନ ଓ ଗୋ ୩୦ ଟି ନାତି ନାତୁଣୀ ଅଛନ୍ତି।— ଯେଉଁ ଦେଶରେ ବାଲ୍ୟ ବିବାହ ପ୍ରଚଳିତ ସେ ଦେଶରେ ଏ ପ୍ରଦର୍ଶନୀ ଲୋକେ ଉପୁଜାଇବେ। ବାଲ୍ୟ ବିବାହ ଯୋଗେ ଏ ଦେଶରେ ଶିଶୁଙ୍କ ମୃତ୍ୟୁ ସଂଖ୍ୟା ଅଧିକ ଏବଂ ଅନ୍ୟ ଦେଶମାନଙ୍କର ଏକତ୍ର ତୁଳନାରେ ଯାହା ଦେଖି ହୁଏ ଯେ ଆମ୍ଭମାନଙ୍କ ଦେଶର ଲୋକମାନେ ଦରିଦ୍ର ହୋଇ ବସିଅଛନ୍ତି ଆଶ୍ଚର୍ଯ୍ୟର ବିଷୟ।

---

ସ୍ଥାନାନ୍ତରରେ ପ୍ରକାଶିତ ପ୍ରେରିତପତ୍ରରୁ ପାଠକମାନେ ଦେଖିବେ ଯେ ଏବର୍ଷର ଏଫ୍, ଏ, ପରୀକ୍ଷାରେ ଓଡ଼ିଆଭାଷାର ପ୍ରଶ୍ନ ଟିକେ ଅନୁଚିତ ହୋଇଅଛି। ପିଲାଙ୍କ ଯୋଗ୍ୟତା ଦେଖିବା ପରୀକ୍ଷକଙ୍କ କାର୍ଯ୍ୟ ହେଲେହେଁ କେବଳ ଓଡ଼ିଆ ଭାଷାସମ୍ବନ୍ଧୀୟ ଜ୍ଞାନ ପରୀକ୍ଷା ଆବଶ୍ୟକ। ସଂସ୍କୃତର ପାଣ୍ଡିତ୍ୟ ଦେଖିବା କଦାପି ବାଞ୍ଛନୀୟ ନୁହଇ। 'ଚମ୍ପୂ' ଅବା 'ଚର୍ବିତ' ଅଥବା 'କେଶିତ' ଶବ୍ଦମାନ ପାଣ୍ଡିତ୍ୟର ପରିଚାୟକ, ତଦ୍ଭାଗ ଓଡ଼ିଆଭାଷା ଜ୍ଞାନର ଲକ୍ଷଣ କି? ଅଭ୍ୟାସ ମିଳକ ନାହିଁ ଜମ୍ଭା ତାହା ଏଫ୍ ଏ ଶ୍ରେଣୀଠାରୁ ଆଶା କରିବା ବୃଥା। ଏଫ୍ ଏ ପରୀକ୍ଷାର୍ଥିଙ୍କ ସକାଶେ ନିର୍ଦ୍ଦିଷ୍ଟ ଥିବା ପୁସ୍ତକମାନଙ୍କ ମଧ୍ୟରୁ ଭାଷାଜ୍ଞାନର ପରୀକ୍ଷା ଯଥୋଚିତରୂପେ ହୋଇପାରେ ଏବଂ ତାହାର ପୁସ୍ତକରୁ ପ୍ରଶ୍ନ ଦେବା ଆବଶ୍ୟକ ହେଲେହେଁ ପିଲାଙ୍କ ଯୋଗ୍ୟତା ଜାଣିବା କାରଣ ଅନେକ ପ୍ରଚଳିତ ଅଥଚ ପିଲାଙ୍କ ପାଠ୍ୟପୁସ୍ତକ ନୁହେ ଏମନ୍ତ ପୁସ୍ତକ ଅଛି। କଠିନ ଶବ୍ଦପୂର୍ଣ୍ଣ ଓ ଯାହାକୁ ଇଂରାଜୀରେ "Johnsonian style" କହନ୍ତି ଏମନ୍ତ ରଚନାରୁ ଗୋଟାଏ ଧରିଦେଲେ କଦାପି ଆଶାନୁରୂପ ଫଳ ମିଳି ନ ପାରେ। ସେ ଯାହାହେଉ ଆମ୍ଭେମାନେ ପରୀକ୍ଷକମହୋଦୟଙ୍କୁ ନମ୍ବର ଦେବା ସମୟରେ ବିବେଚନା କରିବା କାରଣ ଅନୁରୋଧ କରୁଅଛୁଁ।

—o—

ପଞ୍ଜାବ ପ୍ରଦେଶ ଲାହୋରର ବ୍ରାହ୍ମସମାଜ ହିନ୍ଦୁ ବିଧବାଙ୍କ ହିତାର୍ଥେ 'ଅମୃତସର ବିଧବା ଭବନ' ନାମରେ ଅମୃତସରରେ ଗୋଟିଏ ବିଧବା ଆଶ୍ରମ ପ୍ରତିଷ୍ଠା କରିଅଛନ୍ତି। ଏଥି ସକାଶେ ସେହି ନଗରର ସୁପରିଚିତ ଡାକ୍ତରଙ୍କ ଲାଲା ସୁନ୍ଦର ଦାସ ଖନ୍ନା ଗୋଟିଏ ପ୍ରଶସ୍ତ ଗୃହ ଦାନ କରିଅଛନ୍ତି ଏବଂ ଭାରତବର୍ଷର ଗୋଟରନ-ସେଜୀ ଇନସ୍ପେକ୍ଟର ଓ ପଞ୍ଜାବ ବ୍ରାହ୍ମସମାଜର ସଭ୍ୟ ଲାଲ ସୁନ୍ଦରଦାସଙ୍କ ଓ ତାହାଙ୍କ ସହଧର୍ମିଣୀ ସେହି ଭବନର କାର୍ଯ୍ୟଭାର ଗ୍ରହଣ କରିଅଛନ୍ତି। ଅନ୍ୟାନ୍ୟ ଦାତାଙ୍କ ମଧ୍ୟରେ ଲୁଧିଆନା ବ୍ରାହ୍ମସମାଜର ଲାଲ କୃପାଳସିଂହ ବି, ଏ, ୫୦୦ ଟଙ୍କା ଦାନ କରିଅଛନ୍ତି। ଏଠାରେ ହିନ୍ଦୁ ବିଧବାମାନଙ୍କୁ ପ୍ରାଥମିକ ପାଠ ସଙ୍ଗେ ଲୁଗା ସିଲାଇ ବା ମୋଜା ପ୍ରଭୃତି ବୁଣିବା, ଜାଲ ବୁଣିବା ଇତ୍ୟାଦି ଶିକ୍ଷା ଦିଆଯିବ ଏବଂ ସେମାନଙ୍କର ଜାତି ଓ ସାମାଜିକ ନିୟମ ପ୍ରତି କୌଣସି ହସ୍ତକ୍ଷେପ କରାଯିବ ନାହିଁ। କୌଣସି ବିଧବାକୁ ଆଶ୍ରମରେ ଭରତି କରିବା ପୂର୍ବେ ତାହାର ଚରିତ୍ର ବିଷୟରେ ଯଥୋଚିତ ଅନୁସନ୍ଧାନ କରାଯିବ। ସଭ୍ୟ ଆଶା କରନ୍ତି ଯେ ସର୍ବସାଧାରଣ ଏହି ହିତକାର୍ଯ୍ୟରେ ଅର୍ଥ ଏବଂ ଅନ୍ୟାନ୍ୟ ପ୍ରକାରେ ସାହାଯ୍ୟ କରିବେ ଏବଂ ଯେ ଯାହା ଦେବାକୁ ଇଚ୍ଛା କରିବେ ତାହା ସେହି ଆଶ୍ରମର ସମ୍ପାଦକ ଶ୍ରୀ କାଶିରାମ ଦୁଷ୍ଟ ଓ ଧର୍ମଦାସ ସୁରଙ୍କ ନାମରେ ଲାହୋର ଠିକଣାରେ ପଠାଇବେ।

---

ଗଞ୍ଜାମଗୁଣଦର୍ପଣରେ ଆନନ୍ଦ ସହିତ ପାଠ କଲୁଁ ଯେ ଗଞ୍ଜାମର ପ୍ରଧାନ ନଗର ବରହମପୁରର ନାନା ସ୍କୁଲରେ ପଢ଼ିବା କାରଣ ଭିନ୍ନ ସ୍ଥାନରୁ ଆସିବା ଗରିବ ଓଡ଼ିଆ ଛାତ୍ରମାନେ ବସାଘର କଷ୍ଟ ଅନୁଭବ କରିବାର ଅବଗତ ହୋଇ ବୁଢ଼ି ସୌମଣ୍ଡିର ବଦାନ୍ୟ ରାଜା ଦଶ ହଜାର ଟଙ୍କା ବ୍ୟୟରେ ଗୋଟିଏ ଉପଯୁକ୍ତ ବସାଘର ନିର୍ମାଣ କରିବାର ସଂକଳ୍ପ କରିଅଛନ୍ତି। ରାଜାମହୋଦୟଙ୍କର ଅନେକ ଦାନ ମଧ୍ୟରେ ଏହା ଗୋଟିଏ ଉତ୍କୃଷ୍ଟ ଦାନ ଅଟେ ଏବଂ ଏହି ଛାତ୍ରାବାସ ଶୀଘ୍ର ନିର୍ମିତ ହେବାର ଆମ୍ଭେମାନେ କାମନା କରୁଁ। ବରହମପୁର କଲେଜର ଗୋଟିଏ ଉତ୍ତମ ଛାତ୍ରାବାସ ଅଛି। ବୋଧ ହୁଏ ତାହା ସେହି କଲେଜର ପିଲାମାନଙ୍କ ସକାଶେ ଏକା ଅଟେ। ଆମ୍ଭମାନଙ୍କ ବିବେଚନାରେ ପ୍ରସ୍ତାବିତ ଛାତ୍ରାବାସ ତହିଁ ସଂଲଗ୍ନରେ ହେଲେ ଭଲ ହେବ। ଭିନ୍ନ ସ୍କୁଲର ଭିନ୍ନ ଜାତିର ପିଲାମାନେ ଏକତ୍ର ବାସ କରି ବିଦ୍ୟାଧ୍ୟୟନ କଲେ ସେମାନଙ୍କ ମଧ୍ୟରେ ଯେଉଁ ମିତ୍ରତା ଜନ୍ମିବ ତାହା ଏମନ୍ତ ଗାଢ଼ ହେବ ଯେ ଜୀବନ ସ୍ୱପ୍ନାଯାଏ ସ୍ଥିର ରହିବ ଏବଂ ତାହା ସାମାଜିକ ଓ ନୈତିକ ଉନ୍ନତିର ବିଶେଷ ସାହାଯ୍ୟ କରିବ

Split by PDF Splitter



ଏତଦ୍ ସ୍ଥାପନ ଓ ପରସ୍ପରଙ୍କର ପ୍ରଧାନ ଉଦ୍ଦେଶ୍ୟ ଶିକ୍ଷାଦାନ ବୋଲି ଆମ୍ଭେମାନେ ବିବେଚନା କରୁଁ ।

—୦—

ଉଚ୍ଚ ଇଂରାଜୀ ସ୍କୁଲର ପ୍ରବେଶିକା ପରୀକ୍ଷା ଗତ ସୋମବାର ଆରମ୍ଭ ହୋଇ ଶେଷ ହୋଇଅଛି । ଓଡ଼ିଶାର ଉକ୍ତ ସ୍କୁଲ ସମସ୍ତଙ୍କ କଟକ ଓ ବାଲେଶ୍ୱର କେନ୍ଦ୍ରୀଭୂତ ହୋଇଅଛି । ଉକ୍ତ ଦୁଇ କେନ୍ଦ୍ରରେ ଯେଉଁ ଯେଉଁ ସ୍କୁଲରୁ ଯେତେ ଛାତ୍ର ଓ ବାହାର ଛାତ୍ର ଓ ଶିକ୍ଷକ ପରୀକ୍ଷା ପ୍ରଦାନ କରିଥିଲେ ସେମାନଙ୍କ ତାଲିକା ନିମ୍ନେ ପ୍ରଦତ୍ତ ହେଲା ।

| କଟକକେନ୍ଦ୍ରର ସ୍କୁଲର ନାମ | ଛାତ୍ରସଂଖ୍ୟା |
|---|---|
| କଟକ ରେଭେନ୍ସା କଲେଜିୟେଟ୍ ସ୍କୁଲ | ୪୧ |
| „ ପ୍ୟାରୀମୋହନ ଏକାଡେମୀ | ୪୮ |
| „ ଷ୍ଟୁଆର୍ଟ ଇନ୍‌ଷ୍ଟିଚ୍ୟୁଟ | ୩୨ |
| „ ମିଶନସ୍କୁଲ | ୧୭ |
| ଯାଜପୁର ଉଚ୍ଚ ଇଂରାଜୀସ୍କୁଲ | ୫ |
| କେନ୍ଦ୍ରାପଡ଼ା „ | ୯ |
| ସମ୍ବଲପୁର „ | ୪ |
| ଢେଙ୍କାନାଳ „ | ୬ |
| ଖୋର୍ଦ୍ଧା „ | ୯ |
| ପୁରୀଜିଲା ସ୍କୁଲ | ୧୪ |
| ବାହାରଛାତ୍ର | ୨୧ |
| „ ଛାତ୍ରୀ | ୧ |
| ଶିକ୍ଷକ | ୫ |
| ମୋଟ | ୨୧୨ |

| ବାଲେଶ୍ୱର କେନ୍ଦ୍ର ସ୍କୁଲର ନାମ | ଛାତ୍ରସଂଖ୍ୟା |
|---|---|
| ବାଲେଶ୍ୱର ଖ୍ରୀଷ୍ଟିୟାନ ଉଚ୍ଚ ଇଂରାଜୀସ୍କୁଲ | ୭ |
| ଭଦ୍ରକ „ | ୧୩ |
| ମୟୂରଭଞ୍ଜ „ | ୧୮ |
| ଲକ୍ଷ୍ମଣନାଥ „ | ୫ |
| ବାଲେଶ୍ୱର ଜିଲାସ୍କୁଲ | ୨୪ |
| ବାହାରଛାତ୍ର | ୪ |
| ମୋଟ | ୭୧ |
| ସର୍ବମୋଟ | ୨୮୩ |

ବଙ୍ଗ ପ୍ରଦେଶର ଅନେକ ସ୍ଥାନରେ କାୟସ୍ଥମାନେ ଶାସ୍ତ୍ର ବିଧାନ ଅନୁସାରେ ଯଜ୍ଞ କରି ଉପନୟନ ସଂସ୍କାର ଗ୍ରହଣ କରୁଅଛନ୍ତି ଓ ଏ ସମ୍ବାଦମାନ ପ୍ରାୟ ପ୍ରତିସପ୍ତାହରେ କଲିକତାର ସାପ୍ତାହିକ ପତ୍ରିକା "ଅମୃତବଜାର ପତ୍ରିକା" ରେ ପ୍ରକାଶିତ ହେଉଅଛି । ଗତ ମାଘମାସ ଆରମ୍ଭରୁ ଯେଉଁ ଯେଉଁ ସ୍ଥାନରେ କାୟସ୍ଥୋପନୟନ ହୋଇଥିଲା ଓ କେତେ ହୋଇଅଛି ତାହା ଉକ୍ତ ପତ୍ରିକାରୁ ଉଦ୍ଧୃତ କଲୁଁ ।

ଗତ ମାଘମାସ ତା ୧୨ ଖରେ କଲି-କତା ହାଇକୋର୍ଟର ଶ୍ରୀଯୁକ୍ତ ଯୋଗେଶଚନ୍ଦ୍ର ଦତ୍ତ ଓ ଗତ ଏବଂ ଶେଷଫାଲ୍‌ଗୁନ ଢାକାପୁରର ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ଦତ୍ତ ଓ ତା ୧୮ ଖରେ ରାଜସାହି ନିବାସୀ ଶ୍ରୀଯୁକ୍ତ ସତ୍ୟକୁମାର ସରକାର ନିଜ ପୁତ୍ର ଶଶୀଶେଖର ସହିତ ୭୦ ବର୍ଷ ବୟଃକ୍ରମରେ ରାଜସାହୀ କାୟସ୍ଥ ସମିତିର ଉପନୟନ କେନ୍ଦ୍ରରେ ରାଜସାହିର ୩ଜଣ, ପାବନାର ୬ଜଣ, ଫରିଦପୁରର ଏକଜଣ, ଢାକାର ଜ ୩ ଣ, ବାଙ୍କୁଡ଼ାର ଜ ୩ ଣ ଓ ନଦୀୟାର ଜ ୧ ଣ, ପାବନାର ଉପନୟନ କେନ୍ଦ୍ରରେ ୪୦ ଜଣ, କଲିକତା ସହରର ଶ୍ରୀ ଅବିନାଶଚନ୍ଦ୍ର ଘୋଷ ବର୍ମାଙ୍କ ଉପନୟନ କେନ୍ଦ୍ରରେ ବର୍ଦ୍ଧମାନ, ଶ୍ରୀରାମପୁର ରଙ୍ଗପୁର, ଯଶୋହର ଓ ନଦୀୟାର ୭ ଜଣ, ଗତ ଫାଲ୍‌ଗୁନମାସ ତା ୧୧ ଖରେ ରଙ୍ଗପୁରରେ ଜ ୧୧ ଣ ଓ କଲିକତାର ଉପନୟନ କେନ୍ଦ୍ରରେ ଜ ୯ ଣ କାୟସ୍ଥ ଓ ପାବନାଜିଲ୍ଲାନ୍ତର୍ଗତ ମାଲଞ୍ଚି ଗ୍ରାମରେ ଜ ୧୯ଣ, କୁଷ୍ଟିୟା ଅନ୍ତର୍ଗତ ଚଣ୍ଡଲିୟା ଗ୍ରାମରେ ଜ ୧୮ଣ ଓ ପୁଣି ସହରରେ ଚାଓ୍ୱାଲର ଜମିଦାର ରାଜର୍ଷି ଶ୍ରୀଯୁକ୍ତ ବନମାଳୀରାୟ ବାହାଦୁର ମହାଶୟଙ୍କ ଜ୍ୟେଷ୍ଠପୁତ୍ର ସହ ଜ ୪ ଣ କାୟସ୍ଥମାନେ ଶାସ୍ତ୍ରବିଧି ପୂର୍ବକ ଯଜ୍ଞୋପବୀତ ଗ୍ରହଣ କରିଥିଲେ ।

ଏତଦ୍ଭିନ୍ନ ବଙ୍ଗଳାର ବହୁତ ପ୍ରଭୃତି ନାନା ସ୍ଥାନରେ କାୟସ୍ଥ ସଭା ହୋଇ କାୟସ୍ଥର ଜାତି କ୍ଷତ୍ରିୟତ୍ୱ ପ୍ରତିପାଦନ ହୋଇଥିବା ସ୍ଥଳେ ଶାସ୍ତ୍ରାନୁଯାୟୀ ଉପବୀତ ଗ୍ରହଣ, ଅଶୌଚ ପାଳନ ଓ ଅନ୍ୟାନ୍ୟ ବିଷୟରେ କ୍ଷତ୍ରିୟାଚାର ପାଳନର ପ୍ରସ୍ତାବ ଗୃହୀତ ହୋଇଅଛି । ଏଥିରୁ ସ୍ପଷ୍ଟ ପ୍ରକାଶ ଯେ ବଙ୍ଗ ଦେଶରେ କାୟସ୍ଥୋପନୟନ ସ୍ରୋତ ଧୀରେ ଧୀରେ କ୍ରମଶଃ ବୃଦ୍ଧି ରୂପରେ ଚଳୁଅଛି ଓ କାୟସ୍ଥ ଜାତି କ୍ଷତ୍ରିୟତ୍ୱ ପ୍ରତିପାଦନ ପ୍ରସ୍ତାବକୁ କାର୍ଯ୍ୟରେ ପରିଣତ କରିବାରେ ଯତ୍ନଶୀଳ ହୋଇଅଛନ୍ତି ।

———

ମାନ୍ଦ୍ରାଜ ପ୍ରଦେଶର ପ୍ରୋଫେସର ରାମମୂର୍ତ୍ତି ନାଇଡୁ ଜଣେ ଅସାଧାରଣ ବୀର । କଲିକତାରେ ନାନା କୌଶଳ ଦେଖାଇ ଯଶଲାଭ କରିଅଛନ୍ତି । ତାଙ୍କ ସାମର୍ଥ୍ୟ ଦେଖି ଲୋକେ ଚମତ୍କୃତ ଏହା ସାମାନ୍ୟ କ୍ଷମତା ନୁହେ । ଅଧ୍ୟାପକ ରାମମୂର୍ତ୍ତି ମହୋଦୟ ପ୍ରକୃତ ବଳରେ ବର୍ତ୍ତମାନ ଭାରତବର୍ଷରେ ସର୍ବ ପ୍ରଥମ ସ୍ଥାନ ଅଧିକାର କରିଅଛନ୍ତି । ଗତମାସ ତା ୧୨ ଖରେ କଲିକତାର ମୟୂଦାନଠାରେ ତାଙ୍କର ବଳ ପରୀକ୍ଷା ହୋଇଥିଲା । କଲିକତାବାସୀ ଏକ, ଦୁର୍ଯ୍ୟା ମହାଶୟ ନୂତନ ଜଟିଳ କାର୍ଯ୍ୟରେ ୫୮୦୦ ଟଙ୍କାର ପୁରସ୍କାର ଦେବା କାରଣ ପ୍ରସ୍ତୁତ ହୋଇଥିଲେ । ମାତ୍ର ସେତେ ମୋଟ ନୂତନ ଜଟିଳ କାର୍ଯ୍ୟକାରଣ ରାମମୂର୍ତ୍ତି ମହୋଦୟ ପ୍ରଥମ ଥରରେ ସମସ୍ତଙ୍କୁ ଅବାକ୍ କରି ଜଟିଳ ଚକ୍ରର ଦ୍ୱିଗୁଣ ମୋଟ ଥିଲା । ଏହା ଦେଖି ରାମମୂର୍ତ୍ତି ମହୋଦୟ ପ୍ରକାଶ କଲେ ସେ ଜଞ୍ଜିରଟି ଅଧିକ ମୋଟା ହୋଇଥିବା ହେତୁ ସେ ତାହା ଛିନ୍ନ କାରଣ ପ୍ରଚେଷ୍ଟା କରି ନ ପାରନ୍ତି ମାତ୍ର ଚେଷ୍ଟା କରିବେ । ଏଥିରୁ ଦୁର୍ଯ୍ୟା ମହାଶୟ କହିଲେ ଯେ ତାହା ଛିନ୍ନ ହେଲେ ସେ ହଜାରେ ଟଙ୍କା ପୁରସ୍କାର ଦେବେ । ଏବଂ ସ୍ଥିର ହେଲାରୁ ରାମମୂର୍ତ୍ତି ମହୋଦୟ ଯାହାଥରେ ଚେଷ୍ଟା କରି ଜଞ୍ଜିର ଛିନ୍ନ କଲେ । ଦର୍ଶକମାନଙ୍କ ମଧ୍ୟରେ ମହାନନ୍ଦର ସ୍ରୋତ ଉଠିଲା । ଏବଂ ଦୁର୍ଯ୍ୟା ମହାଶୟ ସହର୍ଷ ଚିତ୍ତରେ ସହସ୍ର ମୁଦ୍ରା ପ୍ରଦାନ କଲେ । ଶ୍ରୀରାମଚନ୍ଦ୍ରଙ୍କର ବଳ ପ୍ରକୃତ ଥିଲା ଏବଂ ରାମମୂର୍ତ୍ତି ମହୋଦୟ ବର୍ତ୍ତମାନ ଦେଖାଇ ନାମର ସାର୍ଥକତା ଦେଉଅଛନ୍ତି । ଶରୀରରେ ଏମନ୍ତ ବଳ ଏହା ବ୍ରହ୍ମଚର୍ଯ୍ୟପ୍ରଭାବ ହୋଇପାରେ । ବ୍ରହ୍ମଚର୍ଯ୍ୟ ସାଧନଦ୍ୱାରା ଶ୍ରୀ ଚୈତନ୍ୟଦେବଙ୍କ ଶରୀରରେ ପ୍ରକୃତ ବଳ ଥିଲା ଏବଂ ସେ ନୀଳଚାଳର ରଥରେ ଗଣ୍ଡାଗଣ୍ଡ ଏପାଖ ସେପାଖ କରୁଥିଲେ । ଦୁଃଖର ବିଷୟ ଯେ ଆମ୍ଭମାନଙ୍କର ଯୁବକମାନେ ବ୍ରହ୍ମଚର୍ଯ୍ୟ ବ୍ରତକୁ ଅବହେଳା କରି ବଳଶୂନ୍ୟ ହୋଇ ଅକାଳମୃତ୍ୟୁରେ ପଡ଼ୁଅଛନ୍ତି ।

ପଟ୍ଟଲଡଙ୍ଗାର ବ୍ୟାୟାମ ସମିତି ବ୍ୟାଟକଙ୍କ ସହେ ସମ୍ମାନ କରିଥିଲେ । କଥା-ପ୍ରସଙ୍ଗରେ ସେ କହିଲେ "ଭାରତବାସୀ ଦେଶୀୟ ପ୍ରାଚୀନ ପ୍ରଥାନୁଯାୟୀ ବ୍ରହ୍ମଚର୍ଯ୍ୟ ତ୍ୟାଗ କରି ଦୁର୍ବଳ ହୋଇଅଛନ୍ତି । ବାଲ୍ୟ ବିବାହ ଓ ଅପ୍ରାପ୍ତବୟସ୍କ ବୟସରେ ସନ୍ତାନୋତ୍ପାଦନ ଭାରତ-ବାସୀର ଶାରୀରିକ ଦୁର୍ବଳତାର ଗୋଟିଏ ପ୍ରଧାନ କାରଣ । ଶରୀର ବଳଶାଳୀ ହେବାକୁ ଇଚ୍ଛା କଲେ ଚିତ୍ତ ସଂଯମ ରଖିବା ନିତାନ୍ତ ଆବଶ୍ୟକ" । ପ୍ରକୃତ କଥା । ଯେଉଁ ସମାଜର ଲୋକମାନେ କନ୍ୟାର ବୟସ ଦ ୧୦।୧୧ ବର୍ଷ ହେଲେ ତାହାଙ୍କୁ ବିବାହ ନ ଦେଲେ ସ୍ଥିର ହୋଇ ପାରନ୍ତି ନାହିଁ ଓ ସମାଜ ବା କୌଣସି ଅଧିକ ବୟସର ବର ପାଇଲେ ଲଣ୍ଡଭଣ୍ଡ ହୋଇ ବିବାହ ଦିଅନ୍ତି ସେ ସମାଜର ଶାରୀରିକ ଅବସ୍ଥା କାହିଁ ଭଲ ହେବ ? ଶରୀରର ରକ୍ଷା ପ୍ରଥମଧର୍ମ । ଅକାଳେ ବିବାହ ଓ ବାର୍ଦ୍ଧକ୍ୟ ଯେଉଁମାନେ ଭାରତବର୍ଷ ଜନେକର ଅସ୍ୱସ୍ଥତା ଓ କ୍ଷୀଣଶକ୍ତିର କାରଣ ହୋଇଅଛନ୍ତି ସେମାନଙ୍କଦ୍ୱାରା କୌଣସି ଧର୍ମ ସାଧନର ଆଶା ନାହିଁ । ବାସ୍ତବରେ ବଂଶ-ରକ୍ଷାପାଇଁ ବିବାହ ଧର୍ମସିଦ୍ଧ ହେଉଅଛି ।

—୦—

Digitized by srujanika@gmail.com

ମିଉନିସିପାଲିଟିର ନିର୍ବାଚନ ।

ଆଜ ଏଠା ମିଉନିସିପାଲିଟିର କମିଶନର ନିର୍ବାଚନର ଦିନ । ଅମ୍ଭେମାନେ ପୂର୍ବେ ଭୋଟମାନ ଦାତାମାନଙ୍କୁ ସ୍ୱାଧୀନଭାବେ ଉପଯୁକ୍ତ ଲୋକ ବାଛି ତାଙ୍କର ସପକ୍ଷରେ ମତ ଦେବା କାରଣ ଜଣାଇ ଦେଇଅଛୁଁ । ଅମ୍ଭମାନଙ୍କ ଲେଖାନୁସାରୀ କେତେକ ସ୍ଥାନରେ ପ୍ରାର୍ଥୀମାନଙ୍କ ଅନୁଷ୍ଠାନମତେ ଏବଂ କେତେକ ସ୍ଥଳରେ ଭୋଟଦାତାମାନେ ଆପଣା ମଧ୍ୟରେ ସଭା କରି ନିଜ ନିଜର ମଧ୍ୟ କରିଥିବାର ଅବଗତ ହେଲୁଁ । ଗତ ରବିବାରଦିନ ବାବୁ ହିବାସ୍ୱଲାଲ ପଣ୍ଡିତଙ୍କ କୋଠା ନିକଟରେ ଯେଉଁ ସଭା ହୋଇଥିଲା ତହିଁରେ ଅଳ୍ପ ସଂଖ୍ୟକ ଅର୍ଥାତ୍ ବୃତିଶ ମାତ୍ର ଲୋକେ ଉପସ୍ଥିତ ଥିଲେହେଁ ମାନ୍ୟବର ମଧୁସୂଦନ ଦାସ ସି, ଆଇ, ଇ ପ୍ରଭୃତି କେତେକ ଭଦ୍ରଲୋକ ବକ୍ତୃତାଦ୍ୱାରା ଭୋଟଦାତାମାନଙ୍କ ଅନୁରୋଧ ଉପରୋଧ ଅଥବା ଖୋଷାମୋଦ ଲେମନେଡ଼, ମିଠାଇ ଓ ହୁକୋର ଅପ୍ରତି ଦୃଷ୍ଟି ନ ରଖି ସେମାନଙ୍କ ମତରେ ଉପଯୁକ୍ତ ପ୍ରାର୍ଥୀଙ୍କ ସପକ୍ଷେ ଭୋଟ ଦେବାକାରଣ ବୁଝାଇ ଦେଇଅଛନ୍ତି ଏବଂ ଭୋଟଦାତାମାନେ ମଧ୍ୟ ସେ ସବୁରେ ଦୃଷ୍ଟି ନ ରଖି ସ୍ୱାଧୀନଭାବେ ଭୋଟ ଦେବାକାରଣ କୃତସଙ୍କଳ୍ପ ହୋଇଅଛନ୍ତି । ଆଜ ତହିଁର ପରୀକ୍ଷାର ଦିନ ଏବଂ ତଥା ବଳ ହୃଦଭ ଗୁଣି ବଳ ଫଳ ଜାଣିଲା ପରେ ଅଜ ସେମାନେ ନିର୍ବାଚନଦ୍ୱାରା ଯେପରି ଫଳ ଦେଖି ବୁଝିବେ ସେହିପରି ବର୍ଷ ୩ ଏଁ ମହାଶୟ ଫଳ ଭୋଗ କରିବେ । ଯଦି ଜନ ବୁଦ୍ଧି ଦୋଷରେ ଲୋକ ବାଛିବାରେ ଭୁଲ କରିବେ ତେବେ ବାକ୍ସଶା ବିଷୟରେ ଦଣ୍ଡ ଭୋଗିବାକୁ ହେବ । ଏଥିପାଇଁ ଅମ୍ଭେମାନେ ପୁଣି ସେମାନଙ୍କୁ ସାବଧାନ କରି ଦେଉଅଛୁଁ । ଭିନ୍ନ ଭିନ୍ନ ଯେଉଁ ସ୍ଥାନରେ ଯେ ଯେ ବ୍ୟକ୍ତି ମତ ସଞ୍ଚୟ କରିବେ ତାହା ନିମ୍ନରେ ପ୍ରକାଶିତ ହେଲା ।

ୱାର୍ଡ ବା ସେଠାରେ ଯେ ଯେ ଠିଆ ହେବେ

୧ ଶ୍ରୀନଗରୀକ ବାଲଢାକୁଲ ମି, ଏସ, ସି, ଗସ୍ତ ବାଉଷ୍ଟିଲ

୨ ଜମିଇସୁଲ ବାବୁ କୃଷ୍ଣଚନ୍ଦ୍ରଘୋଷ

୩ ବିନୋଦବିହାରୀ ବାବୁ ଦେବେନ୍ଦ୍ରଚନ୍ଦ୍ର ସେନ

୪ ମିଉନିସିପାଲିଟିଖାନା ବାବୁ ବିଶ୍ୱନାଥ ସିଂହ

୫ ପି: ଏମ୍ ଏକାଡେମୀ ବାବୁ ବ୍ରଜାନନ୍ଦ ଦାସ

୬ ମିଉନିସିପାଲଭବନ ବାବୁ ଅନନ୍ତକୁମାର ଦାସ ଗୁପ୍ତ

୭ ଟାଉନଲାଇବ୍ରେରୀ ହଲ ବାବୁ ଶ୍ୟାମସୁନ୍ଦର ବସୁ

୮ ବାଉସିଡିଙ୍ଗ ଗୁପ୍ତଙ୍କ ଗୋଦାମ ଏବଂ ଓଡ଼ିଶାର ମହାନନ୍ଦ ଓଝା

୯ କୋଇଲେଶ ଗୋଦାମ ବାବୁ ଶରତ୍ଚନ୍ଦ୍ର ଶୂର

ଆଜ ଦିବା ୯ ୧୨ ଘଣ୍ଟା ଠାରୁ ୪ ୫ ଘଣ୍ଟା ପର୍ଯ୍ୟନ୍ତ ଭୋଟରମାନେ ଉପରୋକ୍ତ ସ୍ଥାନରେ ଉପସ୍ଥିତ ହୋଇ ଆପଣାର ଭୋଟ ଦେଇ ଦେବେ । ୪ ୫ ଘଣ୍ଟା ଉତ୍ତାରୁ ଆଉ କାହାର ଭୋଟ ନିଆ ଯିବ ନାହିଁ । ସୁତରାଂ ଭୋଟରମାନଙ୍କ ତତ୍ପର ହୋଇ କାର୍ଯ୍ୟ କରିବା କାରଣ ଅମ୍ଭେମାନେ ଅନୁରୋଧ କରୁଅଛୁଁ ।

ବିଶ୍ୱବିଦ୍ୟାଳୟର ଉପାଧି ସଭା ।

ଗତ ଶନିବାର ତା ୧୩ ରଖ ଅପରାହ୍ଣ କାଳରେ କଲିକତା ବିଶ୍ୱବିଦ୍ୟାଳୟର ବାର୍ଷିକ ଉପାଧି ବିତରଣ ସଭା ପୂର୍ବ ପ୍ରଥାନୁସାରେ ସେନେଟ ଗୃହରେ ହୋଇଥିଲା । ଦେଶୀୟ ଏବଂ ୟୁରୋପୀୟ ଅନେକ ଭଦ୍ରଲୋକ ଓ ମହିଳାବୃନ୍ଦ ସଭାସ୍ଥଳରେ ଉପସ୍ଥିତ ହୋଇଥିଲେ ଏବଂ ଅମ୍ଭମାନଙ୍କ ଲେଫ୍ଟେନାଣ୍ଟ ଓ ବଡ଼ଲାଟ ମହୋଦୟମାନେ ମଧ୍ୟ ସମୁପସ୍ଥିତ ଥାଇ ସଭା ଅଳଂକୃତ କରିଥିଲେ । ଲେଫ୍ଟେନାଣ୍ଟ ମହୋଦୟ ବିଶ୍ୱବିଦ୍ୟାଳୟର ରେକ୍ଟର ଏବଂ ବଡ଼ଲାଟ ଚାନ୍ସେଲର ଅଟନ୍ତି । ଚାନ୍ସେଲର ମହୋଦୟ ଯଥାରୀତି ଅଭ୍ୟର୍ଥିତ ହୋଇ ସଭାସ୍ଥ ହେଲାରୁ ଭିନ୍ନ ଭିନ୍ନ କଲେଜର ଅଧ୍ୟକ୍ଷମାନେ ଆପଣା ଆପଣା କଲେଜରୁ ବି ଏ ଓ ଏମ ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ଓ ଛାତ୍ରୀମାନଙ୍କୁ ଗୋଟି ଗୋଟି ଉପସ୍ଥିତ କଲାରୁ ସହକାରୀ ଚେନ୍ସେଲର ଡକ୍ଟର ଆଶୁତୋଷ ମୁଖୋପାଧ୍ୟାୟ ମହୋଦୟ ସେମାନଙ୍କୁ ସନଦ ପ୍ରଦାନ କଲେ । ଏମାନଙ୍କର ସଂଖ୍ୟା ଶତାଧିକ ଅଟେ ଏବଂ ତାଙ୍କ ମଧ୍ୟରେ ଗୋ ୫ ଟି ଛାତ୍ରୀ ଥିଲେ । ଏମ ଏ ପରୀକ୍ଷାରେ ସର୍ବସୁଦ୍ଧା ଜ ୧୨ ଣ ସୁବର୍ଣ୍ଣ ଏବଂ ଜ ୨ ଣ ରୌପ୍ୟ ନିର୍ମିତ ପଦକ ପାଇଥିଲେ । ଏମାନଙ୍କ ମଧ୍ୟରୁ ସୁବିଖ୍ୟାତ ଗଣିତଜ୍ଞ ବାବୁ ହରନାଥ ଦେ ମହାଶୟ ଉଲ୍ଲେଖ ଯୋଗ୍ୟ । ଏ ମହାଶୟ ଇଂରାଜୀ, ଫରାସୀ, ଲାଟିନ, ଗ୍ରୀକ, ହିବ୍ରୁ, ପାରସୀ, ଆରବୀ ପ୍ରଭୃତି ନାନା ଭାଷାରେ ଏମ ଏ ଉପାଧିରେ ଭୂଷିତ ହୋଇ ବଙ୍ଗଳା ଲାଇବ୍ରେରୀର ଅଧ୍ୟକ୍ଷ ସ୍ୱରୂପ କାର୍ଯ୍ୟ କରୁଅଛନ୍ତି ଏବଂ ବର୍ତ୍ତମାନ ବୈଦିକ ସଂସ୍କୃତରେ ସର୍ବପ୍ରଥମ ସ୍ଥାନ ଅଧିକାର କରି ପଦକ ପ୍ରାପ୍ତ ହୋଇଅଛନ୍ତି । ଏମନ୍ତ ଭାଷାବିତ୍ ଅତି ଅଳ୍ପ ଲୋକଙ୍କର ଅଛି ଏବଂ ବୋଧ ଏମନ୍ତ ଉଦାହରଣ ପାଇ ପୃଥିବୀରେ ଧନ୍ୟ ହୋଇଅଛୁ । ବି ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କ ମଧ୍ୟରୁ ଜ ୧୦ ଣ ସୁବର୍ଣ୍ଣମୟ ଏବଂ ଜ ୩ ଣ ରୌପ୍ୟମୟ ପଦକ ପାଇଲେ । ଏମାନଙ୍କ ମଧ୍ୟରୁ ମନୋବିଜ୍ଞାନ ଶାସ୍ତ୍ରରେ ସର୍ବପ୍ରଥମ ହୋଇଥିବା ଏଠା ରେଭେନ୍ସା କଲେଜର ଛାତ୍ର ବିପିନବିହାରୀ ସାହୁଙ୍କ ନାମ ଉଲ୍ଲେଖ ଯୋଗ୍ୟ । ଏ ହେମନ୍ତକୁମାର ଓ ଦେବେନ୍ଦ୍ରଚନ୍ଦ୍ରଙ୍କ ପ୍ରଦତ୍ତ ଗୋ ୨ ଟି ସୁବର୍ଣ୍ଣ ପଦକ ପାଇଅଛନ୍ତି । ସେହିପରି ଆଇନ ପରୀକ୍ଷାରେ ଜଣେ ଏମ, ଏଲ ଓ ଜ ୨ ଣ ବି ଏଲ ପରୀକ୍ଷୋତ୍ତୀର୍ଣ୍ଣ ହୋଇ ସୁବର୍ଣ୍ଣ ପଦକ ପାଇଥିଲେ । ଡାକ୍ତରୀ ପରୀକ୍ଷାରେ ଜଣେ ସୁନା ଓ ରୂପାର ଗୋ ୨ ଟି ଏବଂ ଜଣେ ଗୋଟିଏ ରୂପାର ପଦକ ପାଇଲେ । ଇଞ୍ଜିନିୟରିଂ ପରୀକ୍ଷାରେ ଜଣେ ଗୋ ୨ ଟି ସୁବର୍ଣ୍ଣ ନିର୍ମିତ ଓ ଜଣେ ଗୋଟିଏ ରୌପ୍ୟ ନିର୍ମିତ ପଦକ ପାଇଲେ । ପ୍ରେମଚାନ୍ଦ ରାୟଚାନ୍ଦ ପରୀକ୍ଷାରେ ପଦକ ପାଇଥିବା ଛାତ୍ରଙ୍କ ନାମ ନବଗୋପାଳ ବସାକ ଅଟେ । ଏ ମହାଶୟ ଚନ୍ଦ୍ର କୁଳରେ ଜନ୍ମ ହୋଇଥିଲେ ସୁଦ୍ଧା ସଂସ୍କୃତରେ ବ୍ରାହ୍ମଣଙ୍କ ଅପେକ୍ଷା ଯୋଗ୍ୟ ହୋଇଅଛନ୍ତି । ସୁତରାଂ ଶୂଦ୍ରଦ୍ୱାରା ଶାସ୍ତ୍ର ପଢ଼ିବା ହେବାର ସେ ବୈଦିକ ମନ୍ତ୍ର ଅଛି ତାହା ଏତଦ୍ଦ୍ୱାରା ପ୍ରମାଣିତ ହେଲା । ଉପାଧି ସନଦ ଓ ପଦକମାନ ପ୍ରଦତ୍ତ ହେଲା ଉତ୍ତାରୁ ସହକାରୀ ଚେନ୍ସେଲର ମହୋଦୟ ବକ୍ତୃତା କରିଥିଲେ । ସେ ପ୍ରଥମରେ ବିଶ୍ୱବିଦ୍ୟାଳୟ ମୃତ୍ୟୁ ବା ଅନ୍ୟ କାରଣରୁ ବିଚ୍ଛିନ୍ନ ଲୋକଙ୍କର ଉଲ୍ଲେଖ ପୂର୍ବକ ବିଜ୍ଞାନ ଓ ଜ୍ୟୋତିଷ ଉନ୍ନତି ନିମିତ୍ତ ମୃତ ବାବୁ ହେମଚନ୍ଦ୍ର ଗୋସାଇଁ ଟ ୪୦୦୦୦ ଙ୍କା ଦାନ କରିଥିବାରୁ ତାଙ୍କର ଏବଂ ଅନ୍ୟାନ୍ୟ ଦାତାଙ୍କ ନାମ ପ୍ରକାଶ କରି ବିଶ୍ୱବିଦ୍ୟାଳୟ ସଙ୍ଗେ ସଂଯୁକ୍ତ ହୋଇଥିବା ବିଦ୍ୟାଳୟମାନଙ୍କ ସମ୍ବନ୍ଧରେ କହିଲେ ଯେ ଏଣିକି ସେ ବିଷୟରେ ବିଶେଷ ଦୃଷ୍ଟି ରହିବା ବାଞ୍ଛନୀୟ । ଯେଉଁ ସ୍କୁଲମାନଙ୍କରେ ଉପଯୁକ୍ତ ଘର ବା ଶିକ୍ଷକ ବା ଲାଇବ୍ରେରୀ ନାହିଁ ସେ ସ୍କୁଲମାନ ବିଶ୍ୱବିଦ୍ୟାଳୟ ସଙ୍ଗେ ସଂଯୁକ୍ତ ରହିବା ଉଚିତ ନୁହେ । ଅନେକ ସମୟରେ ଉପଯୁକ୍ତ ବେତନ ଅଭାବରୁ ଶିକ୍ଷକମାନଙ୍କର ଶୀଘ୍ର ପରିବର୍ତ୍ତନ ହୁଅଇ ଏବଂ ସେ ଯୋଗୁଁ ପିଲାଙ୍କ ପଢ଼ାରେ ବ୍ୟାଘାତ ଘଟେ । ଅବଶ୍ୟ ଅସମର୍ଥ ସ୍ଥଳରେ ଏହି ଉପଯୋଗିତା ଦୃଷ୍ଟିରୁ ଗବର୍ଣ୍ଣମେଣ୍ଟଙ୍କ ଦାନ କରାଇ ଦେଇଥିଲେ ପରେ ମଧ୍ୟ କୌଣସି ମତେ ଅନୁପଯୁକ୍ତ ସ୍କୁଲ ରଖିବା ବାଞ୍ଛନୀୟ ନୁହେ । ଶିକ୍ଷା କ୍ଷେତ୍ରରେ ଦେଶୀୟ ସମସ୍ତ ଲୋକଙ୍କର ମନୋଯୋଗ ଆକର୍ଷିତ ହେବା ଉଚିତ ଏବଂ ଯେଉଁଠାରେ ଧନୀ ଓ ବୁଦ୍ଧିମାନ୍ ଲୋକ ଉପଯୁକ୍ତ ସ୍କୁଲ ସ୍ଥାପନ କରଅଛନ୍ତି ସେଠାରେ ବିଶ୍ୱବିଦ୍ୟାଳୟ ଅବଶ୍ୟ ସାହାଯ୍ୟ ଦେଇ ଉପସ୍ଥିତ ହେବେ । ପାରସୀ ଏବଂ ଆରବୀ ଭାଷାରେ ସନ୍ତୋଷ ଶିକ୍ଷାର ବିଧାନ ନ ଥିବା ହେତୁ ତାହା ସୃଷ୍ଟି ହେବା ସମ୍ଭବ ଥିବାର କହି ସ୍କୁଲ ଛାତ୍ରମାନଙ୍କ ଚରିତ୍ରଗତ ନାନା ପ୍ରକାର ଦୋଷ ହୋଇଥିବାର ସେ ପ୍ରକାଶ କଲେ । ଦୁର୍ବୃତ୍ତ ହେଉଥିବା ଛାତ୍ରଙ୍କ ସଂଖ୍ୟା ଅଳ୍ପ ହେଲେହେଁ ତେବେ ମଧ୍ୟ ଶିକ୍ଷା

ସେଥିରୁ ଲାଭ ହେବା ସମ୍ଭାବ୍ୟ ନୁହେ । ପିଲାମାନେ ଯେପରି ରାଜନୈତିକ ଆନ୍ଦୋଳନରେ ଯୋଗ ନ ଦିଅନ୍ତି ତହିଁ ପ୍ରତି ଗାଢ଼ଦୃଷ୍ଟି ରଖିବା ଉଚିତ ଏବ ସ୍ୱଦେଶର ବସ୍ତୁ ଯେ ବିଲାତ ମନ ତହିଁରୁ ଉଦ୍ଧାର ହେଉଅଛି । ସମସ୍ତ ଶିକ୍ଷା ମଧ୍ୟରେ ବାଣିଜ୍ୟ ଶିକ୍ଷା ସର୍ବୋତ୍କୃଷ୍ଟ କାରଣ ଉଦ୍ୟୋଗ କାର୍ଯ୍ୟତତ୍ପରତା ନାହିଁ ହେଲେ ଲୋକ ଉନ୍ନତ ହୁଏ ଏବ ବର୍ତ୍ତମାନ ବାଣିଜ୍ୟକ୍ଷେତ୍ରରେ ଥିବା ଯୁବକମାନଙ୍କ ମନ ଭଲ ହେଉ ମଧ୍ୟ ପିଲାଏ ଏହିର ଲାଭ ଲୁଟିଥିବା ଆବଶ୍ୟକ ଅଟେ । ଅଧିକନ୍ତୁ ବର୍ତ୍ତମାନ ଯେପରି ରୂପରେ ଦିଆଯାଉଅଛି ତାହା ଯଥାସାମାନ୍ୟ ଅଟେ । ପିଲାଏ ତାହାକୁ ଅବାନ୍ତର ପାଠରୂପେ ଦେଖି ଶ୍ରଦ୍ଧାରେ ପଢ଼ନ୍ତି ଏବ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କାର୍ଯ୍ୟକ୍ଷେତ୍ରକୁ ଗଲାବେଳକୁ ଭୁଲିଯାନ୍ତି ବୋଧହୁଏ । ଅବଶ୍ୟ ଏରୂପ ଅନେକ ଶିକ୍ଷା କରି ସୁଦ୍ଧା ଜଣେ ପ୍ରଖର ବୁଦ୍ଧିଶାଳୀ ଲୋକେ ଯେ ସ୍ୱମହତ୍ତ୍ୱ ସ୍ଥାନ ଅଧିକାର କରନ୍ତି ତାହା ସ୍ୱଭାବ ବଶରୁ ହେଲେହେଁ ସେମାନଙ୍କ ସଂଖ୍ୟା ବିରଳ ମାତ୍ର ଏମନ୍ତ ଆଶା କରାଯାଏ ଯେ ଉପଯୁକ୍ତରୂପେ ଅନେକ ଶିକ୍ଷା ଦେବାର ବ୍ୟବସ୍ଥା ହେଲେ ସେମନ୍ତ ଲୋକଙ୍କର ସଂଖ୍ୟା ଅଧିକ ହୋଇଯିବ । ଏହି ହେତୁରୁ ବିଶ୍ୱବିଦ୍ୟାଳୟ ଗୋଟିଏ ହେଲେ ସ୍ଥାନୀୟ ଅନେକଶିକ୍ଷାର କଲେଜ ସ୍ଥାପନ କରିବାରେ ବ୍ରତୀ ହୋଇଅଛନ୍ତି ଏବ ଅନେକ ଶିକ୍ଷାର ପ୍ରଣାଳୀ ମଧ୍ୟ ପରିବର୍ତ୍ତନ କରାଯାଇଅଛି । ଅନେକ ସ୍ଥାନରୁ ଅନେକଶିକ୍ଷାର ଶ୍ରେଣୀ ଉଠିଯିବା ହେତୁ ସେଠେ ବ୍ୟସ୍ତ ହେଲେହେଁ ଏଦ୍ୱାରା ପରିଣାମରେ ଯେଉଁ ସୁଫଳ ଲାଭ ହେବ ତହିଁରେ ସେମାନେ ଆଶାତୀତ ଫଳ ଲାଭ କରିବେ । କେବଳ ଜ୍ଞାନ ସଞ୍ଚୟ ମସ୍ତିଷ୍କ ମଧ୍ୟରେ ଦୃଢ଼ କରିବା ଶିକ୍ଷାର ଉଦ୍ଦେଶ୍ୟ ନୁହେ । ବ୍ୟବହାରକ୍ଷେତ୍ରରେ ପ୍ରକୃତ ମନୁଷ୍ୟତା ଲାଭ କରିବାହିଁ ପ୍ରଧାନ ଉଦ୍ଦେଶ୍ୟ ଅଟେ । ସେଥିପାଇଁ ବିଶ୍ୱବିଦ୍ୟାଳୟରେ ଉପଯୁକ୍ତ ଅନେକ ଶିକ୍ଷାପାଇଁ ପରୀକ୍ଷା ହୋଇ ବୁଦ୍ଧିଶାଳୀ ଅଥବା ବୃତ୍ତି ଅନେକଙ୍କ ଲୋକେ ବାହାର ଉନ୍ନତମାର୍ଗରେ ଧାବମାନ ହେବେ ବିଶ୍ୱବିଦ୍ୟାଳୟ ତହିଁର ବ୍ୟବସ୍ଥା କରୁଅଛନ୍ତି ଏବ ଦେଶର ନେତାମାନଙ୍କ ମଧ୍ୟରେ ସେମାନେ ପ୍ରଥମ ସ୍ଥାନ ଅଧିକାର କରିବେ । ଶେଷରେ ଲାଟସାହେବ ମହୋଦୟ ସଭା ଭଙ୍ଗ କଲାରୁ ଯଥାରୀତି ସେନେଟର କାର୍ଯ୍ୟ ଶେଷ ହେଲା । ଏଥରର ସଭାରେ ଲାଟସାହେବଙ୍କ ବକ୍ତୃତା ଅତୀବ ସମୟୋପଯୋଗୀ ହୋଇଥିଲା । ବର୍ତ୍ତମାନ୍ ଯେରୂପ ଓକିଲ ସଂଖ୍ୟା ବର୍ଦ୍ଧିତ ହେଉଅଛି ଏବ ଉକିଲଙ୍କ ପ୍ରଚାର ବଢ଼ିବା ଯୋଗେ ସେମାନଙ୍କ ବ୍ୟବସାୟର ସେରୂପ ଅବନତି ଦେଖାଯାଉଅଛି ତଦ୍ଦୃଷ୍ଟିରେ ଅନେକଶିକ୍ଷା ଅଙ୍କୁର ଜ୍ଞାନ ହେବା ଉଚିତ । ସୁଦ୍ଧା ୧ ପାଠ ପଢ଼ି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଯେତେ ଲୋକ ଓକାଳତି ପ୍ରଭୃତି ଉପାର୍ଜନ କରିବାର ମାନ ଶିକ୍ଷା କରିବ ତମ୍ଭା ସେରୂପ ଶିକ୍ଷିତ ଲୋକ ପଲପଲ ହୋଇ ବାହାରିଲେ ସୁଦ୍ଧା ଦେଶର ଉନ୍ନତି ବା ମଙ୍ଗଳ ହେବ ନାହିଁ । ସେହିମାନେ ଉପଯୁକ୍ତ ଶିକ୍ଷାଦ୍ୱାରା ପ୍ରକୃତ ମନୁଷ୍ୟ ହେବାକୁ ଶିଖିଅଛନ୍ତି ସେହିମାନଙ୍କ ଏହା ଦେଶରେ ଲୋଡ଼ା ଏବ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷମାନେ ତହିଁରେ ମନୋଯୋଗୀ ହୋଇଥିବା ହେତୁ ଅମ୍ଭମାନଙ୍କର ଧନ୍ୟବାଦାର୍ହ ଅଟନ୍ତି ।

# ସାପ୍ତାହିକସମ୍ବାଦ ।

## ଓଡ଼ିଶା ଗେଜେଟ ।

ବାଲେଶ୍ୱରରେ ଥିବା ସମ୍ବଲପୁରର ମୁନସଫ ବାବୁ ପ୍ରଫୁଲ୍ଲକୁମାର ଗୁପ୍ତ ଅନ୍ୟ ଆଦେଶ ପର୍ଯ୍ୟନ୍ତ ସୁପିରିଅର ସବ୍‌ଜଜ ପଦରେ ନିଯୁକ୍ତ ହେଲେ ।

କଟକର ମୁନସଫ ବାବୁ ଶଶୀନାଥ ଦେ ପୁରୀ ଜଜର ସଦର ମହକୁମାକୁ ବଦଳି ହେଲେ ।

ଯାଜପୁରର ମୁନସଫ ବାବୁ ଦେବେନ୍ଦ୍ରପ୍ରସାଦ ବାଗଚି ବାଙ୍କୀ ଡେରା ବଖସିଆଳ ବଦଳି ହେଲେ ।

ବଡ଼ଗଡ଼ର ମୁନସଫ ବାବୁ ଶଶିଭୂଷଣ ଘୋଷ ବେଲ୍ଟା-ସଦ୍ୟାକ ବଦଳି ହେଲେ ।

ବାବୁ ଯୋଗେନ୍ଦ୍ରନାଥ ଘୋଷ ବି, ଏଲ, କଟକ ଉପର ମୁନସଫ ପଦରେ ନିଯୁକ୍ତ ହୋଇ ସମ୍ବଲପୁରରେ ଅବସ୍ଥିତ ହେଲେ ମାତ୍ର ବର୍ତ୍ତମାନ ଅନ୍ୟ ଆଦେଶ ପର୍ଯ୍ୟନ୍ତ ବାଲେଶ୍ୱରରେ କାର୍ଯ୍ୟ କରିବେ ।

ସମ୍ବଲପୁରର ସବ୍‌ଡେପୁଟୀ କଲେକ୍ଟର ବାବୁ ଦଇତାରି ପଧାନ ବଡ଼ଗଡ଼ ସବ୍‌ଡିଭିଜନକୁ ବଦଳି ହେଲେ ।

ଯାଜପୁରର ସବ୍‌ଡେପୁଟି କଲେକ୍ଟର ବାବୁ ଚନ୍ଦ୍ରମଣି ଆଚାର୍ଯ୍ୟ କଟକ ଜିଲ୍ଲାର ସଦର ମହକୁମାକୁ ବଦଳି ହେଲେ,

ବାବୁ ପୁରୁଷୋତ୍ତମ ମହାପାତ୍ର ସମ୍ବଲପୁର ହାଇ ଇଂରାଜୀ ସ୍କୁଲର ସହକାରୀ ଶିକ୍ଷକ ପଦରେ ନିଯୁକ୍ତ ହେଲେ ।

ସହକାରୀ ଓ ଜୋ ମାଜିଷ୍ଟ୍ରେଟ ଓ ସବ ଡେ କଲେକ୍ଟରମାନଙ୍କର ସାହିତ୍ୟିକ ଭାଷାରୀତି ପରୀକ୍ଷା ସନ ୧୯୦୪ ମସିହା ଅପ୍ରେଲ ତା ୮ରିଖ ଓ ତତ୍ପରବର୍ତ୍ତୀ ଦିନ କଟକ କମିଶନର ଅଫିସରେ ଗୃହୀତ ହେବ ।

ଗତ ତା ୨୨ ରିଖ ଶେଷହେବା ସପ୍ତାହରେ ଚାଉଳର ଦର ଏକ ଟଙ୍କାରେ ସେ ୧୧ ୩/, ବାଲେଶ୍ୱରରେ ସେ ୧୨ ୭, ଅନୁଗୁଳରେ ସେ ୧୪, ପୁରୀରେ ସେ ୧ ... ସମ୍ବଲପୁରରେ ସେ ୧୩, ଏବ ଗଡ଼ଜାତମାନଙ୍କରେ ଢେଙ୍କାନାଳରେ ସେ ୧, କେନ୍ଦୁଝର ଓ ମୟୂରଭଞ୍ଜରେ ସେ ୧୨, କଳାହାଣ୍ଡି ଓ ନୀଳଗିରିରେ ସେ ୧୬, ଓ ପାଟଣା ଏବ ତାଳଚେରରେ ସେ ୧୮ ର ।

ଗତ ତା ୨୨ ରିଖ ଶେଷହେବା ସପ୍ତାହରେ ପୁରୀରେ ୮ ୫୦ ଏ ଦୁର୍ଭିକ୍ଷ ସାହାଯ୍ୟ ପାଇଥିଲେ ।

## ଭୁବନେଶ୍ୱର ସମ୍ବାଦ ।

ଗତ ସନ ମହାପ୍ରଭୁଙ୍କ ଦର୍ଶନ ଉପଲକ୍ଷେ କଟକ ପଦ୍ମିନୀ, କଣ୍ଟିଣୀ ଏବ ଉତ୍ତରଦିଗ ପ୍ରଦେଶ ପୁରୁଷମାନେ ଯାତ୍ରୀ ଆସିଥିଲେ ।

ଏ ବର୍ଷର ଚାଷୀ ଓଡ଼ ଦର ହୋଇ ଯଦି ... ହେଉଅଛନ୍ତି । କରାଣ ହୋଇପାରୁ ନାହିଁ । ଏଥର ବର୍ଷା ସମୟରେ ପ୍ରକାଶ ହେବ ।

ଏ ସ୍ଥାନରେ ବସନ୍ତରୋଗ ଭୟାନକ ପ୍ରବଳ ହୋଇଅଛି ଏବଂ ଦିନ ସେ ୮ ରୁ ଅଧିକ ମୃତ୍ୟୁ ହେଉଅଛି ।

ମେଡ଼େକେଲ ମହୋଦୟଙ୍କଦ୍ୱାରା ... ଶୁଣାଯାଏ ... ନୂତନ ମେଡ଼େକେଲ ... ଟୀକା ଦେବାକୁ ଆସିଅଛନ୍ତି ।

## ଯାଜପୁର ସମ୍ବାଦ ।

ଗତ ତା ୨୦ ରିଖ ... ମହାବାରୁଣୀ ଯୋଗ ପଡ଼ିଥିଲା । ପ୍ରାୟ ... ହଜାର ଲୋକ ... ଦଶାଶ୍ୱମେଧ ଘାଟରେ ... ସ୍ନାନ ... ସମସ୍ତ ଲୋକ ... ହୋଇଥିଲା ।

... ମୌଜାର ଧନୀ ... ଏକ ମାଇଲ ... ସମୟରେ ... ।

କଟକ ... ସିନ୍ଧୁବାଦ ... ବାବୁ ... ପ୍ରସାଦ ... ଦେବା କାରଣ ... ସେଠାରେ ... ମଧ୍ୟ ... କଟକ ... ଗତ ତା ୧୪ ରିଖ ... ପ୍ରାପ୍ତ ହୋଇଅଛନ୍ତି । ... ବାବୁ ... ଓ ... ପ୍ରାୟ ... ଶେଷ ... ଟଙ୍କା ... ତାଙ୍କର ବୟସ ୬୫୦ ହୋଇଥିଲା ।

ବାଲେଶ୍ୱର ... ଯେଉଁ ... ବାବୁ ... ବାରୁଣୀ ମେଳା ... ଓ ... ଟଙ୍କା ... ଟ ୮ ଘଣ୍ଟା ... ଟ ୭୧୬ ... ଓ ... ଟ ୮୦ ଘଣ୍ଟା ... ।

ଏ ଅଞ୍ଚଳରେ ଅନେକ ଲୋକ ହାତଘଣ୍ଟି ଦେଖା ଦେଉଅଛନ୍ତି ।

ବାଙ୍ଗଲା ବିଦ୍ୟା ।

ଶାନ୍ତିପୁରଠାରେ ବଡବଡ ପଣ୍ଡିତ [illegible] ବଙ୍ଗ ଭାଷା ଶିକ୍ଷା ପାଇବାର [illegible] ପଣ୍ଡିତ [illegible] ଟିକ ହେଉଅଛି ବୋଲି ଶୁଣାଯାଏ ।

ସେଠା ମଧ୍ୟ [illegible] ଲୋକମାନେ [illegible] ।

ବଙ୍ଗଳାର [illegible] ଦେଖିବା [illegible] ପାରେ ।

ବଙ୍ଗଦେଶରେ [illegible] ହୋଇଅଛି ।

ଧନ୍ୟବାଦ ।

ଅକ୍ଷୟଚନ୍ଦ୍ରଙ୍କ ମତାମତ ଉପରେ ଅମ୍ଭେମାନେ ଦାୟୀ ନୋହୁଁ ।

ଅନୁବାଦ ଓଡ଼ିଆରେ

ବଙ୍ଗଳା ପ୍ରଶ୍ନ ।

ସମ୍ପାଦକ ମହାଶୟ !

ଓଡ଼ିଆମାନେ ବଙ୍ଗଳା ଅନୁବାଦର ଗଣ୍ଡୀ ମଧ୍ୟରେ ( Within the boundary line ) ରହି ଉତ୍ତର ଦେବାକୁ ହେବ ଥାଉ । ବଙ୍ଗଳା ଭଳି ଅମ୍ଭେମାନେ ଅନୁବାଦ, ଏବଂ ସେହି ଅନୁବାଦର ସୀମା ମଧ୍ୟରୁ ବହିର୍ଗତ ହେବାର ଚେଷ୍ଟା କରୁ ନାହୁଁ । କେବଳ ଉପରେ ବୋଲି କହୁଛୁ । ଏହା କି ଅମ୍ଭମାନଙ୍କ ଉନ୍ନତି ମାର୍ଗରୁ ପଶ୍ଚାତ୍ କରିବାର ଉପାୟ ? କେବଳରେ ଶିକ୍ଷିତ ଲୋକଙ୍କ ସଂଖ୍ୟା ବୃଦ୍ଧି ପାଉଛି ଓ ଭାଷାର ଶ୍ରୀ ବୃଦ୍ଧି ସଂସାଧିତ ହେଲେ ଦେଶର ଉନ୍ନତି ହେବ ବୋଲି ସାଧାରଣ କହନ୍ତି । ଅମ୍ଭମାନଙ୍କ ଦେଶୀୟ ସାହିତ୍ୟାନୁରାଗୀ ଶିକ୍ଷିତ ଲୋକଙ୍କ ଅଗ୍ରେ ଯୋଗ୍ୟ ସାହିତ୍ୟର ଶ୍ରୀ ବୃଦ୍ଧି ସାଧନେ "ବାସ୍ତରେ ପଡ ବାହିରେ ପଡ଼ିପଡ଼ୁଅଛୁ" । ଏଥିପାଇଁ ଅନ୍ୟୋନ୍ୟରେ ଏହି ଅନୁବାଦ ଦେଶୀୟ ଛାତ୍ରମାନଙ୍କର ଏଫ୍, ଏ, ପରୀକ୍ଷାରେ ଓଡ଼ିଆ ପ୍ରଶ୍ନ ଦେଖି ଅମ୍ଭେମାନେ ବଡ଼ ଦୁଃଖିତ ହୋଇଅଛୁଁ ।

କେବଳ ପ୍ରଶ୍ନପତ୍ର ଦେଖିଲେ ଜଣାଯାଏ ଯେ ଏଥି ବଙ୍ଗ ଭାଷାରେ ଲିଖିତ ହୋଇଥିବା ଜଣାପଡେ । କେଉଁ ଦୋଷ ଦେଖି ଉପଯୁକ୍ତ ଲୋକଙ୍କୁ ଭାଷା ଶିକ୍ଷା କରିବାର ସୁବିଧା ନାହିଁ । ଏଥି ବଡ଼ ଅସନ୍ତୋଷର ବିଷୟ, ଅମ୍ଭମାନଙ୍କ ଦେଶର ନୂଆ ବାଳକମାନେ ସଂସ୍କାରର ବାହାର । ସେମାନେ ବୋଧହୁଏ ବଙ୍ଗଳାକୁ ଓଡ଼ିଆ ଅପେକ୍ଷା ଉନ୍ନତତର ବୋଲି ସ୍ୱୀକାର କରିବାରେ ବାଧ୍ୟ ହେବ ।

ଗତ ଏଫ୍, ଏ, ପରୀକ୍ଷାରେ ଓଡ଼ିଆ ଓ ବଙ୍ଗ ଭାଷାରେ ଯେଉଁ ପ୍ରଶ୍ନପତ୍ର ପଡ଼ିଥିଲା ତାହା ଉକ୍ତ ଅନୁମାନର ଯଥେଷ୍ଟ ପ୍ରମାଣ ଦେଉଅଛି । ପାଠକ ମହୋଦୟ ! ଅନୁଗ୍ରହ କରି ଉକ୍ତ ପ୍ରଶ୍ନ ଦ୍ୱୟର ତୁଳନା କରି ଦେଖନ୍ତୁ ।

ତୁଲନା ଦେଖିବାପାଇଁ ଲେଖୁଅଛୁ ।

ଇଂରାଜୀରୁ ଦେଶୀୟ ଭାଷାରେ ଅନୁବାଦ କରିବା ନିମନ୍ତେ ୪୦ ନମ୍ବର, ପ୍ରବନ୍ଧ ରଚନା ନିମନ୍ତେ ୩୦ ଓ ସାଧାରଣ ରଚନା ( general coposition ) ନିମନ୍ତେ ଅବଶିଷ୍ଟ ୩୦ନମ୍ବର ଦେଇ ଦେଶୀୟ ଭାଷାରେ ବ୍ୟାକରଣ ଦିଆଯାଇ ନଥିଲା । ପୁନଶ୍ଚ ପରୀକ୍ଷାର୍ଥିଙ୍କ ସୁବିଧା ନିମନ୍ତେ ଅନେକ ସ୍ଥଳରେ ପ୍ରଶ୍ନ ( alternative buestions) ଦିଆଥାଏ, ସେମାନେ ଇଚ୍ଛା ସୁବିଧାନୁସାରେ ଉତ୍ତର ଲେଖନ୍ତି ।

ପ୍ରଥମତଃ, ବଙ୍ଗଳା ପ୍ରଶ୍ନରେ ଯେଉଁ କମ୍ବର ରଖାଯାଇଥିଲା ତାହା ଠିକ୍ ବ୍ୟବହାରୋପଯୁକ୍ତ ଓ ସୁବିଧାଜନକ ଥିଲା । କିନ୍ତୁ ଓଡ଼ିଆଙ୍କର ପ୍ରଶ୍ନରେ ସେପରି ଦୃଷ୍ଟି ଦିଆଯାଇ ନାହିଁ । ଏଣୁ ଓଡ଼ିଆ ପ୍ରଶ୍ନରେ ନମ୍ବର କଷଣ ହେଲା ଅନୁବାଦରେ ୩୦, ପ୍ରବନ୍ଧ ରଚନାରେ ୩୦ ଓ ସାଧାରଣ ରଚନା ( general composition ) ରେ ଅବଶିଷ୍ଟ ୪୦ ନମ୍ବର—ଏଥି ପାଠକେ ଦେଖନ୍ତୁ ଓଡ଼ିଆ ପ୍ରଶ୍ନ ଉପର ବ୍ୟାକରଣୀୟ ଭୟନ୍ତ ରଙ୍ଗ ଚଢିଅଛି ।

ଦ୍ୱିତୀୟତଃ, ବଙ୍ଗ ପ୍ରଶ୍ନରେ ଅନେକ ସ୍ଥଳରେ ( alternative questions ) ପ୍ରଶ୍ନ ଥିବାରୁ ବଙ୍ଗୀୟ ଛାତ୍ରମାନେ ଇଚ୍ଛା ଓ ସୁବିଧାମତେ ପ୍ରଶ୍ନ ବାଛି ଉତ୍ତର ଦେଲେ । କିନ୍ତୁ ଓଡ଼ିଆରେ ତାହା ନାହିଁ, କାରଣ ଓଡ଼ିଆ ଦେଶି ଭାବନ ଓ ଚିନ୍ତା ଓ ପରୀକ୍ଷାରେ ପାସ କରିବା ବିଷୟରେ ଅଧିକତର ଦୁଃଖର । ଏଣୁ ପରୀକ୍ଷକ ମହୋଦୟ ଯେପରି କେବଳ ସେପରି ପ୍ରଶ୍ନ ଦିଆ ନ ଯାଉ, ଏହି ପ୍ରଶ୍ନରେ କୌଣସି ପ୍ରଶ୍ନ, ଦେବ ପ୍ରଶ୍ନ ଦାଉଛନ୍ତି, ଯେଉଁ ଅବସ୍ଥା ସବାନୁରୂପ ଦେଖାଇ ଗତ ବର୍ଷ ପୂର୍ବର ପରୀକ୍ଷା ସାଧାରଣଙ୍କ ସମ୍ମୁଖରେ ଉପସ୍ଥିତ କରୁଅଛୁ । ଏହାଙ୍କୁ ସେ କୌଣସି ଉତ୍ତର ଦେଇ ନ ପାରିଲେ, ଫେଲ ହେବେ ।

ତୃତୀୟତଃ, ଅନୁବାଦ କରିବାପାଇଁ ଓଡ଼ିଆ ପ୍ରଶ୍ନରେ ଯେଉଁ ଇଂରାଜୀ ପଡ଼ିଥିଲା ତାହା ବୈଷୟିକର ଶୁଦ୍ଧଅଶୁଦ୍ଧ ବିଚାର—ଯାହା ବି, ଏ, ରେ ପଢ଼ା ହୁଏ —ନ୍ୟାୟତଃ ଏହା ଦେବାର ଉଚିତ ନଥିଲା । ତାହା ଗତ୍ୟନ୍ତର ଦେଇ ଏଫ୍, ଏ ପାଠକଙ୍କର ଏପରି ଖରାପ ତାହା ଯଥାର୍ଥରେ ଉପଲବ୍ଧି କରିପାରୁଥିବେ । ଅଥଚ ଏହାରେ ଦେଲେ ଗଲଦଟାହିଁ ବହୁତ । ଏ ଦୁଇଟି ସମସ୍ତ ଅନୁବାଦ କରିବାକୁ ହେବ । କିନ୍ତୁ ବଙ୍ଗଳାରେ ୩ଟି ପଡ଼ିଥିଲା ତହିଁରୁ କୌଣସି ୨ଟିର ଅନୁବାଦ କରିବାର ଥିଲା । ସେ ପୁଣି ଅପେକ୍ଷାକୃତ ସରଳ ଓ ସହଜ ଅମ୍ଭେମାନେ ସାଧାରଣ ସହିତ ପଚାରୁଁ କେଉଁ ପ୍ରଶ୍ନ କଷ୍ଟ ମହୋଦୟ ତୃତୀୟ ସେହି ପ୍ରଶ୍ନର ଉପଯୁକ୍ତ ଅନୁବାଦ କରି ଦେଇପାରିବେ କି ? ତେବେ ସ୍ତବ୍ଧ ସେ ଲୋକତଃ ଏଫ୍ ଏ ପିଲାଙ୍କଠାରୁ ଅଧିକ ଆଶା କି ?

୪ ର୍ଥରେ, ପ୍ରବନ୍ଧ ରଚନା :— ବଙ୍ଗଳା ପ୍ରଶ୍ନରେ ୬ଟି ପ୍ରବନ୍ଧ —ମଧ୍ୟରୁ ଗୋଟିଏ "Description of your own village ( ନିଜ ଗ୍ରାମ ବର୍ଣ୍ଣନ ) ଓ ଅପରଟି Dulis of a student'(ଛାତ୍ରର କର୍ତ୍ତବ୍ୟ); କିନ୍ତୁ ଓଡ଼ିଆ ଛାତ୍ରଙ୍କ ନିମନ୍ତେ ୬ଟି "Charity or Benevolence"( ବଦାନ୍ୟତା ବା ଦୟା)ଓ ଅନ୍ୟଟି 'Self education' ( ଅଲ୍ପଶିକ୍ଷା ) । ଏମାନଙ୍କ ମଧ୍ୟରୁ କୌଣସି ଗୋଟିଏ ଲେଖିବାକୁ ହେବ । ପାଠକେ ! ଦୁଇଟି ଭାଗର ମଧ୍ୟରେ ପ୍ରଭେଦଟା ବଳ କର ଦେଖନ୍ତୁ !!! ଓ ବଙ୍ଗାଳିଙ୍କଠାରୁ ଓଡ଼ିଆମାନେ କେତେ ବଡ଼ ( ? ) !!!

ଶେଷରେ, ଓଡ଼ିଆ ଭାଗରେ ଗୋଟିଏ ପ୍ରଶ୍ନ ଥିଲା, "Compose a letter to a friend containing illustration of all the cases and Samases of Uriya Grammar" ଏହାର ଗୋଟିଏ ଚିଠି ଲେଖିବାକୁ ହେବ ଯହିଁରେ ଓଡ଼ିଆ ବ୍ୟାକରଣର ସମସ୍ତ କାରକ ଓ ସମାସମାନେ ବ୍ୟବହୃତ ହୋଇଥିବେ । ଧନ୍ୟ ଲୋ ଓଡ଼ିଆ ଭାଷା ! କୋନର ବ୍ୟାକରଣ ବିଷୟଟି ପରୀକ୍ଷାରେ ପଡ଼ିଲା; କୋନର ମହୋଦୟ ବଙ୍ଗଭାଷାର ଓ ଅନ୍ୟ ପଡ଼ନ୍ତି ! ପାଠକମାନେ, ଭବିଷ୍ୟତରୁ ପିଲାମାନେ କଠିନ ଗ୍ରନ୍ଥପତ୍ର ଦୃଷ୍ଟିଦେବେ, ଓ ଲେଖା ଧରଣରୁ ( Style ) ଶୁଦ୍ଧିବେ, ଓ ସମାସ ଓ କାରକ ଶିକ୍ଷିବାରେ ଶ୍ରେଷ୍ଠ ଦେଖାଇବେ । ଯାହାହେଉ

REGISTERED No. C 81

ସାପ୍ତାହିକ ସମ୍ବାଦପତ୍ରିକା ।

# THE UTKAL DIPIKA.

ଭାଗ ୪୪ ଗ
ସଂ ୧୪ ଖ୍ୟା

CUTTACK SATURDAY THE 3rd Aprel 1909.

ଚୈତ୍ର ତା ୨୨ନ ସନ ୧୩୧୬ ସାଲ ଶନିବାର

ସହର କଟକ ଚଉଧୁରୀବଜାର ପ୍ରିଣ୍ଟିଂ କମ୍ପାନୀ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ

ଅଗ୍ରିମ ମୂଲ୍ୟ ୪

ଉତ୍କଳଦୀପିକାର ଗ୍ରାହକ ମହାଶୟମାନଙ୍କ ପ୍ରତି
ଏତଦ୍ଦ୍ୱାରା ଜ୍ଞାତ କରାଯାଉଅଛି, ଯଥା;—
ଉତ୍କଳଦୀପିକାର ବାର୍ଷିକ ଅଗ୍ରିମ ମୂଲ୍ୟ ୪ । ଓ ଅର୍ଦ୍ଧବାର୍ଷିକ ୨।୦
ଏବଂ ତ୍ରୈମାସିକ ୧।୦ ମାତ୍ର ଯେଉଁମାନେ ଅଗ୍ରିମ ମୂଲ୍ୟ ଦେବେ ନାହିଁ
ସେମାନଙ୍କଠାରୁ ବାର୍ଷିକ ୫ ଟଙ୍କା ଲଗା ହେବ ନାହିଁ
ଦେଇଥିବ ଓ ମୂଲ୍ୟ ସହିତ ଗ୍ରାହକ ହେବା ଓ
ପ୍ରତ୍ୟେକ ସପ୍ତାହରେ ହେବ । ଅଧିକ ଦିନ ବାକି ରହିଲେ
ନାମ କଟା ହୋଇଯିବ । ବାକି ପତ୍ରର ମୂଲ୍ୟ ବାକି ପତ୍ରର
ସଙ୍ଗେ ପଠାଇବାକୁ ହେବ ।

## ବିଜ୍ଞାପନ ।

※※※

କଟକ ପ୍ରିଣ୍ଟିଂ କମ୍ପାନୀଙ୍କର ।

## ନୂତନପଞ୍ଜିକା ।

ଆମଳି ୧୩୧୬ ସନ ୧୩୧୬ ଓ ୧୩୧୭ ସାଲ
ଇଂରାଜୀ ସନ ୧୯୦୯ । ୧୯୧୦ ମସିହାର
ନୂତନପଞ୍ଜିକା ପ୍ରକାଶିତ ହୋଇ ବିକ୍ରୟ ହେଉଅଛି ।
ଏହି ପଞ୍ଜିକା ଉତ୍କଳର ପଣ୍ଡିତମାନଙ୍କ ମଧ୍ୟରେ
ସର୍ବାପେକ୍ଷା ପ୍ରାଚୀନ, ସୁନ୍ଦର, ଉତ୍ତମ କାଗଜରେ
ମୁଦ୍ରିତ ଏବଂ ବଣ୍ଟନ ବ୍ୟବସ୍ଥାଯୁକ୍ତ ଅଟେ । ସର୍ବତ୍ର
ଏହି ପଞ୍ଜିକାର ଅତ୍ୟଧିକ ଆଦର ଏବଂ ଅଧିକ
ଚଳ ଦ୍ରବ୍ୟ । ଏହାର ବିଶୁଦ୍ଧତା ସମ୍ବନ୍ଧେ ଅଧିକ
କହିବା ବାହୁଲ୍ୟ ଅଟେ ।

| | |
|---|---|
| ବଡ଼ପଞ୍ଜିକା | ୪ ୦ । |
| ଛୋଟପଞ୍ଜିକା | ୪ ୦ ୧୬ |

ଯେଉଁମାନେ ବିକ୍ରୟ କରିବାକୁ ଅଧିକ
ସଂଖ୍ୟାରେ ନେବେ ସେମାନେ ଯଥେଷ୍ଟ କମିଶନ
ପାଇବେ ।

ଶ୍ରୀଗୌରୀଶଙ୍କର ରାୟ
ସେକ୍ରେଟେରୀ ।

## NOTICE.

Wanted an experienced F. A. for the Mourbhanj H. E. School on Rs. 30 rising to Rs. 40 Apply stating age, qualifications and past services, to the undersigned by the 20th April, 1909.

Baripada
1st April
1909.

S. N. Chakravarti.
Superintendent of Education
Mourbhanj State.

## NOTICE

Wanted a Forest Clerk on Rs 25 per mensem. None need apply who has not passed the Entrance Examination and is not well up in Correspondence works. Apply stating age to the undersigned, before 7th April 1909.

G. S. Mahanti.
Superintendent, Nayagarh state.
14-3-09

THE
## ORIENTAL
Government Security
LIFE ASSURANCE CO., LD.

OFFERS
Exceptional Security Lowest, Safe Rates, and Every Facility.

Invested Funds 3 CRORES and 10 Lakhs

CALCUTTA BRANCH:
28, Dalhousie Square.
POST BOX No. 21
W. St. JOHN CHURCH,
Secretary.
Cuttack Office Choudhuri Bazar
Agent
Probodh Kumar Ghose

Split by PDF Splitter

Digitized by srujanika@gmail.com

Split by PDF Splitter



NOTICE.

0.59 acre of Lakhraji land bearing Khasra No. 6082 situated in mouza Patpur samil Balubazar ph. Katak Habali will be sold by public auction together with the house which stands thereon on the first May of 1909 at 11 A. M. in the Cuttack collectorate and given to the highest bidder.

B. Hajara
for Collector.

ADVERTISEMENT.

Wanted a Civil Hospital Assistan for the Kashipur Dispensary on a monthly salary of Rs 35. None need apply who has not passed the final examination of Cuttack Medical School and is not a Uriya. Preference will be given to one who knows English well. Applications with testimonials will be received up to the 10th april, 1909 by the undersigned.

U. P. Singh Deb
Thatt Raja
of Kashipur,
Kashipur, P. O.
Sambalpur Dist.

NOTICE.

Tenders are invited in sealed covers for the undermentioned works and will be received by the undersigned up to the 7th of April 1909:—

| | | Rs |
|---|---|---|
| 1 | Annual repairs to Pipli Khurda Road | 3138 |
| 2 | " " Khurda Kalapathor Road | 2825 |
| 3 | " " Bagmari Bolegurh Road | 3640 |
| 4 | " " Patnaikia Khurda Road | 2616 |
| 5 | " " Sardeipur Chandka Road | 1514 |
| 6 | " " Bhubaneswar Balianta Road | 644 |
| 7 | " " Joypur Satyabadi Road | 150 |
| 8 | " " Balugaon Bagurmal Road | 2590 |
| | Total Rs | 17,137 |

Metal collection is to be completed by the middle of June and spreading by the 30th September. All other repairs works is to be completed by the 30th November.

The undersigned does not bind himself to accept any or the lowest tender.

District Engineer's office Puri 20—3—1909

Shrish Ch. Sen
Accountant
for District Engineer
Puri

# ଉତ୍କଳ ଦୀପିକା ।

ମାନ୍ୟବର ବଙ୍ଗେଶ୍ୱର ଆସନ୍ତା ମଙ୍ଗଳବାର କଲିକତାରୁ ଯାତ୍ରା କରି ପୁରୁଲିଆ ଓ ରାଞ୍ଚି ଭ୍ରମଣ ପୂର୍ବକ ତା ୧୮ ରଖ ସୋମବାର କଲିକତାକୁ ଫେରି ଆସିବେ ଏବଂ ତହିଁ ଆରଦିନ ମଙ୍ଗଳବାର ଦାର୍ଜିଲିଂକୁ ଯାତ୍ରା କରିବେ ।

———

ମହାମାନ୍ୟ ଲର୍ଡ଼ ମିଣ୍ଟୋ ବାହାଦୁର ଗତ ମଙ୍ଗଳବାର ରାତ୍ରରେ କଲିକତାରୁ ସିମଲାକୁ ଯାତ୍ରା କଲେ । ଉତ୍ତର ଓ ପଶ୍ଚିମ ସୀମାନ୍ତର ଦେଶୀୟ ସ୍ଥାନ ଭ୍ରମଣ କରି ଏପ୍ରିଲ ମାସ ଶେଷରେ ସିମଲାଠାରେ ଉପସ୍ଥିତ ହୋଇ ସେଠାରେ ଗ୍ରୀଷ୍ମକାଳ କଟାଇବେ ।

—*‡*—

ଗତ ତା ୨୦ ରଖରେ ଶେଷ ହେବା ସପ୍ତାହରେ ଭାରତରେ ପ୍ଲେଗ ରୋଗରେ ୪୬୫୦ ମୃତ୍ୟୁ ହୋଇଥିଲା । ତହିଁ ପୂର୍ବ ସପ୍ତାହର ଅଙ୍କ ୪୫୯୩ ଥିଲା । ବମ୍ବେ, ଯୁକ୍ତପ୍ରଦେଶ ଓ ପଞ୍ଜାବରେ ପୂର୍ବସପ୍ତାହଠାରୁ ବଢ଼ିଥିଲା । କେବଳ ରାଜପୁତାନାର ଅଙ୍କ ଜଣା ନ ଥିବାରୁ ମୋଟ ମୃତ୍ୟୁ ଊଣା ଦେଖାଯାଉଅଛି ।

———

ଗତ ତା ୨୦ ରଖରେ ଶେଷ ହେବା ସପ୍ତାହରେ ପୂର୍ବବଙ୍ଗ ୭୦୧୬ ବଙ୍ଗ ୭୦୧୧୦ ଯୁକ୍ତପ୍ରଦେଶ ୧୩୪୮୩ ମଧ୍ୟପ୍ରଦେଶ ୧୫୯୯ ଓ ବମ୍ବେ ୫୩୨ ମୋଟ ୮୨୬୬୦ ଜଣ ଦୁର୍ଭିକ୍ଷ ସାହାଯ୍ୟ ପାଉଥିଲେ । ପୂର୍ବ ସପ୍ତାହର ଅଙ୍କ ୮୧୫୮୫ ଥିଲା । କେବଳ ବଙ୍ଗରେ ହ୍ରାସ ଓ ବମ୍ବେରେ ସାମାନ୍ୟ ବୃଦ୍ଧି ହୋଇ ଥିଲା ।

———

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଜଣାଉଅଛୁଁ ଯେ ଓଡ଼ିଶା ସ୍କୁଲସମୂହର ଇନ୍‌ସ୍ପେକ୍ଟରଙ୍କ ହେଡ କ୍ଲର୍କ ବାବୁ ବ୍ରଜବନ୍ଧୁ ଘୋଷ ଗତ ମଙ୍ଗଳବାର ରାତ୍ରରେ ଇହଧାମ ପରିତ୍ୟାଗ କଲେ । ଗତ ଶନିବାର ସ୍ନାନାହାର ବନ୍ତ-ପରମାଣରେ ପରୀକ୍ଷା ହୋଇ ଜ୍ୱର ହେଲା ଓ କୌଣସି ପ୍ରକାରେ ରୋଗର ଉପଶମ ହେଲା ନାହିଁ । ତାଙ୍କର ବୟଃକ୍ରମ ୪୮ ବର୍ଷ ହୋଇଥିଲା । ବାବୁ ମହୋଦୟ ଅତି ଭଦ୍ର ଓ କାର୍ଯ୍ୟକ୍ଷମ ଥିଲେ । ଆମ୍ଭେମାନେ ଈଶ୍ୱରଙ୍କ ନିକଟରେ ତାଙ୍କର ପରିବାର ବର୍ଗଙ୍କୁ ସାନ୍ତ୍ୱନା ପ୍ରଦାନ ଓ ତାଙ୍କର ଆତ୍ମାର ସଦ୍‌ଗତି ପ୍ରାର୍ଥନା କରୁଅଛୁଁ ।

—§○§—

ବଙ୍ଗ ଗବର୍ଣ୍ଣମେଣ୍ଟ ଚଳିତବର୍ଷ ସହାୟେ ଓଡ଼ିଶାର ନାନା କାର୍ଯ୍ୟ ନିମନ୍ତେ ଯେତେ ଟଙ୍କା ମଞ୍ଜୁର କରିଅଛନ୍ତି ତହିଁର ତାଲିକା ଯଥା :— ଅନୁଗୁଳର ହେଡକ୍ୱାର୍ଟରମାନ ଟ ୨୦,୦୦୦ ସମ୍ବଲପୁର ଡେପୁଟି କମିଶନରଙ୍କ ବାସଗୃହ ଟ ୨୦,୦୦୦ ସମ୍ବଲପୁର ଜେଲ ସଂସ୍କାର ଟ ୩୩୦୦୦ ସମ୍ବଲପୁର-ସୋନପୁର ସଡ଼କ ଟ ୨୭୦୦୦ ଏବଂ କଟକ ମେଡ଼ିକେଲ ସ୍କୁଲ ଆସନ୍ତା ଛନ୍ଦବର୍ଷ ଟ ୫୦୦୦ ଏତଦ ଦୁର୍ଭିକ୍ଷ ସାହାଯ୍ୟ ସହାୟେ ବାଲେଶ୍ୱର ଜିଲ୍ଲାରେ ଟ୧୨୦୦୦୦ ଏବଂ ପୁରୀ ଜିଲ୍ଲାରେ ଟ୧୫୦୦୦ଟଙ୍କା ବ୍ୟୟ ହେବାର ଧାର୍ଯ୍ୟ ହୋଇଅଛି ।

———

ବାଲେଶ୍ୱର ଜିଲ୍ଲା ଭଡ଼ଙ୍ଗରୁ ହେଷ୍ଟାର ଜମିଦାର ଏ ନଗର ନିବାସୀ ବାବୁ କୃଷ୍ଣପ୍ରସାଦ ବୋଷଙ୍କ ଅକାଳମୃତ୍ୟୁ ଅତି ଶୋଚନୀୟ ଓ ଦୁଃଖର ବିଷୟ ଅଟେ । ତାଙ୍କର ବୟସ ୨୪ ବର୍ଷ ହୋଇଥିଲା ଓ ସେ ସଚ୍ଚରିତ୍ର ଥିଲେ । ଅଳ୍ପଦିନର ଜ୍ୱରରେ ଏ ଦୁର୍ଘଟଣା ହେଲା । ସେ ବାଲେଶ୍ୱର ସଦର ସ୍ୱାଧୀନ ବେଞ୍ଚର ଜଣେ ଅନରେରି ମାଜିଷ୍ଟ୍ରେଟ ଥିଲେ ଏବଂ ତାଙ୍କର ଅନେକ ସଦ୍‌ଗୁଣ ଥିଲା । ସେ ୫ ଗୋଟି ଶିଶୁ ସନ୍ତାନ, ବୃଦ୍ଧା ମାତା ଓ ବନ୍ଧୁବର୍ଗଙ୍କୁ ଶୋକ ସାଗରରେ ବସାଇ ଗଲେ । ଈଶ୍ୱର ଏହାଙ୍କର ଆତ୍ମାର ମଙ୍ଗଳ ଓ ପରିବାର ବର୍ଗେ ସାନ୍ତ୍ୱନା ପ୍ରଦାନ କରନ୍ତୁ ।

—○—

ଯାଜପୁର ସମାଚାର ଲେଖିଅଛନ୍ତି ଯେ ପାଣ୍ଡ ନଗର ମେଘନାଦର ଯେ ସମସ୍ତ ଗାଡ଼ ସଦରକୁ ଆସେ ସେମାନଙ୍କ ଧରଣାକାରଣ ପୁଲିସ ନିଉକଟେ-ପାଲଙ୍କ ନେବନ୍ତବଙ୍କୁ ନିଯୁକ୍ତ କରିଅଛନ୍ତି । ଏହା ଯଥାନ୍ତ ଅନାବଶ୍ୟକ ବୋଲି ସହଯୋଗୀ ଯାହା ଲେଖିଅଛନ୍ତି ତହିଁରେ ସନ୍ଦେହ ନାହିଁ । ପୁଲିସ କନଷ୍ଟେବଲମାନେ ଅଧିକାଂଶ ସ୍ଥଳ-ଙ୍କୁ ପ୍ରତ୍ୟକ୍ଷ ଦେଖି ଜାଣନ୍ତି ଯେ ଗାଡ଼ିବାଲା ଦୋଷୀ ହେଲେ ନାନା ହେତୁ ମେହନ୍ତର ଧରିଲେ ଆଗେ ଛାଡ଼ି ଦିଅନ୍ତି । ଏହା ମଫସଲମାନଙ୍କ ଉପରେ ଏ କଷ୍ଟରେ ପଡ଼ୁଅଛି ଏହା ଲୋକଙ୍କୁ ଲାଗୁଅଛି । ଆଶାକରୁଁ କର୍ତ୍ତୃପକ୍ଷମାନେ ସହଯୋଗୀଙ୍କର ପ୍ରସ୍ତାବରେ ଦୃଷ୍ଟି ଦେବେ ।

—•§•—

କଲିକତା ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପ୍ରକାଶ କରିଅଛନ୍ତି ଯେ ଏଥର ଏଫ. ଏ. ପରୀକ୍ଷାର ଇଂରାଜୀ ସାହିତ୍ୟ (ଏସ, ଏ, ) ପରୀକ୍ଷାର ଗତ ଦିବସର ପ୍ରଥମ ପ୍ରଶ୍ନ କାଗଜରେ କେ-ବଳ ଗଣ୍ଡଗୋଳ ଭୁଲ ରହିଥିବା ହେତୁ ସେ ବିଷୟରେ ନୂତନ ପ୍ରଶ୍ନ କାଗଜ

Digitized by srujanika@gmail.com

ବାହାରିବ ଏବଂ ତାହା ତେଲ୍ରରେ ଉକ୍ତ ପରୀକ୍ଷା ଦେଉଥିବା ଛାତ୍ରମାନେ ଉକ୍ତ ଅପ୍ରେଲ ମାସ ତା ୮ ରଣ ଗୁରୁବାର ଦିବା ଘ ୧୦ ଘା ଠାରୁ ଅପରାହ୍ନ ଘ ୧ ଘା ସମୟ ମଧ୍ୟରେ ସେହି ପ୍ରଶ୍ନମାନଙ୍କ ପାଠ ଉତ୍ତର ଦେବେ। ଏହି ପ୍ରଶ୍ନ ତାଙ୍କ ହସ୍ତରେ ଅମ୍ଭେମାନେ ଅନେକ ଗୁଡ଼ାଏ ଶୁଣିଥିଲୁଁ । ବିଶ୍ୱବିଦ୍ୟାଳୟ କର୍ତ୍ତାମାନେ ତହିଁର ପ୍ରତିକାର କରିବା ବଡ଼ ଅତନର ବିଷୟ ଅଟେ ।

---

କଟକ ଟେଷ୍ଟ ମାର୍କେଟର ଏକ ଦେବର ବାହାରିଛି ଯେ ପୋଷ୍ଟାଫିସ ମାନଙ୍କରେ ପୂର୍ବରେ ହଣ୍ଡିମାନ ଦେବାରେ ଉକ୍ତ ନଗରର ଏମାର ମଠର ମହନ୍ତ ୫୦୦୦ ଟଙ୍କା, ଦକ୍ଷିଣପାର୍ଶ୍ୱ ମଠର ମହନ୍ତ ୨୦୦୦ ଟଙ୍କା ଉତ୍ତର ପାର୍ଶ୍ୱ ମଠର ମହନ୍ତ ୨୦୦୦ ଟଙ୍କା ଏବଂ ଓଡ଼ିଆ ମଠର ମହନ୍ତ ୧୦୦୦ ଟଙ୍କା ଏହି ନିୟମରେ ଦାନ କରିଥିଲେ ଓ ପୋଷ୍ଟ ପିଲଗ୍ରିମ ହସ୍ପିଟାଲ (ଯାତ୍ରୀ ହସ୍ପିଟାଲରେ ଗୋଟିଏ ନୂତନ ଗୃହ) ନିର୍ମାଣ କର ନେଇ ଜାଣୁଁ ସ୍ଥାନ ଯେଉଁର ପ୍ରଥମ ଘର ତର୍ଜମା କରିବାର ମୂଳ ମୂଳ ଯୋଗ ହେବ। ମାନ୍ୟବର ମହୋଦୟ ଅନେକ ସହିତ ସେହି ଦାନ ଗ୍ରହଣ କରି ଦାତାମାନଙ୍କୁ ଧନ୍ୟବାଦ ଦେଇଅଛନ୍ତି ଓ ବେହାରାଙ୍କୁ ଜଣାଇବା କାରଣ ଏ ବିଷୟ ଲେଖିବା କଲେକ୍ଟରଙ୍କୁ ପ୍ରେରିତ ହୋଇଅଛି ।

---

‘ଉତ୍କଳବନ୍ଧୁ’ ନାମରେ ଗଣ୍ଡି ଏ ମାସିକ ଉତ୍କଳ ଦେଶ ଦେଶୀ ବନ୍ଧୁ ନେଇ ବଡ଼ ଚମତ୍କାର ଗତ ଫାଲ୍ଗୁନ ମାସରୁ ବାହାରିବାର ଅନେକ ହୋଇଅଛି। ତୃତୀୟ ସଂଖ୍ୟା ଏଥି ବାହାରକୁ ବାହାର ହୋଇଅଛି । ମୂଲ୍ୟ ବାର୍ଷିକ ଟଙ୍କେ ଦେଶ ସମ୍ବାଦ ବିଷୟ ଅମ୍ଭେମାନେ ପାଠ ଅବଗତ ହେଲୁଁ । ଏଥିରେ ବହୁତେଗୁଡ଼ିଏ ଗଦ୍ୟ ପଦ୍ୟ ପ୍ରବନ୍ଧମାନ ବାହାର ହୋଇ ଛଡ଼ା ଓ ପ୍ରାଚୀନ ଗ୍ରନ୍ଥ । ଅମ୍ଭେମାନେ ଏହାର ବହୁତ ଆଦର ଏବଂ ଉନ୍ନତି କାମନା କରୁ। ଏହି ପତ୍ରିକା ବେଲକ୍ଷଣା ଶ୍ରୀ କର୍ଣ୍ଣନିହିତର ପ୍ରେସରେ ଛପାଯାଇ ପ୍ରକାଶିତ ହୁଏ ତାଙ୍କ ଅନୁମତ୍ୟନୁସାରେ ନୃତ୍ୟ ଓ ଛନ୍ଦର । ଆଉ ମହାଶୟ ଶ୍ରୀ ଲକ୍ଷ୍ମୀନିଧିଙ୍କ ଲୋପ ଏଣ୍ଡରେଣ୍ଟ ଉମ୍ମାନ ଇଞ୍ଜିନିୟର ଟେଣ୍ଡେଣ୍ଟ ହେଲେ ଏବଂ ସେହି ନିମନ୍ତେ କଟକରେ ଗୋଟିଏ କର୍ତ୍ତବ୍ୟ କଲ ସ୍ଥାପିତ ହୋଇଅଛି ଏବଂ ଶ୍ରୀ ଦୁର୍ଗିଙ୍କ ଯନ୍ତ୍ରାଳୟରେ ମଧ୍ୟ ତହିଁର ଅନୁଷ୍ଠାତ ଅଟେ ଗୋଟିଏ କର୍ମ ତହାର ସ୍ୱଳ୍ପ ହେବାର ପ୍ରକାଶ । ଏଥିରୁ ବୁଝାଯାଏ ଯେ ଶ୍ରୀ ଯୁକ୍ତ ସ୍ୱର୍ଗୀରଥୀ ଦାସ ଏ ସମସ୍ତର ମୂଳାଧାର ଏବଂ ଏପରି ଉଦ୍ୟୋଗୀ ପୁରୁଷ ଓଡ଼ିଶାରେ ନାନା ସ୍ଥାନରେ ଦେଖିବାର ଅମ୍ଭେମାନେ ବାସନା କରୁଁ ।

---

ହରେକ ମହଲମାନଙ୍କରେ ଆବକାରୀ ଦୋକାନ ଯାହା କଣାଯାଏ ସେଥି ସମ୍ବନ୍ଧେ ତଦନ୍ତ କରିବା କାରଣ ସନ ୧୯୦୬ ମସିହାରେ ଗୋଟିଏ କମିଟି ନିଯୁକ୍ତ ହୋଇଥିଲା । ଉକ୍ତ କମିଟିର ରିପୋର୍ଟ ଉପରେ ବର୍ତ୍ତମାନ ଷ୍ଟେଟ ସେକ୍ରେଟେରୀ ମହୋଦୟଙ୍କ ଆଦେଶ ବାହାର ଅଛି । ସେକ୍ରେଟେରୀ ମହୋଦୟ ଆଦେଶ ଦେଇଅଛନ୍ତି ଯେ ବର୍ତ୍ତମାନ ସ୍ୱଦେଶରେ ପ୍ରସ୍ତୁତ ହେଉଥିବା ଦ୍ରବ୍ୟ କଣା-ଯିବା ସମ୍ବନ୍ଧରେ ଭାରତ ଗବର୍ଣ୍ଣମେଣ୍ଟ ଯେଉଁ ନିୟମ କରିଅଛନ୍ତି ତାହା ସଂଶୋଧନ କରି ଦେଶରେ ପ୍ରସ୍ତୁତ ବା କର୍ତ୍ତିତ ହେଉଥିବା ଦ୍ରବ୍ୟର ଉତ୍ପାଦ ହେବା କାରଣ ଅଧିକ ପରିମାଣରେ କ୍ରୀତ ହେବ । ବେଶୀୟ ଦ୍ରବ୍ୟର ଗୁଣ ଭଲ ଥିଲେ ଏବଂ ମୂଲ୍ୟ ନିତାନ୍ତ ବେଶୀ ନ ଥିଲେ କଣାଯିବ । ବିଦେଶରୁ ଆମଦାନୀ ହୋଇଥିବା କୌଣସି ପଦାର୍ଥରେ ଏ ଦେଶରେ ଯଦି କୌଣସି ଦ୍ରବ୍ୟ କର୍ତ୍ତିତ ହୁଏ ତାହେଲେ ମୂଲ୍ୟ ସମାନ ଥିଲେ ସେହିପରି ଦ୍ରବ୍ୟ କଣାହେବ ନାହିଁ । ମଧ୍ୟ ଏ ସବୁ ଅଦେଶାନୁଯାୟୀ କାର୍ଯ୍ୟ ହେବା କାରଣ ଗୋଟିଏ ପରିବର୍ତ୍ତନ କରାଯିବ ଏବଂ ସେଥିର ନିୟମା-ବଳୀ ପ୍ରସ୍ତୁତ ହେଉଅଛି । ନୂତନ ନିୟମ ପ୍ରକାଶ ହେଲେ ପାଠକଙ୍କୁ ଜଣାଇବୁଁ । ତଥାପି ସ୍ୱଦେଶୀ ଆନ୍ଦୋଳନ ହେତୁ ଏତେ ଦୂର ଦୃଷ୍ଟି ରହିବା ସୁଖର ବିଷୟ ।

---

ଗତ ମାସ ତା ୨୪ ରଣ ଦିନ କଲିକତା ଟାଉନ ହଲରେ ଶ୍ରୀଯୁକ୍ତ ସାରଦା ଚରଣ ମିତ୍ର ମହୋଦୟଙ୍କ ସଭାପତିତ୍ୱରେ ଗୋଟିଏ ସଭା ହୋଇଥିଲା । ସଭାସ୍ଥଳରେ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଏଠା ବ୍ୟବସ୍ଥାପକ ସଭାର ନିର୍ବାଚନରେ ଜାତିଗତ ଦୃଷ୍ଟି ରଖିବା ମତରେ ଅମୃତବଜାର ପତ୍ରିକା ଷ୍ଟେଟସେକ୍ରେଟେରୀ ମହୋଦୟ ମତ ପ୍ରକାଶ କରିଥିବାରୁ ସେ ବିରୁଦ୍ଧରେ ପ୍ରସ୍ତାବ ଧାର୍ଯ୍ୟ କରିବା ସଭାର ଉଦ୍ଦେଶ୍ୟ ଥିଲା ଏବଂ ସଭାପତି ମହୋଦୟ ଜାତିମାନଙ୍କରେ ଭେଦ-ଭାବ ଓ ଅନେକ ଅନିଷ୍ଟ ନାନା ବିଷୟର ଅବତାରଣା କରି ଗୋଟିଏ ସୁଦୀର୍ଘ ପ୍ରବନ୍ଧ ପାଠ କରିଥିଲେ । ଜାତିଗତ ପ୍ରଭେଦ ରକ୍ଷା କରି ନିର୍ବାଚନ ପ୍ରଣାଳୀ ଚଳାଇଲେ ଶାସନ ସମ୍ବାରର ଉଦାର ନୀତି ଓ ଉଦ୍ଦେଶ୍ୟ ନଷ୍ଟ ହେବ। ଓ ମାନ୍ଦ୍ରାଜ ଏବଂ ବୋମ୍ବାଇ ପରି ପୂର୍ବ ଓ ପଶ୍ଚିମ ବଙ୍ଗଳାମାନ ଏକତ୍ର କରି ଗୋଟିଏ ଗବର୍ଣ୍ଣରଙ୍କ ଅଧୀନରେ କାର୍ଯ୍ୟ କର ଏକ ବିଷୟ ନିଯୁକ୍ତ କରିବାର ପ୍ରସ୍ତାବମାନ ଧାର୍ଯ୍ୟ ହୋଇ ସଭା ଭଙ୍ଗ ହେଲା । ଅମ୍ଭେମାନେ ସର୍ବାନ୍ତଃକରଣରେ ଏ ପ୍ରସ୍ତାବ ଦ୍ୱୟର ସମର୍ଥନ କରୁଅଛୁଁ । ଏହା ଶେଷୋକ୍ତ ପ୍ରସ୍ତାବ କାର୍ଯ୍ୟରେ ପରିଣତ ହେଲେ ବଙ୍ଗଳାର ସମ୍ପ୍ରଦାୟ ଅଶାନ୍ତି ଦୂରୀଭୂତ ହେବ ଏହାହିଁ ଅମ୍ଭମାନଙ୍କର ଧାରଣା ।

---

ଗତ ଦିବା ଶୁକ୍ରବାର ଦିନ ବଙ୍ଗୀୟ ବ୍ୟବସ୍ଥାପକ ସଭାରେ ବଙ୍ଗଳାର ଚଳନ୍ତ ୧୯୦୯ । ୧୦ ବର୍ଷର ଆୟ ବ୍ୟୟର ବଜେଟ ଅପଣ ହୋଇଥିଲା । ଭାରତୀୟ ବଜେଟର ଅବସ୍ଥା ଶୋଚନୀୟ ଥିବାସ୍ଥଳେ ପ୍ରାଦେଶିକ ବଜେଟର ଅବସ୍ଥା ଯେ ଶୋଚନୀୟ ହେବ ଏଥିରେ ସନ୍ଦେହ ନାହିଁ । ଫଳତଃ ଦୁର୍ଭିକ୍ଷ ଏବଂ ଅଶାନ୍ତି ହେତୁ ପୁଲିସ ଓ ମାଲ ମୋକଦ୍ଦମାରେ ବ୍ୟୟ ଅତ୍ୟନ୍ତ ବଢ଼ିଅଛି । ଏଣୁ ଅଧିକ ବ୍ୟୟ ବଢ଼ିଯାଇଅଛି ଏବଂ ତାହା ଗତବର୍ଷ ଶେଷରେ ସଞ୍ଚିତ ଥିବା ଟଙ୍କାରୁ ଦିଆଯିବାର ବ୍ୟବସ୍ଥା ହୋଇଥିବାରୁ ଅଧିକା ଟିକସ ଇତ୍ୟାଦି ବସାଇବାର ପ୍ରସ୍ତାବ ହୋଇ ନାହିଁ । ପୂର୍ବବଙ୍ଗ ଓ ଆସାମର ଅବସ୍ଥା ମଧ୍ୟ ଶୋଚନୀୟ ଅଟଇ । ସେଠାର ଆୟ ବ୍ୟୟରୁ ନିଅଣ୍ଟ ପଡ଼ିଅଛି ଏବଂ ୭୦ ଲକ୍ଷ ଟଙ୍କା ହାତରେ ରଖି ସେଠା ଗବର୍ଣ୍ଣମେଣ୍ଟ ଅଦ୍ୟାବଧି ବର୍ତ୍ତମାନ ତାହା ସବୁ ଖର୍ଚ୍ଚ ହୋଇଯାଇ ସେ ପ୍ରଦେଶ ବର୍ତ୍ତମାନ ଭାରତ ଗବର୍ଣ୍ଣମେଣ୍ଟଙ୍କ ମୁଖାପେକ୍ଷୀ ହୋଇଅଛି । ଭାରତ ଗବର୍ଣ୍ଣମେଣ୍ଟ ମଧ୍ୟ ସେଠାପର ପଶ୍ଚିମ ବଙ୍ଗଖଣ୍ଡକୁ ଯଥୋଚିତ ଅର୍ଥ ସାହାଯ୍ୟ ଦେଉଅଛନ୍ତି ମାତ୍ର ଯେତେବେଳେ ଭାରତ ଗବର୍ଣ୍ଣମେଣ୍ଟଙ୍କ ଅବସ୍ଥା ଅସମ୍ଭାଳ ହୋଇ ପଡ଼ିଲାଣି ସେତେବେଳେ ପ୍ରାଦେଶିକ ଗବର୍ଣ୍ଣମେଣ୍ଟଙ୍କର ଅବସ୍ଥା ଭଲ ଦେଖିବା ଅସମ୍ଭବ। ବଙ୍ଗପ୍ରଦେଶର ଆୟ ବ୍ୟୟର ଚର୍ଚ୍ଚା ଆଗାମୀ ସୋମବାର ଦିନ ହେବାର ସ୍ଥିର ହୋଇଅଛି ଏବଂ ମାନ୍ୟବର ବଜେଟର ମହୋଦୟ ମେମ୍ବରମାନଙ୍କୁ ଦଶ ବକ୍ତୃତା ଦେବା କାରଣ ସୁଯୋଗ କରି ଦେଇଅଛନ୍ତି । ବ୍ୟବସ୍ଥାପକ ସଭାର ସଦସ୍ୟମାନଙ୍କ ବାଦାନୁବାଦ ସହିତ ଅମ୍ଭମାନଙ୍କର ମନ୍ତବ୍ୟ ପାଠକମାନଙ୍କୁ ବାରାନ୍ତରେ ଜଣାଇବୁଁ ।

---

ଅତ୍ୟନ୍ତ ଆନନ୍ଦସହକାରେ ଅବଗତ ହେଲୁ ଯେ ଭ୍ରାଇସରୟଙ୍କ ଏକଜେକ୍ୟୁଟିଭ କାଉନସିଲର ପଦରେ ମାନ୍ୟବର ଶ୍ରୀଯୁକ୍ତ ସତ୍ୟେନ୍ଦ୍ରପ୍ରସନ୍ନ ସିଂହ ମହୋଦୟ ଷ୍ଟେଟସେକ୍ରେଟେରୀଙ୍କ ଅନୁମତିରେ ନିଯୁକ୍ତ ହୋଇଅଛନ୍ତି । ସିଂହ ମହୋଦୟ ସନ ୧୮୬୩ ସାଲରେ ବୀରଭୂମ ଜିଲ୍ଲାର ରାୟପୁରରେ ଜନ୍

Split by PDF Splitter



ଗ୍ରହଣ କରି କଲିକତା ପ୍ରେସିଡେନ୍‌ସି କଲେଜରେ ପଢ଼ି ପାସ କରିବା ପୂର୍ବେ ବିଲାତ ଗଲେ ଓ ସେଠାରେ ବାରିଷ୍ଟରୀ ପାସ କରି ଫେରିଥିଲେ ସନ ୧୮୮୬ ସାଲରେ କଲିକତା ହାଇକୋର୍ଟର ବାରିଷ୍ଟର ହେଲେ । ଅସାଧାରଣ ଯୋଗ୍ୟତାସହକାରେ କାର୍ଯ୍ୟ କରି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରି ସନ ୧୯୦୩ ସାଲରେ ଷ୍ଟାଣ୍ଡିଂ କାଉନସେଲ ଓ ସନ ୧୯୦୬ ସାଲରେ ଆଡ଼ଭୋକେଟ ଜେନେରଲ ପଦରେ ନିଯୁକ୍ତ ଅଛନ୍ତି । ଅଧୁନା ତାଙ୍କର ଉନ୍ନତି ଅଧିକାର ଦେଖି ଅମ୍ଭମାନଙ୍କର ବଡ଼ଲାଟ ଓ ଷ୍ଟେଟ୍ ସେକ୍ରେଟେରୀ ମହୋଦୟମାନଙ୍କ ମନୋନୀତମତେ ଶାସନସଭାରେ ସ୍ଥାନ ପାଇଅଛନ୍ତି । ଏଥିରୁ ଅଧିକ ଗୌରବ ଆଉ କ ହୋଇ ପାରେ ? ଦେଶୀୟ ଲୋକେ ସେ ସ୍ଥାନ ଅଧିକାର କରିବାର ସ୍ୱାଦାସ୍ୱାଦନ କରଇଛନ୍ତି । ଏ ପଦରେ ବର୍ତ୍ତମାନ ମାନ୍ୟବର ସର ଅର୍ଲରିଚର୍ଡ଼ସ ସାହେବ ଅଛନ୍ତି । ତାଙ୍କର କାର୍ଯ୍ୟକାଳ ଏହିମାସ ତା ୧୬ ଦିନରେ ଶେଷ ହେବ । ଭାରତୀୟ ବ୍ୟକ୍ତିଙ୍କି ଭାରତ ସଭାରେ ସ୍ଥାନ ନ ଦେବା କାରଣ ଅମ୍ଭମାନଙ୍କର ଭୂତପୂର୍ବ ବଡ଼ଲାଟ ଲର୍ଡ଼ କର୍ଜନ ଲର୍ଡ଼ ଲାନ୍ସଡାଉନ ଏବଂ ଲର୍ଡ଼ ମାକଡୋନାଲଡ ସାହେବମାନେ ବିଲାତର ବଡ଼ ବଡ଼ ସଭାରେ ଘୋର ପ୍ରତିବାଦ କରୁଥିବାସ୍ଥଳେ ନ୍ୟାୟପର ହୃଦବେତନ ଶାସନକର୍ତ୍ତା ଲର୍ଡ଼ ମିଣ୍ଟୋ ଓ ଲର୍ଡ଼ ମରଲି ମହୋଦୟମାନେ ଉଦାର ରାଜନୀତିର ପରାକାଷ୍ଠା ଦେଖାଇ ଦେଶୀୟଲୋକଙ୍କ ଗୌରବ ରକ୍ଷା କରିଅଛନ୍ତି । ଏଥିରେ ସ୍ୱଦେଶୀୟ ଭାରତବାସୀ ତାଙ୍କଠାରେ କୃତଜ୍ଞ ହୋଇ ଅଶେଷ ଜଣାଉଅଛନ୍ତି । ଏହି ଭଳି ନ୍ୟାୟ କାର୍ଯ୍ୟଦ୍ୱାରା ଏହା ଜେତବ୍ୟ ମନ କଣ ଜଅଛା ଏ ବେ ଏହାହିଁ ମାଙ୍ଗଲ୍ୟ ରକ୍ଷାର ମୂଳସୂମାର୍ଗ । ତଦ୍‌ଶ ମାସର ଦର୍ଭ ବଙ୍ଗ ହୋଇ ମଧ୍ୟ ଯାହା ଏକ ଚ ଭୂଳନ୍ତି ବଡ଼ ଦୁଃଖର ବିଷୟ । ଯାହା ଦେଖି ଏକ ଦିନ ସ୍ୱର୍ଗୀୟା ମହାରାଣୀ ଭିକ୍ଟୋରିଆଙ୍କ ୧୮୫୮ ମସୀହାର ଘୋଷଣା ପତ୍ରର ମର୍ଯ୍ୟାଦା ରକ୍ଷା ହେଲା ଅତଏବ ବିଷୟ । ଅମ୍ଭମାନଙ୍କର ଏକାନ୍ତ ଆଶା ଯେ ସେହି ମହାଶୟ ଏହି ନୂତନ କାର୍ଯ୍ୟ ଯୋଗ୍ୟତା ସହକାରେ ନିର୍ବାହ କରି ଏ ନୂତନ ପଦ୍ଧତିକୁ ସଫଳ କରିବେ ଏବଂ ନିର୍ବାଚିତମାନଙ୍କର ଭବିଷ୍ୟତ ଉନ୍ନତିର ଯଥାର୍ଥ ପ୍ରମାଣ ଦେଖାଇବେ । ସ୍ୱର୍ଗୀୟ ହାଇକୋର୍ଟର ଜଜମାନଙ୍କର ବେତନ ବାର୍ଷିକ ୬୫ ହଜାର ଟଙ୍କା ଥିଲାବେଳେ ମାନ୍ୟବର ସିହ ମହୋଦୟ କାହିଁ ପାଇବେ । ବାରିଷ୍ଟରୀରେ ସେ ଏହାଠାରୁ ଅଧିକ ଲାଭ କରୁଅଛନ୍ତି । ଅତଏବ ଏ କାର୍ଯ୍ୟରେ ତାହାଙ୍କର ଆର୍ଥିକ ଲାଭ ନାହିଁ । ମାତ୍ର ଦେଶର ଗୌରବ ରକ୍ଷା ସକାଶେ ସେ ନଜର ସତ ସ୍ୱୀକାର କରି ଅଛନ୍ତି ଏହା ତାହାଙ୍କର ସାଧୁତାର ଅନ୍ୟ ପ୍ରମାଣ ଅଟେ ।

———

### ମିଉନିସିପାଲଟିର ନିର୍ବାଚନ କାର୍ଯ୍ୟ ।

ଏଠା ମିଉନିସିପାଲଟିର ନିର୍ବାଚନ କାର୍ଯ୍ୟ ଗତ ଶନିବାର ଦିନ ଶେଷ ହେଲା । କେବଳ ନଂ ୨ ଓ ୯ ମ୍ବର ୱାର୍ଡ ଛଡ଼ା ଅନ୍ୟ ସମସ୍ତ ୱାର୍ଡ଼ରେ ଗତ ପ୍ରତିଦ୍ୱନ୍ଦ୍ୱିତା ପରିଦୃଶ୍ୟମାନ ହୋଇଥିଲା । ଉକ୍ତ ଉଭୟ ୱାର୍ଡ଼ର ଅନ୍ୟ ପ୍ରାର୍ଥୀମାନେ ଆପଣାର ଆବେଦନ ପ୍ରତ୍ୟାହାର କରିବାରୁ ଯଥାକ୍ରମେ ମାନ୍ୟବର ମଧୁସୂଦନ ଦାସ ସି, ଆଇ, ଇ ଓ ବାବୁ ସଦାନନ୍ଦ ବେହେରା ନିର୍ବାଚିତ ହେଲେ । ଅନ୍ୟ ୱାର୍ଡ଼ମାନଙ୍କରେ ଯେମନ୍ତ ଘୋଡ଼ା ଲେଜ-ଲେଉ ସେମନ୍ତ ଟଣା ଓଟରାର ଧୂମ ପଡ଼ିଯାଇଥିଲା ! ମାଛହାଟରେ ମେଉଟ୍ଟଣୀମାନେ ଗ୍ରାହକଙ୍କୁ ଟେକି ଟେକି କରିବାର ଦୃଶ୍ୟ ଏହାଙ୍କୁ ହାରମାନଇଥିଲା । ଭୋଟ ଲେଖା ଯାଉଥିବା ସ୍ଥାନର ଦରା ମଧ୍ୟରେ କେହି ଭୋଟର ପହଞ୍ଚିଲା ମାତ୍ରେ ତାହାଙ୍କୁ ପ୍ରାର୍ଥୀମାନଙ୍କ ପକ୍ଷୀୟ ଲୋକେ ଘେରିଯାଇ ଟଣାଟଣି ସଙ୍ଗେ କାନରେ ମନ୍ତ୍ର ଫୁଙ୍କିଲା ପରି ପ୍ରାର୍ଥୀଙ୍କ ନାମ ଫୁଙ୍କି ଦେଉଥିଲେ ଏବଂ ଭୋଟର ବିଚରା ସେ ସ୍ଥାନକୁ ଯାଇ ଭୋଟ ଲେଖାଇ ବାହାର ଅହିବା ଅତୀବ କଷ୍ଟକର ହୋଇଥିଲା । କୌଣସି ସ୍ଥାନରେ କେହି ଲୋକ ତାଙ୍କ ପକ୍ଷୀୟ ବ୍ୟକ୍ତିଙ୍କ ହାତମୋଡ଼ାଇ ନ ଭଲରୁ ଧକ୍କାଟାଏ ଥୋଇ ଦେବାକୁ ମଧ୍ୟ କୁଣ୍ଠିତ ହୋଇ ନ ଥିଲେ ଏବଂ ମତ ସଂଗ୍ରହକର୍ତ୍ତା ମଧ୍ୟ କୌଣସି ଠାରେ ଆପଣା ମଧ୍ୟରେ ଟଣା ବା ଉଦ୍ଦଣ୍ଡତା ? ପାଇ କାଉ ମଧ୍ୟ ଦେଖା ଯାଇଥିଲା । ନଂ ୭ ମ୍ବର ଭୋଟ ଲେଖା କ୍ଷେତ୍ରରେ ବଜାର ପ୍ରଚଳିତ କୃଷିତ ଗୁଣରେ ଗାଳି ମନ୍ଦ ହେଉ ୬ ମାଉଣ୍ଟେଲ ଉପକ୍ରମ ହେବାରୁ ସ୍ୱୟଂ ଚେୟାରମାନ ଶାନ୍ତିରକ୍ଷା କରଣାର୍ଥ ପୁଲିସ ସେନା ସମ୍ପଦ୍ଧିରୁ ହେଉଥିଲେ । ଅମ୍ଭେମାନେ ପଚାରୁ ଏ ସନ ଭଳନ୍ତ ଭୋଟରମାନେ ଅଥବା ପ୍ରାର୍ଥୀମାନେ ଏ ଦାୟୀ ଅଛନ୍ତି ? ଅମ୍ଭମାନଙ୍କ ବିବେଚନାରେ ଏଥିନିମନ୍ତେ ଏହା ପ୍ରାର୍ଥୀମାନେ ଦାୟୀ । ସେମାନଙ୍କର ଆପଣା ସମ୍ମାନ ପ୍ରତି ଦୃଷ୍ଟି ଥିଲେ କଦାପି ଏପରି କରନ୍ତେ ନାହିଁ । ଯେ ଶିକ୍ଷିତ ହୋଇ ଲୋକଙ୍କ ମଧ୍ୟରେ ସୁପଥପ୍ରଦର୍ଶକ ପ୍ରତିଷ୍ଠାଲାଭ କରନ୍ତି ତାହାଙ୍କ ଏପରୁ ଦେଖିବାରୁ ମନ୍ଦ ବଳବ ତାହିଁବ ? ଯେଉଁମାନେ ଭବେ କମିଶନର ପଦ ପ୍ରାର୍ଥୀ ନାହିଁ ଯେମନ୍ତେ ଜନତ ସକାଶେ ତାହାଠାରୁ ଅଧିକ ନାମ ବାହାର କରିବାକୁ ଯଳେ ହାତଧର ଖୋସାମଦ କରିବା ଓ ଧାବା ପ୍ରକାର ଧର୍ମ ଉଚ୍ଚତର ସ୍ୱଭାବ ଦେଇବ ।

ଅନ୍ତର୍ଯ୍ୟର କଥା କହୁଅ । ଯେବେ ହିସାବ ଚରମ ନିର୍ବେଷ୍ୟ ଏହାହିଁ ହେଲା ତେବେ ସେଥର ଫିଶାଲ ହୁରୁ ନହୁଅ । ସେ ଯାହା ହେଉ ପରବର୍ତ୍ତ ଗତ କୌଣସିଠାରେ ଯେ ଦଙ୍ଗା ହଙ୍ଗାମା ହୋଇ ଭୋଟ ଲେଖା ବନ୍ଦ ହୋଇ ନାହିଁ ଏହିକ ମଙ୍ଗଳ ବିଷୟ ମାତ୍ର ଅନ୍ୟାୟ ଆଚରଣ ହେଉ ନ ୨ । ୫ ଓ ୭ ମ୍ବର ୱାର୍ଡ଼ର ନିର୍ବାଚ ସମ୍ବନ୍ଧେ ଆପତ୍ତି ଆଗତ ହୋଇଅଛୁ । ଫଳ ଏ ପଟରେ ପାଠକମାନଙ୍କୁ ଜଣାଇବୁ । ପୂର୍ବ ନିର୍ବାଚନର ନିୟମାନୁସାରୀ ତ ୧୫ ନ ପୂର୍ବରୁ ନିର୍ବାଚନର ସ୍ଥାନ ଓ ସମୟ ପ୍ରକାଶିତ ନ ହୋଇ କେବଳ ଛହିଁ ପୂର୍ବଦିନ ଘୋଷଣା ଦିଆ ଯାଇଥିବାରୁ ମାଜିଷ୍ଟ୍ରେଟ ଓ ଚେୟାରମାନଙ୍କ ନିକଟରେ ଏ ନିର୍ବାଚନ ବନ୍ଦ ରଖିବା କାରଣ ଆପତ୍ତି ହୋଇଅଛି । ଯଦି ଏହା ଗ୍ରାହ୍ୟ ହୁଏ ତାହା ହେଲେ ଅମ୍ଭମାନଙ୍କ ବିବେଚନାରେ ସମୁଦାୟ ନିର୍ବାଚନ ଅକର୍ମଣ୍ୟ ହୋଇଯିବ । ବର୍ତ୍ତମାନ ୨ ନମ୍ବର ୱାର୍ଡ଼ରେ ବାବୁ ଯତୀନ୍ଦ୍ରନାଥ ଗଙ୍ଗୋପାଧ୍ୟାୟ ଓ ବାବୁ ଉମେଶଚନ୍ଦ୍ର ସେନ, ନ ୩ ମ୍ବରରେ ବାବୁ ଜଗଦୀଶଚନ୍ଦ୍ର ବସୁ ଚୌଧୁରୀ, ନ ୪ ମ୍ବରରେ ବାବୁ ଜାନକୀନାଥ ବସୁ, ନ ୫ ମ୍ବରରେ ବାବୁ ଶ୍ୟାମସେନ ସାହୁ, ନ ୬ ମ୍ବରରେ ବାବୁ ରମାଇଚନ୍ଦ୍ର ମିଶ୍ର ଓ ବାବୁ ବସନ୍ତକୁମାର ସିଂହ, ନ ୭ ମ୍ବର ୱାର୍ଡ଼ରେ ବାବୁ ଆନନ୍ଦଚନ୍ଦ୍ର ମହାନ୍ତି ଏବଂ ନ ୮ ମ୍ବରରେ ବାବୁ ସୁଧାପ୍ରସାଦ ଦତ୍ତ ଓ ମୁନ୍‌ସୀ ସୈୟଦ ନୁରଲହକ ନିର୍ବାଚିତ ହୋଇଅଛନ୍ତି ।

—୦—

### ଧାନଲୁଟା ଉଲ ।

ଏଠାର ସୁପରିଚିତ ପ୍ରଧାନ ଡାକ୍ତର ଶ୍ରୀଯୁକ୍ତ ବାଲମ ଗ୍ରୀନହିଲ ମହୋଦୟ ଆପଣା ବ୍ୟୟରେ ଏ ନଗର ଯୋବଗ୍ରାରେ ଗୋଟିଏ ସୁନ୍ଦର ଉଲ ନିର୍ମ୍ମାଣ କରି ଗତ ମଙ୍ଗଳବାର ଦିନ ସକାଳ ଓ ଶ୍ରୀଯୁକ୍ତ କମିଶନର ସାହେବଙ୍କଦ୍ୱାରା ତାହାର ପ୍ରତିଷ୍ଠା କାର୍ଯ୍ୟ ସମାପନ ସହକାରେ ଉନ୍ମୁକ୍ତ କରିଅଛନ୍ତି । ନାଇଖାନାଠାରୁ ଗୋଟିଏ ପ୍ରକାଣ୍ଡ ନାଳ ଯାଇ । ଏଥିପାଇଁ ପା ୧୬ ଣ ୧୦ ଟି ଯୋଡ଼ା ସଡ଼କର ପୂର୍ବ ଭାଗରେ ନିର୍ମ୍ମିତ ହୋଇ ଦେଖ ହୋଇଅଛି । ସଡ଼କ ପାଶରେ ଗୋଟିଏ ବଡ଼ ଧୂଆ ଉଲ ଟଙ୍କି ଦରିଅଛୁ ଏବଂ ତହିଁ ଉପର ଏକ ବୃହତ୍ ଚେମ୍ବର ନାଠପରେ ଧାନ ଲୁଟିବା ପାଇଁ ଅଛି, ପରିଷ୍କାର କରିବା ଉପ୍ତ, ଭୁଷୁ ଏବ ବାହୁବାର କଳମାନ ସଜ୍ଜ ହୋଇଅଛି । ଧାନ ଭାନଦେଲେ ଉଲରେ ସମସ୍ତ ପ୍ରକ୍ରିୟା ହୋଇ ଚାଉଳ ଅଲଗା ହୋଇ ବାହାରିବ । ଉକ୍ତ ଉଲରୁ ଚଲ ଯୋଗାଇବାକାରଣ ଏକ ବଡ଼ କାଠ

Digitized by srujanika@gmail.com

Split by PDF Splitter



ସେଠା ହୋଇଅଛି । ଅନ୍ୟ ଏକ ସ୍ଥାନରେ ଧାନ ସିଝାଇବାର ବଡ଼ ବଡ଼ ଲୁହାର କୋଳସ୍ତମ୍ଭମାନ ବସିଅଛି ଓ ଶୁଖାଇବାର ସ୍ଥାନ ପ୍ରସ୍ତୁତ ହୋଇଅଛି । ଅନ୍ୟଦିଗରେ ଇଞ୍ଜିନଙ୍କର ବସାଇବ ଓ କଳ ରହିବା ସରଞ୍ଜାମ ପ୍ରସ୍ତୁତ ହେଉଅଛି । କାରଖାନା ମଧ୍ୟ ଏକ ପ୍ରକାଣ୍ଡସ୍ଥାନ ଉନ୍ମୁକ୍ତ ଓ ପୁଷ୍ପ ପତାକାଦିଦ୍ୱାରା ସୁଶୋଭିତ ହୋଇଥିଲା । ଶ୍ରୀମସନ ମହୋଦୟଙ୍କ ଆହ୍ୱାନରେ ସ୍ଥାନୀୟ ଅନେକ ମାନ୍ୟଗଣ୍ୟ ଦେଶୀୟ ଏବଂ କେତେକ ୟୁରୋପୀୟ ସମ୍ଭ୍ରାନ୍ତ ବ୍ୟକ୍ତି ଉପସ୍ଥିତ ହୋଇଥିଲେ । କମିଶନର ସାହେବ ସଭାସ୍ଥ ହେଲାରୁ କାରଖାନା ସ୍ଥାପନର ଗୋଟିଏ ରିପୋର୍ଟ ପଠିତ ହେଲା । ବାଲିମ ଶ୍ରୀମସନ ମହାଶୟ ଚୋଡ଼ାବଗିଠାରେ ଚାଉଳକଳ ସ୍ଥାପନ କରି ଲାଭବାନ୍ ହୋଇଥିବା ହେତୁ ଏଠାରେ ମଧ୍ୟ କାରଖାନା ସ୍ଥାପିତ ହେଲେ ଲାଭ ହେବାର ଜାଣି ଏକଲକ୍ଷ ଟଙ୍କା ବ୍ୟୟରେ ଏ କାରଖାନା ସ୍ଥାପିତ କରଯିବା ଓ ଏଥିରେ ପ୍ରତିଦିନ ୧୬୦୦ ମହଣ ଧାନ କୁଟା ହୋଇପାରିବା ଏବଂ ପ୍ରାୟ ୧୫୦ ଜଣ ଲୋକେ କାର୍ଯ୍ୟକରି ପ୍ରତିପାଳିତ ହେବାର ରିପୋର୍ଟରୁ ପ୍ରକାଶ ପାଇଲା । ଏଠାରୁ ଯେବେ ଧାନ ଅବା ଚାଉଳ ବର୍ଣ୍ଣିତ ରପ୍ତାନି ହୁଅନ୍ତି ହେଁ ଉକ୍ତ ରିପୋର୍ଟରେ ତ ଥିଲେ ସୁଦ୍ଧା ନୂତନ ହୋଇ ଗୋଟିଏ ବୃହତ କାରଖାନା ଏଠାରେ ସ୍ଥାପିତ ହେବା ସୁଖର ବିଷୟ ଏବଂ ଲୋକଙ୍କର ବାଣିଜ୍ୟ ବ୍ୟବସାୟରେ ଶ୍ରଦ୍ଧା ବଢ଼ିଥିବାର ପରିଚାୟକ । ତାହାହେଲେ କାର୍ଯ୍ୟ ଚଳନ୍ତା ଉପରୁ ଲାଭର ପରିମାଣ ଜଣାପଡ଼ିବ । ରିପୋର୍ଟ ପାଠାନ୍ତେ ସାହେବ ମହୋଦୟ ଏଠାରେ କାରଖାନା ସ୍ଥାପନ ହେବା ହେତୁ ଅତ୍ୟନ୍ତ ପ୍ରକାଶ କରି ଶ୍ରୀମସନ ମହୋଦୟଙ୍କୁ ଅଭିବାଦନ କଲେ ଓ କାରଖାନା ଘର ନିର୍ମାଣ କରିଥିବା ମେସର୍ସ ଶ୍ରୀଯୁକ୍ତ ନନ୍ଦ ଲକ୍ଷ୍ମୀପତି ମହାଶୟଙ୍କୁ ଗୋଟିଏ ସ୍ୱର୍ଣ୍ଣ ପଦକ ପୁରସ୍କାର ଦେଲେ । ଅତଃପର ସଭାପତିଙ୍କୁ ଧନ୍ୟବାଦ ଦିଆଯାଇ ସଭା ଭଙ୍ଗ ହେବାରୁ ସାହେବ ମହୋଦୟ କଳରେ ଅଗ୍ନି ଜାଳି ଦେଇ କଳ ଓ ଯନ୍ତ୍ରମାନଙ୍କ ଚାଳିତ ହୋଇ ଲେଉଟି ଆସିଲେ ଏବଂ ଉପସ୍ଥିତ ଭଦ୍ରମଣ୍ଡଳୀ ଅତର ପାନ ସଙ୍ଗେ ନେଇ ନେଇ ଜଳ ଯୋଗ କରି ହୃଷ୍ଟ ମନରେ ପ୍ରତ୍ୟାଗତ ହେଲେ । ଆମ୍ଭେମାନେ ଏହି ନୂତନ ବ୍ୟବସାୟର ଏକାନ୍ତ ଶୁଭକାମନା କରୁ । ଓଡ଼ିଶାରେ ଏପରି କାରଖାନା ଏହି ପ୍ରଥମ ଅଟେ । ଶ୍ରୀମସନ ମହାଶୟ ଓଡ଼ିଶାର ଲୋକ ନୁହନ୍ତି ମାତ୍ର କେଲେବେ ନିର୍ମାଣର ଡେପୁଟି ନେଇ ଅନେକ ବର୍ଷ ହେଲା ଓଡ଼ିଶାରେ ଆସି ଅନେକ କାର୍ଯ୍ୟ କରି ଲାଭ କରୁଅଛନ୍ତି । ସେ ଏହି ପ୍ରକାଣ୍ଡ କାରଖାନା ସ୍ଥାପନ ଦ୍ୱାରା ଓଡ଼ିଶାରେ ଗୋଟିଏ ନୂତନ ବ୍ୟବସାୟର ସୃଷ୍ଟି କଲେ ଓ ସେ ଆଶା କରୁଅଛନ୍ତି ଯେ ଏଥିର ସୁଫଳ ଦେଖି ଅନ୍ୟାନ୍ୟମାନେ ଏହିପରି କାରଖାନାମାନ ସ୍ଥାପନ କରିବାକୁ ଉତ୍ସାହୀ ହେବେ । ଓଡ଼ିଶାରୁ ଯେତେ ଧାନ ବିଦେଶକୁ ରପ୍ତାନି ହୁଏ ତହିଁପାଇଁ ଅନେକ କାରଖାନା ହେଲେ ବସିଲେ କ୍ଷତି ନାହିଁ ବରଂ ଦେଶର ମଙ୍ଗଳ ହେବ । ଉତ୍କଳବାସୀମାନେ ଏଥିରୁ ଶିକ୍ଷା ଲାଭ କରିବେ ଏହାହିଁ ଅମ୍ଭମାନଙ୍କର ପ୍ରାର୍ଥନା ।

---

### ଭାରତୀୟ ବଜେଟ ।

ଭାରତବର୍ଷର ଆଗତ ସନ ୧୯୦୯-୧୦ ମସୀହାର ବଜେଟ ଗତମାସ ତା ୨୨ ରଖର ବ୍ୟବସ୍ଥାପକ ସଭାରେ ଅର୍ପିତ ହୋଇଥିଲା । ରାଜସ୍ୱ ସଚିବ ବେକର ସାହେବ ଏହା ଅର୍ପଣ କରିବା ସମୟରେ ପ୍ରକାଶ କଲେ ଯେ ସନ ୧୮୯୮ ମସୀହାରୁ କ୍ରମାଗତ ଭାରତର ଆୟ ସ୍ୱଚ୍ଛଳ ଥିବାର ବଜେଟରେ ଦେଖାଯାଉଥିଲା ମାତ୍ର ତାହାର ଦୁର୍ଭାଗ୍ୟକ୍ରମେ ଏହି ବର୍ଷର ଆର୍ଥିକ ଅବସ୍ଥା ତହିଁର ବିପରୀତ ଘଟିଅଛି । ଗତବର୍ଷ ମାର୍ଚ୍ଚ ମାସରେ ପେଶହେବା ସନ ୧୯୦୮।୯ ବର୍ଷର ବଜେଟରେ ୫୭୧୫୦୦ ପାଉଣ୍ଡ ଉଦ୍ବର୍ତ୍ତ ରହିବାର ଆଶା ଥିଲା ମାତ୍ର ବର୍ତ୍ତମାନ ହିସାବରେ ୩୭,୧୦,୫୦୦ ପାଉଣ୍ଡ ନିଅଣ୍ଟ ପଡ଼ିବାର ଦେଖାଯାଏ । ପାଉଣ୍ଡକୁ ଟ ୧୫ ଙ୍କା ଧରିଲେ ସାଢ଼େ ପାଞ୍ଚକୋଟିରୁ କିଛି ଅଧିକ ନିଅଣ୍ଟ ପଡ଼ୁଅଛି । ମନ୍ତ୍ରୀ ମହୋଦୟ ପ୍ରକାଶ କଲେ ଯେ ସେ ବର୍ଷ ଉତ୍ତରପଶ୍ଚିମ, ମଧ୍ୟଭାରତ, ମଧ୍ୟପ୍ରଦେଶ, ପଞ୍ଜାବ, ବୋମ୍ବାଇ, ବଙ୍ଗଳା ଓ ମାନ୍ଦ୍ରାଜର କେତେକ ଅଂଶରେ ଦୁର୍ଭିକ୍ଷ ପଡ଼ିଥିଲା ଓ ଆଶାନୁଯାୟୀ ଶସ୍ୟ ଫଳିଲା ନାହିଁ । ଉତ୍ତରାଞ୍ଚଳର ଲୋକେ ୧୯୦୭-୦୮ ସାଲର ଶେଷାର୍ଦ୍ଧରେ ବିକଟ ମେଲେରିଆ ଜ୍ୱରରେ ଭୋଗ କଲେ । ସୁତରାଂ କୃଷକର ବ୍ୟବସାୟ ମଧ୍ୟ ମନ୍ଦଭାବ ଲାଭ କଲା । ଫସଲ ଜାତ ହେବାରୁ ରପ୍ତାନି ବନ୍ଦ ହେଲା । ମୂଲ୍ୟ ଚଢ଼ା ହେଲା ଏବଂ ଆମଦାନୀ ହେବା ମାଲମାନ ପଡ଼ି ରହିଲା, ସଙ୍ଗେ ସଙ୍ଗେ ଟଙ୍କାର ବଜାର ମଧ୍ୟ ମନ୍ଦ ହେଲା, ରେଲର ଆମଦାନୀ ୫ କୋଟି ୫୧ ଲକ୍ଷ ଓ ଭୂମିରାଜସ୍ୱ ୫୦ ଲକ୍ଷ ଊଣା ହେଲା ଏବଂ ଦୁର୍ଭିକ୍ଷ ପୀଡ଼ିତ କାର୍ଯ୍ୟରେ ବଜେଟ ଅପେକ୍ଷା ୬୦ ଲକ୍ଷ ଅଧିକା ବ୍ୟୟ ପଡ଼ିଲା । ଏଣୁ ବେତନଭୋଗୀ ସରକାରୀ ଲୋକଙ୍କୁ ଶସ୍ୟର ଦୁର୍ମୂଲ୍ୟତା ହେତୁ ସାହାଯ୍ୟ ଦେବାରେ ୯ ଲକ୍ଷ ଟଙ୍କା ବ୍ୟୟ ହେଲା ସୈନିକ ବିଭାଗରେ ହେନା ଓ ଅଣ୍ଟାଦିକ ଶୋଷ କଲେ ଅଧିକା ଖର୍ଚ୍ଚ ପଡ଼ିଲା । ଏହି ସବୁ କାରଣରୁ ଆଗତ ବର୍ଷକୁ କୌଣସି ବିଶେଷ କାର୍ଯ୍ୟରେ ଅଧିକ ବ୍ୟୟ କରିବାକୁ ସାବଧାନ ହେବାକୁ ପଡ଼ିଅଛି ଏବଂ ମିତବ୍ୟୟିତା ପ୍ରତି ବିଶେଷ ଦୃଷ୍ଟି ରଖି ଆଗାମୀ ବର୍ଷର ବଜେଟ ପ୍ରସ୍ତୁତ ହେବାରେ ଆୟରୁ ବ୍ୟୟ ଯାଇ ବର୍ଷ ଶେଷକୁ କେବଳ ୨୩୦ ହଜାର ପାଉଣ୍ଡ ଅର୍ଥାତ ପ୍ରାୟ ୩୫ ଲକ୍ଷ ଟଙ୍କା ଉଦ୍ବର୍ତ୍ତ ରହିବାର ଦେଖାଯାଉଅଛି । କୃଷି ଏବଂ ବ୍ୟବସାୟରେ ସାମାନ୍ୟ ଉନ୍ନତି ଏବଂ ଯେ ଖର୍ଚ୍ଚ ବିଶେଷରୁ ସହଜେ ବନ୍ଦ ରଖାଯାଇ ପାରେ ତାହା ସମସ୍ତ ବନ୍ଦ ରଖିବାଦ୍ୱାରା ଏହା ହୋଇଅଛି । ରେଲ ବିଭାଗେ ୧୫ କୋଟି ଏବଂ ଅନ୍ୟାନ୍ୟ ନାନା କାର୍ଯ୍ୟବିଭାଗେ ଦେଢ଼କୋଟି ଟଙ୍କା ଦେବା ହୋଇ ସର୍ବଶେଷ ଅଢ଼ାଇ କୋଟି ଟଙ୍କା ଋଣ କରିବାର ବ୍ୟବସ୍ଥା ହୋଇଅଛି । ବିଲାତରେ ୯ କୋଟି ଟଙ୍କାର ବିଲ ଅଦାୟଯୋଗ୍ୟ ହେଉଥିଲେହେଁ ତାହାକୁ ବଦଳାଇବାକୁ ହେବ ଏବଂ ଭାରତସ୍ଥ ଷ୍ଟେଟ ସେକ୍ରେଟେରୀ ପ୍ରାୟ ସାଢ଼େ ତେର କୋଟି ଟଙ୍କା ନେଇ ପାରିବାର ଧରାଯାଇଅଛି । ବ୍ୟବସାୟ-ସହାଯ୍ୟ ଆବଶ୍ୟକ ହେଲେ ଅଧିକା ବିଲ ବିକ୍ରୟଦ୍ୱାରା ଟଙ୍କା ଉଠାଇବାକୁ ହେବ । ବହୁବର୍ଷ-କାଳ ଐଶ୍ୱର୍ଯ୍ୟ ନିରତ ବଜେଟ ପରେ ଦୁର୍ଭିକ୍ଷ-ଯୁକ୍ତ ଏପରି ନିଷ୍ଠା ହେବା ବଜେଟ ପ୍ରସ୍ତୁତ କରିବାକୁ ପଡ଼ିବାରୁ ରାଜସ୍ୱ ସଚିବ ମହୋଦୟ ଦୁଃଖ ପ୍ରକାଶ କଲେ ଏବଂ ଭାରତର ଆୟ ପୂର୍ବ ପ୍ରାୟ ବଢ଼ିଥିବ ଥାଇ ଅସ୍ମାନଙ୍କ ଚାନ୍ଦ କରିବେବାର ଆଶା ପ୍ରକାଶ କଲେ । ସେ ଯାହାହେଉ ଅମ୍ଭମାନଙ୍କ ଯେ ଦୁର୍ବର୍ଷର ଫଳ କିମ୍ବା ଅଧିକ କୌଣସି ବିଷୟ ହେବାକୁ ନ ପଡ଼ିଲା ଏହାହିଁ ପରମ ସୌଭାଗ୍ୟ ବୋଲି ମଣୁଅଛୁଁ । ଉତ୍ତରୋତ୍ତର ଐଶ୍ୱର୍ଯ୍ୟର ଚତୁରୂପ ବସ୍ତ୍ର ଟଙ୍କ, ଉଦ୍ବର୍ତ୍ତ ପାଠ ନାନା ପ୍ରକାରରେ ଟଙ୍କା ଯାହା ବ୍ୟୟ ହୋଇଗଲା ତାହା କର ନ ଥିଲେ ଏତେ ଦେଶର ଅନେକ କାର୍ଯ୍ୟରେ ଆସିଥାନ୍ତା । ଗତବର୍ଷ ଏହା ଅଫିମରେ ଦେଢ଼କୋଟି ଟଙ୍କା ଅଧିକ ଆୟ ହୋଇଥିଲା ମାତ୍ର ଅନ୍ୟ ସମସ୍ତ ବିଭାଗରେ ଆୟ ଊଣା ହେବାରୁ ଏହା ଘଟିଥିଲା । ଆଗତ ବର୍ଷ ଅର୍ଥାତ ସନ ୧୯୦୯।୧୦ ରେ ଅଫିମ ଆୟ ଊଣା ହେବା ସତ୍ତ୍ୱେ ସମସ୍ତ ବିଭାଗର ଆୟ ଗତବର୍ଷ ଅପେକ୍ଷା ୪୯୧୩୦୦ ପାଉଣ୍ଡ ଅର୍ଥାତ ୭ କୋଟି ଟଙ୍କା ଅଧିକ ହେବାର ଅନୁମାନ କରାଯାଇଅଛି ।

ଲବଣ ୧୨୫୩୦୦ ପାଉଣ୍ଡ ଷ୍ଟାମ୍ପ ୧୩୭୨୦୦
ପାଉଣ୍ଡ ଅବକାରୀ ୩୬୯୫୦୦ ପାଉଣ୍ଡ ବାଣିଜ୍ୟ
ମାସୁଲ ୧୬୩୧୦୦ ପାଉଣ୍ଡ ଜଙ୍ଗଲ ୯୩୦୦୦

Digitized by srujanika@gmail.com

Split by PDF Splitter



ପାଉଣ୍ଡ ଥାଳେ ୮୯୯୦୦ ପାଉଣ୍ଡ ହେଲଣି ୩୦୨୯୯୦୦ ପାଉଣ୍ଡ । ପୁଲିସ ସଂସ୍କାର ସକାଶେ ୧୦୩ ଲକ୍ଷ ଟଙ୍କା ଖର୍ଚ୍ଚ ହେବାର ଧରାଯାଇଅଛି ଏବଂ ଦୁର୍ଭିକ୍ଷ କାର୍ଯ୍ୟରେ ୧୨୦ ଲକ୍ଷ ଟଙ୍କା ଦିଆ ଯାଇଅଛି ।

———

### ଅବକାରୀ ଆଇନ ।

ବଙ୍ଗଳାର ଅବକାରୀ ସମ୍ବନ୍ଧୀୟ ସନ ୧୮୭୮ ମସିହାର ବଙ୍ଗୀୟ ଆଇନ ସଂଶୋଧନ କରିବା-ପାଇଁ ବଙ୍ଗ ବ୍ୟବସ୍ଥାପକ ସଭାରେ ଗୋଟିଏ ଆଇନର ପାଣ୍ଡୁଲିପି ଆଗତ ହୋଇ ବର୍ତ୍ତମାନ ତତ୍ସମ୍ବନ୍ଧେ ନାନା ସଭା ସମିତି ଓ ଲୋକଙ୍କର ମତ ସଂଗ୍ରହ ହେଉଅଛି । ଏ ବିଷୟରେ ଗତ ତା ୧୯ ଖ ସନ୍ଧ୍ୟା ସମୟରେ କଲିକତା ଠାରେ ଗୋଟିଏ ସଭା ହୋଇଥିଲା । ମାନ୍ୟବର ଶ୍ରୀଯୁକ୍ତ ରାଧାଚରଣ ପାଲ ମହାଶୟ ସଭାପତିର ଆସନ ଗ୍ରହଣ କରିଥିଲେ । ଶ୍ରୀଯୁକ୍ତ ଭୂପେନ୍ଦ୍ରନାଥ ବସୁ ମହାଶୟ ପ୍ରଥମ ପ୍ରସ୍ତାବ ଆଗତ କଲେ ଯେ ବଙ୍ଗଳାରେ ମାଦକଦ୍ରବ୍ୟ ସେବନ କ୍ରମାଗତ ବଢ଼ୁଥିବାରୁ ତହିଁର ଲାଇସେନ୍ସ ଦେବାର ପଦ୍ଧତି ପରିବର୍ତ୍ତିତ ହେବା ନିତାନ୍ତ ପ୍ରୟୋଜନୀୟ ହୋଇଅଛି ଏବଂ ବର୍ତ୍ତମାନ ଯେପରି କଲିକତା ଏବଂ ଅନ୍ୟ ମିଉନିସିପାଲିଟିରୁ ଗବର୍ଣ୍ଣମେଣ୍ଟ କ୍ରମେ ଅବକାରୀ ଲାଇସେନ୍ସ ଦେବାର ଦ ୮୪ ଧାରାର କ୍ଷମତା ଅଛି ତାହା ପାଣ୍ଡୁଲିପିରୁ ଉଠାଇଦେବା ଉକ୍ତ ନୀତିର ବିପରୀତ ଏବଂ ସେହି ଦ ୮୪ ଧାରା ରହି ନ ଗଲେ ଲୋକମାନଙ୍କ ସେମାନଙ୍କ ମଧ୍ୟରେ କେତେଗୋଟି ଦୋକାନ କେଉଁ ସ୍ଥାନରେ ରଖାଯିବ ତହିଁର ଅଧିକାର ଦେବା କାରଣ କମେଟି ସ୍ଥାପନ ହେବାର ସଭା ବିବେଚନା କରନ୍ତି, ପ୍ରସ୍ତାବକାରୀ ମହାଶୟ କହିଲେ ଯେ ଭାରତରେ ଜାତି ଓ ଧର୍ମ, ସାମାଜିକ ନିୟମ ପାଳନ କର୍ତ୍ତବ୍ୟ-ମାନ ଅଛି ଏବଂ ହିନ୍ଦୁ ଓ ମୁସଲମାନମାନେ ସମସ୍ତେ ଧର୍ମତଃ ମଦ୍ୟପାନକୁ ନିଷେଧ କରନ୍ତି । ଗବର୍ଣ୍ଣମେଣ୍ଟଙ୍କର ଅବକାରୀ ବିଭାଗରେ ବିଶେଷ ଆୟ ଅଛି ଏବଂ ଏହା ପଶ୍ଚିମ ବଙ୍ଗଳାରେ ମଦ ବିକ୍ରୟଦ୍ୱାରା ଗବର୍ଣ୍ଣମେଣ୍ଟଙ୍କର ଗୋଟିଏ ୭୯ ଲକ୍ଷ ଟଙ୍କା ଆୟ ହୋଇଅଛି । ଗବର୍ଣ୍ଣମେଣ୍ଟରେ ଏମନ୍ତ ଲୋକ ନାହିଁ ଯେ ବ ଏ..ଟ ଅର୍ଥ ଅପୂର୍ବ ଛାଡ଼ିଦେବେ । ମାତ୍ର ସାମାଜିକ ଏବଂ ଧର୍ମ-ନୀତିର ଉନ୍ନତି ସକାଶେ ମାଦକ ସେବନ ଦମନ କରିବା ଉଚିତ । ଯେଉଁ ସ୍ଥାନରେ ମଦର ଦୋକାନ ହେବ ସେ ବିଷୟରେ ଲୋକଙ୍କର ମତ ନେବା ସର୍ବଥା କର୍ତ୍ତବ୍ୟ । ଗବର୍ଣ୍ଣମେଣ୍ଟଙ୍କ ଆୟ କଥା କେବଳ ଭାବିଲେ ଚଳିବ ନାହିଁ । ଲୋକଙ୍କ ଅଭ୍ୟାସ କରିବା ସଂଗତ କହିଲେ ଏବଂ ବିଶ୍ୱାସ କଲେ ହିନ୍ଦୁ ମୁସଲମାନ ସମସ୍ତେ ଦିନ ମଦ ଦୋକାନରେ ଯେ ବିଷମ କାଣ୍ଡ ଘଟୁଅଛି ତାହା ବନ୍ଦ ହୋଇପାରେ । ପାଦ୍ରୀ ଅଣ୍ଡରସନ ସାହେବ ଏ ପ୍ରସ୍ତାବ ସମର୍ଥନ କରି କହିଲେ ଯେ ସ୍ତ୍ରୀଲୋକମାନେ ମଦର ବିକ୍ରୟ ନ କରିବା ତଥା ସେ ଗବର୍ଣ୍ଣମେଣ୍ଟ ବନ୍ଦ କରିଅଛନ୍ତି ଏହା ଭଲ । ଭାରତର ବିଷୟକ୍ଷ ଲର୍ଡ ମରଲି ମନୋଭାବ ହୁଅନ୍ତି ଯେ ମଦର ପାନ ଭାରତରେ ବ୍ୟାପକ ନ୍ୟୁନ ପର ହୋଇଅଛି । ଗତ ବର୍ଷ ଅବକାରୀ ଆୟ ୯ ଲକ୍ଷ ଏବଂ ମଦ୍ୟପାନ ଦେଖା ବଢ଼ିଅଛି । କେବଳ ଆୟର ହେସାବ ନ ଥାଇ କର୍ମଚାରୀଙ୍କ ଦ୍ୱାରା ମାଦକଦ୍ରବ୍ୟ ସେବନ-ଦମନ କରିବା ଉଚିତ । ଏ ପ୍ରସ୍ତାବ ଗୃହୀତ ହେଲାଉତ୍ତାରୁ ଦ୍ୱିତୀୟ ପ୍ରସ୍ତାବରେ ଦେଶୀମଦ ଛଡ଼ା ଅନ୍ୟ ମାଦକ ଦ୍ରବ୍ୟ ଉପରେ ଲୋକ-ଙ୍କର କର୍ତ୍ତୃତ୍ୱ ରହିବା ସ୍ତ୍ରୀଲୋକମାନେ ଦେଶୀ ଓ ବିଦେଶୀ କୌଣସି ମଦ ବିକ୍ରୟ କରି ନ ପାରିବା, ମଦ ଦୋକାନରେ ୧୮ ବର୍ଷରୁ ନ୍ୟୁନ ବୟସ୍କ ପିଲାଙ୍କୁ କାର୍ଯ୍ୟ କରିବାକୁ ନ ଦେବା, ମଦ ଦୋକାନକୁ ପିଲାଙ୍କୁ ଯିବାକୁ ନ ଦେବା ଏବଂ ମିଉନିସିପାଲିଟିମାନଙ୍କରେ ମଦର ଦୋକାନ ଯଥାସ୍ଥାନରେ ସନ୍ନିବେଶିତ ହେବା ପକ୍ଷେ କମିଟି ନିଯୁକ୍ତ ହେବାର ଆଗତ ହୋଇ ଧାର୍ଯ୍ୟ ହେଲା-ପରେ ସଭାପତି ମହାଶୟ ବ୍ୟକ୍ତ କଲେ ଯେ ଶାସନ ସଂସ୍କାର ସମ୍ବନ୍ଧୀୟ ଆଇନରୁ ରେଗୁଲେସନ-ମାନଙ୍କ ସଭା ବସିଥିବା ବିଧି ପରିବର୍ତ୍ତନ ହେବା-ସଙ୍ଗେ ଅବକାରୀ ଆଇନର ଦ ୮୪ ଧାରା ବର୍ଜନ ସମାନ ଅଟେ । ଅମ୍ଭେମାନେ ଅବକାରୀ ଆଇନର ପାଣ୍ଡୁଲିପି ସମ୍ବନ୍ଧେ ଏ ପର୍ଯ୍ୟନ୍ତ କିଛି କହି ନାହୁଁ ଏବଂ ଲୋକମାନଙ୍କର କର୍ତ୍ତୃତ୍ୱ ପରିବର୍ତ୍ତନ୍ତୁ ହେଲେ ଅବକାରୀ କର୍ମଚାରୀମାନଙ୍କର ସ୍ୱେଚ୍ଛାଚାର ବର୍ଦ୍ଧିତ ହୋଇ ଲୋକଙ୍କର ସର୍ବନାଶ ହେବ । ମୋଫସଲ ମିଉନିସିପାଲିଟିମାନଙ୍କୁ ଅବକାରୀ ଦୋକାନ ସ୍ଥାପନ ସମ୍ବନ୍ଧେ କ୍ଷମତା ଦିଆ ଯାଇ-ଥିଲେହେଁ ଗବର୍ଣ୍ଣମେଣ୍ଟ କୌଣସି ମିଉନିସିପା-ଲିଟିକୁ ସେ କ୍ଷମତା ଦେଇଥିବାର ଅମ୍ଭମାନଙ୍କ ଜଣା ନାହିଁ ଏବଂ ଏଠା ମିଉନିସିପାଲିଟିକୁ ତାହା ଦିଆଯାଇ ନାହିଁ । ଅଥଚ ଗବର୍ଣ୍ଣମେଣ୍ଟଙ୍କର ଆୟ ବଢ଼ୁଅଛି । ଆୟ ବୃଦ୍ଧି ଅଧିକନ୍ତୁ ଭଲ ହେବାରୁ ଗବର୍ଣ୍ଣମେଣ୍ଟଙ୍କୁ କେହି କୁହାଇ ଦେଲେ ଯେ ଏଥିରେ ଭୀତ ହେବାର କାରଣ କିଛି ନାହିଁ କାରଣ ଅଧେ ସ୍ୱେଚ୍ଛାଚାର ବିଶେଷ ବିକ୍ରୟ ହେଉ-ଥିଲା ଏବଂ ସରକାର ତଦାରଖ କରିବାରୁ ସେସବୁ ବନ୍ଦ ହେବା ହେତୁ ଆୟ ବଢ଼ିଅଛି ମାତ୍ର ଲୋକ-ଙ୍କର ମଦ୍ୟପାନର ଆସକ୍ତି ବଢ଼ି ନାହିଁ । ଅମ୍ଭେମାନେ ଏପରି ଯୁକ୍ତିର ସମର୍ଥନ କରି ନ ପାରୁଁ ଫଳତଃ ଅମ୍ଭେମାନେ ଦେଖୁଅଛୁଁ ଯେ ସେତେ ତଦାରଖ କଲେ ସୁଦ୍ଧା ଗବର୍ଣ୍ଣମେଣ୍ଟ-ଙ୍କର ଆୟ ସଙ୍ଗେ ମଦ୍ୟପାନ ବଢ଼ୁଅଛି ଏବଂ ଏହା ବନ୍ଦ ହେବା ନିତାନ୍ତ ବାଞ୍ଛ-ନୀୟ ।

———

### ପ୍ରାଚୀନ ବୈଷ୍ଣବ ଗ୍ରନ୍ଥରେ ତାମ୍ବୁଲ କଥା

( ଅଳକନନ୍ଦାର ପଣ୍ଡିତଙ୍କୁ ଦାଣ୍ଡ ଉଦ୍ଧୃତ )

ଶ୍ରୀକୃଷ୍ଣ ଚୈତନ୍ୟ ମହାପ୍ରଭୁଙ୍କ ଅପାରକରୁଣା-ପଦ୍ ଦେ କର୍ଣ୍ଣପୂରଙ୍କ ରଚିତ ଚୈତନ୍ୟଚନ୍ଦ୍ରୋ-ଦୟ ନାଟକର ୯ ଅଙ୍କରେ ଲେଖାଅଛି ଯେ ମହାପ୍ରଭୁ ନାମ ପ୍ରେମ ଦେଇ ମଧ୍ୟ ବାଟେ ଯାନ୍ତି ; ଗୌଡ଼ର ଭକ୍ତମାନେ ସମ୍ମିଳନରେ ଅନ୍ତି ପଶ୍ଚାତ୍ ଅଛନ୍ତି ସେଠାରେ ନାମର ଆକର୍ଷଣରେ ଚତୁଃପାର୍ଶ୍ୱ ଲୋକରେ ଲୋକାରଣ୍ୟ । ଗୌଡ଼େ-ଶ୍ୱର ଏହି ଅପୂର୍ବ ଦୃଶ୍ୟ ଦର୍ଶନ କରି ବହ୍ନିତ ଭାବରେ ପ୍ରଶ୍ନ କଲେ ଏ ଘଟନା କଥଣ ?

ତଦୁତ୍ତରେ "କେଶବ ବସୁ କାମ୍ବ ତଦମାତ୍ୟ-ନ କଥିତମ୍—' ଶୁରତ୍ରାଣ ! ଶ୍ରୀକୃଷ୍ଣ ଚୈତନ୍ୟ ନାମ କୋଽପି ମହାପୁରୁଷଃ ସ୍ୱଭୁଜୋତ୍ତମାଙ୍ଗ୍ୟ-ବହ ପ୍ରଯତ,ଦେବିଦୁଷଦ୍ୱା ଅମା ଲୋକାଃ ସଞ୍ଚରନ୍ତି" ଇତି । ତଦମ୍ପ୍ରତ୍ୟୁକ୍ତଂ — ' ଅଦ୍ଭୁତମିଦଂ ଭବତି ଯତ୍ ଏକ ଏବଂ ଲୋକାକର୍ଷଣମ୍' ଇତି ।"

"କେଶବବସୁ ନାମକ ଗୌଡ଼େଶ୍ୱରଙ୍କ ଅମାତ୍ୟ କହିଲେ, ଶୁରତ୍ରାଣ ! ଶ୍ରୀକୃଷ୍ଣ ଚୈତନ୍ୟ ନାମକ ଏକ ମହାପୁରୁଷ ସ୍ୱଭୁଜୋତ୍ତମରୁ ମଧ୍ୟ ଗମନ କରୁଅଛନ୍ତି । ତାହାଙ୍କୁ ଦେଖିବା ସକାଶେ ଏହି ସବୁ ଲୋକେ ଅନୁଗମନ କରୁଅଛନ୍ତି । କେଶ-ବଂଶଙ୍କ କଥା ଶୁଣି ଗୌଡ଼େଶ୍ୱର କହିଲେ— ଏ ଅଦ୍ଭୁତ କେବେ ନାହିଁ ଯେ ଏପରି ଲୋକ ଆକର୍ଷଣ କରିବାର ସାମର୍ଥ୍ୟ ଅନ୍ୟରେ ସମ୍ଭବେ ନାହିଁ ।"

ଏହି ସମ୍ଭବ ଚୈତନ୍ୟଚନ୍ଦ୍ରୋଦୟ ନାଟକର କଥା । ବଙ୍ଗଳା ଭାଷାର ଅତି ପ୍ରାଚୀନ ଓ ପ୍ରାମା-ଣିକ ଗ୍ରନ୍ଥ ଶ୍ରୀ ଚୈତନ୍ୟ ଭାଗବତ ଏବଂ ଶ୍ରୀଚୈ-ତନ୍ୟ ଚରିତାମୃତ ଗ୍ରନ୍ଥଦ୍ୱୟରେ ଏହି ପ୍ରସଙ୍ଗରେ ବର୍ଣ୍ଣିତ ଅଛି ।

ଶ୍ରୀଚୈତନ୍ୟ ଭାଗବତରେ (ଅନ୍ତ୍ୟଖଣ୍ଡ ୪ଅଧ୍ୟାୟ)

"ଯଦ୍ୟପି ଯବନରାଜା ପରମ ଦୁର୍ବାର ।
ତଥାପି ଶୁଣି ଚିତ୍ତ ବଡ଼ ହୈଲ ଚମତ୍କାର ।
କେଶବଖାନେରେ ରାଜା ଡାକ ଆନାଇଲା ।
ଜିଜ୍ଞାସଂସୁ ରାଜା ବଡ଼ ବିସ୍ମିତ ହଇଲା ॥
ଦଢ଼ କେଶବଖାନ କେମତ ତୋମାର ।
"ଶ୍ରୀକୃଷ୍ଣଚୈତନ୍ୟ ବୋଲି ନାମ ବୋଲଯାର
କେମନ ତାହାର କଥା କେମନ ମନୁଷ୍ୟ ।
କେମନ ଗୋସାଇଁ ତାରେ କହିବା ଅବଶ୍ୟ ।

Digitized by srujanika@gmail.com

ଚତୁର୍ଦ୍ଦିଗେ ଥାଇ ଲୋକ ତାହାରେ ଦେଖିଲେ
ତ ଭକ୍ତି ଅଭାବେ କହନ୍ତେ ଗ୍ରାମ୍ୟମତେ ।"
ଶୁନହ ଦେଶବନ୍ଧାନ ପରମ ସନ୍ଧାନ ।
ଭକ୍ତ ପାଦ ଲୁଚାଇବା କାରଣ କଥନ ॥
କେ ବୋଲେ ଗୋସାଇଁ, ଏକ ଉତ୍କଳ ସନ୍ନ୍ୟାସୀ
ଦେଶାନ୍ତର ଗଲେ—ବୃନ୍ଦାବନ ବ୍ରଜବାସୀ ॥
ଏହା ବୋଲେ—କେଶବ ନାଗେ ବୋଲି କହୁ ଜାଣେ ।
ମହା ଦୋଷ ହୁଏ ଏହା କହିଲେ ତ ଜନେ ॥

* * * *

ହୃଦ୍ ମନ୍ଦିର ଦୋଳେ ଲୁଣ୍ଠ ଗୋସାଇଁଙ୍କୁ ଯବନେ
ଯୋଗତତ୍ତ୍ୱ ନହେ ଜାଣନ୍ତି ସଦାନନ୍ଦେ ।
ଅପନାର ସ୍ଥାନ୍ୟ ଯେ ଅମାର ଖଣ୍ଡ ଭବେ
ତାରୁ ଅକ୍ଷ ସର୍ବଦେଶେ ଖଣ୍ଡିଲ ଚଳ ବନେ ।
ଏଇ କାଳ ଓ କ୍ଷେତ୍ର ଆମାଲେ ପ୍ରସଙ୍ଗେ
ମନ କହିବା କେ ଜାଣିଯିବେ ମନେ ମନେ ।
ଭାଙ୍ଗରେ ଶକୁନ ପେଟେ ହାଁସ କାର୍ଯ୍ୟ ମତେ
ଦାଖଲ ନ କଲେ ଧନ ଅର୍ଥେ ଦନେ ଦେନେ
ଛତ୍ରମାତ୍ର ଅଛ ଅଟେ ଜୀବନ ତ ବଳେ
କାଳ ଯୁକ୍ତି କରିବେକ ଜେବନ ସାଜିଲେ ।
ଅପନାର ଖାଇଲେକ ତାଙ୍କରେ ଲେଖିଲେ, ।
ଗୃହେ,-ତାହା ଦେଖୋ କାହିଁ ପାନ୍ତ ଜନମତେ
ଅନନ୍ତ ଭିଦୋ ସତ୍ୟ ଜାନନ୍ତି ସ୍ଥାନ
ବେଷ୍ଟ ଚଢ଼ୟୁ କରେ ଦାନୋଳ ଚତୁର ।"

ଶ୍ରୀ ଚୈତନ୍ୟଚରିତାମୃତେ
( ମଧ୍ୟଲୀଳା, ୧ମ ପରିଚ୍ଛେଦ )

"ଗୌଡ଼େଶ୍ୱର ଯବନ ରାଜା ପ୍ରଭାବ ଶୁନିୟା,
କହିତେ ଲାଗିଲ କିଛୁ ବିସ୍ମିତ ହଇୟା ।
ବିନା ଦାନେ ଏତ ଲୋକ ଯାର ପାଛେ ହୟ,
ସେଇ ତ ଗୋସାଇଁ ଇହା ଜାନିହ ନିଶ୍ଚୟ ।
କେଶବ ଛତ୍ରିରେ ରାଜା ବାର୍ତ୍ତା ପୁଛିଲ
ପ୍ରଭୁର ମହିମା ଛତ୍ରୀ ଉଡ଼ାଇୟା ଦିଲ ।"

ପାଠକମାନେ ! ଉକ୍ତ ଉଭୟ ଗ୍ରନ୍ଥକାର ସ୍ୱ ସ୍ୱ ଅଭିଜ୍ଞତାର ଅନୁରୂପ ବର୍ଣ୍ଣନା କରିବାରୁ ସ୍ୱର ଯୋଜି ଟିକିଏ ଅଲ୍ପ ତଫାତ ହୋଇଅଛି । ସେଥିପାଇଁ ବର୍ତ୍ତମାନ ପ୍ରସଙ୍ଗରେ ତାହା ମହତ୍ତ୍ୱ ସମ୍ପର୍କ ନାହିଁ । ତଥା ଦେଖୁଅଛୁ, କେଶବ ଛତ୍ର, କେଶବ ଖାନ, ବା କେଶବ ଛତ୍ରିକୁ ଘେନ ।

ଲିଖିତ ଉଦ୍ଧୃତ ଅଂଶ ଗୁଡ଼ିକରୁ ପାଠକେ ସ୍ପଷ୍ଟ ବୁଝି ପାରିଥିବେ ଯେ ଭକ୍ତିଶାସ୍ତ୍ର ଗ୍ରନ୍ଥରୁ ଯେଉଁ ଘଟଣା ଉଲ୍ଲେଖ ହେଲା ସେ ଏକ ଘଟଣା, ଯେ ଗୌରାଙ୍ଗଙ୍କ କଥା ଲୁଚା ହୋଇଅଛି ସେ ଗୌରାଙ୍ଗ ଏକ, ସେ ଗୌଡ଼େଶ୍ୱର ଗୌରାଙ୍ଗର ବନ୍ଧୁ ଉକ୍ତ ସେ ଗୌଡ଼େଶ୍ୱର ମଧ୍ୟ ଏକ ଗୌଡ଼େଶ୍ୱର ଏବଂ ଯେ କେଶବ ନାମକ ବ୍ୟକ୍ତି ସହିତରେ ଗୌଡ଼େଶ୍ୱର ଗୌରାଙ୍ଗ ସମ୍ବନ୍ଧରେ କଥୋପକଥନ କରିଥିଲେ ସେ କେଶବ ମଧ୍ୟ ଏକ କେଶବ ।

ତେବେ ପ୍ରଶ୍ନ ହୋଇପାରେ ଯେ କେଶବ କେଉଁ ଏକ ତେବେ ବସୁ, ଖାନ ଓ ଛତ୍ରି । ଏହି ପ୍ରକାର ଭିନ୍ନୋକ୍ତି ବିଶେଷଣ କାହିଁକି ? ଏଥିର ଉତ୍ତର ଏହି କେଶବ ନାଉରେ କାୟସ୍ଥ ଜାତିର ଜାତିଗତ ଉପାଧି ଯେପରି ବଙ୍ଗଦେଶୀୟର ତାଙ୍କ କେଶବ ବସୁ କହନ୍ତି । ଏଣୁ ତାଙ୍କର ପ୍ରକୃତର ପଦବୀ ସେହି ପଦଟି ଧରି ବୃନ୍ଦାବନ ଦାସ ଠାକୁର ତାଙ୍କ କେଶବ ଖାନ ବୋଲି ବର୍ଣ୍ଣନା କରିଅଛନ୍ତି । ବସୁ ବଂଶୀୟ 'ଖାନ' ଖେତାବ ବହୁକାଳ ପୂର୍ବରୁ ଥିଲା । କୁଳୀନଗ୍ରାମବାସୀ ବସୁ ବଂଶୀୟ 'ପୁରନ୍ଦର ଖାନ ଓ ଗୁଣରାଜ ଖାନ' ଏହାର ବଳିଷ୍ଠ ପ୍ରମାଣ ।

ଆଉ କୃଷ୍ଣ ଦାସ କବିରାଜ ଗୋସ୍ୱାମୀ ଗ୍ରନ୍ଥରେ ତାଙ୍କୁ ସ୍ୱୟଂ ମହାଶୂର ବା ଛତ୍ର ବୋଲି ଅଭିହିତ ହେଉଥିବା ହେତୁ ସେ ତାଙ୍କୁ କେଶବ ଛତ୍ରୀ ବୋଲି ଉଲ୍ଲେଖ କରିଅଛନ୍ତି । ଛତ୍ରୀ ଯେ କ୍ଷତ୍ରିୟ ଶବ୍ଦର ଅପଭ୍ରଂଶ ଏହା ଆଉ ବୁଝାଇବାକୁ ହେବ ନାହିଁ ।

—

ଗ୍ରନ୍ଥପ୍ରାପ୍ତି ସ୍ୱୀକାର ।

ସଙ୍ଗାଙ୍ଗା ଓ ଅନ୍ୟ ସ୍ତବ ।—ଶ୍ରୀ ଦରଖଦ ଧଳେଶ୍ୱରଙ୍କ ଦ୍ୱାରା ସଙ୍କଳିତ ଓ ବାଲେଶ୍ୱର ସାମନ୍ତ ପ୍ରେସରେ ମୁଦ୍ରିତ । ଏଥିରେ ସେ ଯାଇରୁ ବାଡ଼ାର ପର୍ଦ୍ଦାରେ ପଢ଼ିଥିବା 'ହରକାଳୀ' ଭଜନ ଠାରୁ ଆରମ୍ଭ କରି ସଙ୍ଗାଙ୍ଗା ହେମ ଏବଂ ଗଙ୍ଗା କୃଷ୍ଣଙ୍କ ଅନ୍ୟ ସତ୍ତରର ପ୍ରଚଳିତ ସ୍ତବାଦି ପଦ୍ୟରେ ବର୍ଣ୍ଣିତ ହୋଇଅଛି । ଲେଖକଙ୍କର ଲେଖା ସରଳ ଏବଂ ସରଳ ଏହା ଗୃହଶାଳୀର ପିଲାମାନଙ୍କର ପାଠର ଉପଯୁକ୍ତ ମାତ୍ର ମୁଦ୍ରଣର ଆକାର ଦୃଷ୍ଟିରୁ ମୂଲ୍ୟ ଟିକିଏ ଅଧିକ ଅଟେ ।

ଅଙ୍କସୂତ୍ର ।— ଶ୍ରୀ ହରିଶ୍ଚନ୍ଦ୍ର, ଖଣ୍ଡାଳଙ୍କ ଦ୍ୱାରା ପ୍ରଣୀତ ଓ ବାଲେଶ୍ୱର ସାମନ୍ତ ପ୍ରେସରେ ମୁଦ୍ରିତ । ଏଥିରେ ଗୃହଶାଳୀର ପିଲାଙ୍କ ପଢ଼ିବା ଲାଗିଣ ଅଙ୍କ ଗଣନା ଓ ପଣକିଆ ଏବଂ ଓଜନ ଓ ମାପ ଇତ୍ୟାଦିର ଯାହା ଦିଆ ଯାଇଅଛି । ମୂଲ୍ୟ ଏକ ପଇସା ମାତ୍ର ଅଧିକ ନୁହେଁ ।

ଶ୍ରୀ ଜଗନ୍ନାଥବାବୁଙ୍କ ଗୀତଗୋବିନ୍ଦ ।— ଅଠଗଡ଼ ରାଜାର ସଭା କବି ଭୂପ ଓ ତାଙ୍କ ସହଧର୍ମିଣୀ ଶ୍ରୀ ରାଧା ପ୍ରିୟା ପାଟ ମହାଦେବୀଙ୍କ ରଚିତ ସ୍ୱରଚିତ ଏବଂ ପଣ୍ଡିତ ଶ୍ରୀ ହରିକୃଷ୍ଣ ମହାପାତ୍ର କବିସମ୍ରାଟଙ୍କ ବିରଚିତ ଟୀକା ସହିତ ଦେବନାଗରାକ୍ଷରରେ ସାମନ୍ତ ମୁଦ୍ରଣ ଯନ୍ତ୍ରରେ ମୁଦ୍ରିତ । ଏଥିରେ ବୃନ୍ଦାବନ ବିହାରୀଶୀଳ ରାଧା କୃଷ୍ଣଙ୍କ କେଳି ଗୀତଗୋବିନ୍ଦ ଛନ୍ଦରେ ବର୍ଣ୍ଣିତ ହୋଇଅଛି । କବି ଜୟଦେବଙ୍କ ଗୀତଗୋବିନ୍ଦର ମାଧୁର୍ଯ୍ୟ ଯେଉଁପରି ସେଥି କୃଷ୍ଣ ଭକ୍ତର ହୃଦୟରୁ ବିମୁଗ୍ଧ କେବଳର ନୁହେ । ଭକ୍ତ ନ ହେଲେ ମଧ୍ୟ ଅନୁପ୍ରାସମୟ ପ୍ରବନ୍ଧ ମଧ୍ୟରେ ଲଳିତ ପଦ ସଂଯୋଗ ଓ ଉଚ୍ଚ ଭାବ ପ୍ରବଣତା ହେତୁ ତାହା ଅମୃତ ପଦ ସ୍ୱାଦ କରୁଥିବାର ବୋଲିବେ । ସେହି ଭକ୍ତ ସରସ୍ୱତୀ ପ୍ରସାଦର ସଂସ୍କୃତ ଭାଷାରେ ପାଣ୍ଡିତ୍ୟ ଲାଭ କଲେ ତାହାକୁ ଅନୁକରଣ କରିବା କଠିନ ନୁହେ ଏବଂ ଭକ୍ତ କବିଙ୍କ ସେହି ଗ୍ରନ୍ଥରେ ବଶବର୍ତ୍ତୀ ହୋଇ ଏହା ପ୍ରଣୟନ କରିଅଛନ୍ତି । ନମୁନା ଯଥା;—

"ଦେଶବନ୍ଧ ଘନ ବୃନ୍ଦ ତାଲାନ୍ତ୍ୟାଂଗୀୟତେ । ଅନୁଭୂତ ହୃଦୟର ଲଳିତ ମୁଖେନ । ନବଦ୍ଧ ଜପାରୁଣ ମଣ୍ଡପରେଣ ରଚିତା ସଖି ଯଦିଚ ଯାଚିଣ । ଧ୍ରୁ । ପଦକ ଭକ୍ତଜନହୃଦ ନୟ ନେନ । ନ ତପତ ସା ବଳ ଦଳ ଶଦ୍ଦନେନ । ଅଟେର ସୁଧା ସମଧୁର କଣ୍ଠେନ । କୁଳତ ତ ସା ଦଶ ନୟନ ବନେନ ।" "ଦର୍ପ ଦର୍ପର ଦକ୍ଷିଣ ପାଲ ଦେଶ । ବାତ୍ୟଂ ନଯି କ୍ୟହ ଲକ୍ଷ୍ଣତ-ମୋଦଦାୟିନ୍ । ବର୍ତ୍ଥୀ ହଦର୍ଥ୍ୟ ଯେ ମାଂ କୃ ଦା ମୃଦଂ ଦଂ । ସଂମୀନ୍ୟା ଦଢ଼ ଲୁରାଦନ୍ତାପ ମୂର୍ତ୍ତା ।"

ଆଉ ଅଧିକ ଉଦ୍ଧୃତ କରିବାର ପ୍ରୟୋଜନ ନାହିଁ ଜଗନ୍ନାଥବାବୁର ପଣ୍ଡିତ ବୋଲି ଉତ୍କଳରେ ନାହିଁ ତ କାଶୀ, ବୃନ୍ଦାବନ, ଅଯୋଧ୍ୟା ପ୍ରଭୃତି ଯେଉଁ ଠାକୁ ଯାଇଅଛନ୍ତି ସେଠାରେ ଆପଣାର ପାଣ୍ଡିତ୍ୟ ଦେଖାଇ ଖ୍ୟାତ ଲଭିଅଛନ୍ତି । ତହିଁରୁପଲେ ପଣ୍ଡିତ ଗଜମହେଶର ସମାଗମ ଘଟି ଭାଷନ ଯୋଗ ଅଛି । ଏ ଯୋଗରୁ ପ୍ରଚଳିତ ଭକ୍ତିର ଗଭୀରତା ଦୃଷ୍ଟିରେ ଏଥି ଅଧିକ ଆଶା କରିବା ବୃଥା ହେଲେହେଁ ଆମ୍ଭେମାନେ ଏତେ ଶ୍ରେଣୀ ଗ୍ରନ୍ଥ ପାଇ ଆପଣାକୁ ସୌଭାଗ୍ୟ ମଣୁଅଛୁଁ । ବର୍ତ୍ତମାନ ଏତେ ସଂସ୍କୃତଚର୍ଚ୍ଚା ହ୍ରାସ ହୋଇ ଆସୁଅଛି । ତହିଁରୁପଲେ ନୂତନ କବିତା ଦେଖିବା ଦୂରେଥାଉ, ଏମନ୍ତସ୍ଥଳେ ଉଦ୍ଭାବନ ହୋଇ ପରେ ସୁସ୍ଥଚିତ୍ତ ଛନ୍ଦାଲଙ୍କାର ଯୁକ୍ତି ଓ ଶାସ୍ତ୍ରଲକ୍ଷିତ କାବ୍ୟଦ୍ୱୟ ପାଇବା ଭାଗ୍ୟର କଥା ନୁହେ । ତଥାପି କେବଳ ସଂସ୍କୃତ-ଜ୍ଞ ଦ୍ୱାରା ନ ଲେଖି ବର୍ତ୍ତମାନ ସଂସ୍କୃତ ଶିକ୍ଷିତବର୍ଗ ଗ୍ରହଣ କରିବେ ବୋଲି କାବ୍ୟ ଗ୍ରନ୍ଥ ଲେଖିବାରେ ପଣ୍ଡିତମାନେ କୃପା କରିବେ ଏହିଁ ଭାଗ୍ୟ ।

—

# ସାପ୍ତାହିକସମ୍ବାଦ ।

## କଲିକତା ଗେଜେଟ ।

ହୁଗିଲିର କଲେକ୍ଟର ଶ୍ରୀ ମା ଏସ୍, ଏଲ, ମ୍ୟାକ୍ସ୍ୱେଲ ସନ ୧୯୦୯ ଏପ୍ରିଲ ମାସ ତା ୧ ରିଖରୁ ଛଅମାସ ଛୁଟି ପାଇଲେ ।

ଭୁବନେଶ୍ୱର ସବ୍‌ଡିଭିଜନର ମୌଲବୀ ନସୀରଉଦ୍ଦିନ ତିନିମାସ ଛୁଟି ପାଇଲେ ।

ବଲେଶ୍ୱରର ସେଟଲ୍‌ମେଣ୍ଟ ହୋଇ ଆସିଥିବା ଡେପୁଟି କଲେକ୍ଟର ବାବୁ ଗଙ୍ଗାଧର ପ୍ରଧାନଙ୍କୁ ସପ୍ତାହ ଅବଧି ଛୁଟି ଦେବାର ସମ୍ବାଦ ଦିଆଗଲା ହେଲେ ।

କଟକର ଡେପୁଟି ମ୍ୟାଜିଷ୍ଟ୍ରେଟ ବାବୁ ନନ୍ଦକିଶୋର ଦାସ, ଦାସପୁର ଓ ବାବୁ ଜଗନ୍ନାଥ ଦାସ ଏଥି ସଙ୍ଗେ ଅନ୍ୟ ସ୍ଥାନରେ ବଦଳି ହେଲେ ଏବଂ ଏମାନଙ୍କ ସ୍ଥାନରେ କାର୍ଯ୍ୟ ନିମନ୍ତେ ଓ ସମ୍ବଲପୁର ଜିଲ୍ଲାର ସବଡିଭିଜନ ନିମନ୍ତେ ନିଯୁକ୍ତ ହେବେ ।

ନିମ୍ନଲିଖିତ ଭଦ୍ରଲୋକମାନେ କଟକ ଜେଲର ଅନରେରି ମାଜିଷ୍ଟ୍ରେଟ ପଦରେ ପୁନର୍ବାର ନିଯୁକ୍ତ ହେଲେ

ଓଡ଼ିଶା ଡିଭିଜନର କମିଶନର
କଟକର ମାଜିଷ୍ଟ୍ରେଟ ଓ କଲେକ୍ଟର
ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର, ମହାନଦୀ ଡିଭିଜନ
ପିଲ୍‌ଗ୍ରିମ ଓ ପ୍ରସିଡେଣ୍ଟ । କେନେଲର ଦାସ
କଟକ ଜେଲ । [ ପରେ
ବାବୁ ଗୋପବନ୍ଧୁ ଦାସ
„ ଜଗନ୍ନାଥ ଦାସ
„ ନନ୍ଦକିଶୋର ଦାସ
„ ଗୋପାଳ ଚୌଧୁରୀ
„ ଲୋକନାଥ ଦେବ
„ ବଳରାମ ସିଂହ
ମୁନ୍‌ସି ସୟଦ ମହମ୍ମଦ ଖଲିଲଉଦ୍ଦିନ
ଡାକ୍ତର ହେନେରୀ ଏ-ଇମାନୁଏଲ
ଏମ୍, ଏସ୍, ଡବ୍ଲ୍ୟୁ, ଏଫ୍, ସି, ଏସ୍, ଏଲ୍, ଆର୍
ବାବୁ କୃଷ୍ଣପ୍ରସାଦ ଘୋଷ ଜମିଦାର
ମି, ଜନ ମୁରଜମିନ
ମୌଲବୀ ହବିବ ଅବଦୁଲ ମଜିଦ

ଗତ ତା ୧୯ଶେ ମାର୍ଚ୍ଚ ଶେଷ ହେବା ସପ୍ତାହରେ ବଙ୍ଗଳର ପ୍ଲେଗ ରୋଗରେ ମୃତ୍ୟୁ ୧୧୯୭, ବମ୍ବେରେ ୧୫୭୯, କଲିକତାରେ ୧୩୮ ଓ ପଞ୍ଜାବର ୫୬ ଜଣ ମରିଥିଲେ । ୧୮ ଜଣ ଅନ୍ୟ ଜିଲ୍ଲାମାନଙ୍କରେ, ୮ ଜଣ ମଧ୍ୟପ୍ରଦେଶ ଓ ବର୍ମାରେ ୭୨ ଜଣ ମରିଥିଲେ ଓ ତାହା ପୂର୍ବ ସପ୍ତାହରେ ୬୭୨ ଓ ତାହାର ପୂର୍ବରେ ୬୪୮ ଜଣ ।

ଗତ ତା ୨୪ ରଖ ମଧ୍ୟରେ କେବଳ କଲିକତାରେ ୩୬୦ ଜଣ ଲୋକ ମରିଥିଲେ ।
ଏହି ସପ୍ତାହର ଅନ୍ୟ ୫୭୦ ଜଣ ।

---

## ସ୍ଥାନୀୟ ସମ୍ବାଦ ।

ଓଡ଼ିଶାର କମିଶନର ଶ୍ରୀଯୁକ୍ତ ଆର୍, ଲରେନ୍ସ ସାହେବ ଗତ ମଙ୍ଗଳବାର ପୁରୀ ଗମନ କଲେ । ଏହା ମା ୭ ସେଠାରେ ଅବସ୍ଥାନ କରିବେ କି ?

ଏ ସପ୍ତାହରେ ଏ ନଗରରେ ତାପ ବହୁତ ହୋଇଥିବା ବର୍ଷା ନାହିଁ ଗରମ ଅଧିକ ହୋଇଅଛି ।

ଜର ଓ ହାଡ଼ଫୁଟି ସବୁଠାରେ ବ୍ୟାପ୍ତ ହୋଇଅଛି ।

କେତେକ ଦିନ ପୂର୍ବରୁ ଏ ନଗରରେ ବସନ୍ତ ରୋଗ ଦେଖା ଦେଇ କମିଯାଇଥିଲା ପୁଣି ବଢ଼ିବାକୁ ଲାଗିଅଛି । ଏହାର ପ୍ରତିକାର ପାଇଁ କର୍ତ୍ତୃପକ୍ଷ ଦୃଷ୍ଟି ରଖିବେ କି ?

ଆମମାନଙ୍କର ନୂତନ କଲେକ୍ଟର ଶ୍ରୀଯୁକ୍ତ ଗଡ଼ବର ସାହେବ ଗତ ବୁଧବାର ଅପରାହ୍ଣରେ କାର୍ଯ୍ୟଭାର ଗ୍ରହଣ କରିଅଛନ୍ତି । ଶ୍ରୀଯୁକ୍ତ ଗାରେଟ ସାହେବ ଏଠୁ ଗମନ କରିବେ ।

ନାଗପୁରର ଶ୍ରୀଯୁକ୍ତ ବେଭିନ୍ସନ୍ ବା, ଅଫିସ୍ ସ୍ଥାନରେ ଏଠାରେ ଜଣେ ବଦଳି କମିଶନରଙ୍କ ନିଯୁକ୍ତ ହୋଇ ଅଛନ୍ତି ଏବଂ ଶ୍ରୀଯୁକ୍ତ ଡି. ସି ମେଣ୍ଟ ସମ୍ବଲପୁର ଅଧିକାରରେ ନିଯୁକ୍ତ ହୋଇ ଅଛନ୍ତି ।

ଏଠା ସାହେବଙ୍କ ଡାକବଙ୍ଗଳା ବାରମିତ୍ର ଚ. ନ ଦାସ ଗତକାଲି ରାତ୍ରିରୁ ବାହାର ହୋଇ କରିଥିବା ଅପରାଧରେ ଗତ ଗୁରୁବାର ତା ମା ୮ ଏକ ଅଦାଲତ କଟାଇଲେ ୫ ୧୫ ଟଙ୍କା ଜରିମାନା ଦେଲେ ମାସେ କଏଦ ଦଣ୍ଡର ଆଦେଶ ପାଇଅଛି ।

ଏହି ସମାରୋହ ଗୋପୀ ମହାନ୍ତି ସେଠାରେ ଗତ ଅବସରରେ ଗୋଟିଏ ଘୋଡ଼ା ଚୋରି କରିବା ଅପରାଧରେ ଗତ ବୁଧବାର ତା ମା ୮ ଏକ ବର୍ଷ କାରାରେ ମା ୭ ସ କଏଦ ହୋଇଅଛି ।

ଏଠା ପରଗଣାର ସ୍ୱାମୀ ମହନ୍ତ ଗୋସ୍ୱାମୀ ଗୋଟିଏ ଘୋଡ଼ା ଚୋରି ଅଭିଯୋଗ ସମ୍ବନ୍ଧ ଅବସର ହୋଇଯାଇ ଅଛି ।

ଖାଲି ଭଜା ଜାତିର ପିଲାଙ୍କ ଗଞ୍ଜାମ ଜିଲ୍ଲାରେ ବାର୍ଷିକ ପରୀକ୍ଷାରେ ସର୍ବୋତ୍କୃଷ୍ଟ ହେବାରୁ ପୁରସ୍କାର ଦେଇଅଛନ୍ତି । ଏହି ଜାତିର ପିଲାମାନଙ୍କୁ ଶିକ୍ଷା ଦେବା ନିମନ୍ତେ ବିଦ୍ୟାଳୟରେ ଅବସ୍ଥାନ କରୁଥିଲେ ଏବଂ ପାଠଶାଳାର ଶିକ୍ଷକ ମାନଙ୍କୁ ମାସିକ ଦରମା ବଢ଼ାଇ ଦେବେ ।

### ଜିଲ୍ଲାପତ୍ରୀ ସମ୍ବାଦ ।

ଗତ ବୁଧ ସପ୍ତାହଠାରୁ ଅନେକ ଗାଁରେ ପର୍ବମାନଙ୍କରେ ବସନ୍ତ ରୋଗର ପ୍ରକୋପ ଅଧିକ ବୃଦ୍ଧି ହୋଇଅଛି ଅନେକଙ୍କୁ ପୀଡ଼ିତ କରାଇ ପୂର୍ବ ସେହିମାନଙ୍କ ଘରେ ତାହା ଦେଖାଦେଇଅଛି ସେମାନଙ୍କ ମଧ୍ୟ ଏ ରୋଗ ବ୍ୟାପିବାର ଆଶଙ୍କା କରି ଦେଶୀ ବୈଦ୍ୟ ଔଷଧ ପ୍ରୟୋଗ କରୁଅଛନ୍ତି । ଦୁର୍ଭିକ୍ଷ ଅନ୍ନ ବିନା କେତେକ ଲୋକ କଷ୍ଟ ପାଉଅଛନ୍ତି ।

ଏ ବର୍ଷ ଏହାକିଛିରେ ଅମ୍ବ ଫଳର ଆଶା ଦେଖା ନାହିଁ । ବୃକ୍ଷ ଗୋଟିଏ ଗଛରେ ଯେ କୋଳିଏ ଫଳି ରହି ଥିଲା ତାହା ବର୍ଷା ପବନରେ ଅଧିକାଂଶ ଝଡ଼ି ପଡ଼ି ଯାଇଅଛି !

ଗତ ସପ୍ତାହଠାରୁ ଅନେକ ଘରେ ମେଲେରିଆ ହେଉଅଛି ମାତ୍ର ଦୁଇ ଏକବାର ସାମାନ୍ୟ ଜର ଭଳି ହେଉଅଛି ଅନେକ ବୃଦ୍ଧି ହେଉ ନାହିଁ । ଝିଅମାନଙ୍କର ବସନ୍ତରୋଗ କ୍ରମେ ଉପଶମ ହେଉଅଛି ।

ଚୋର ଡାକାୟତି ଅଧିକ ଓ ଅପର ସମ୍ପତ୍ତିରେ ଦାଉଦ ଓ ଜନାର୍ଦ୍ଦନର ଅବସ୍ଥା ହେଲା ସମ୍ପ୍ରତି । ବର୍ତ୍ତମାନ ଏହାଦ୍ୱାରା ବହୁ ହେଲେ ପୋଲିସ ବ୍ୟାପାର ଅନୁସନ୍ଧାନ କରୁଅଛି । ଏହାନ୍ତରରେ ତ୍ରୁଟି ଘୋଡ଼ାଚୋର ଘରେ ଥାଇ ପ୍ରେସ ଦେଖାଦେଇଅଛି । ଲୋକ ଏଥିପାଇଁ ସେ ସ୍ଥାନରେ କୌଣସି ଲୋକ ମଧ୍ୟ ରହିବାକୁ ଦେଖା ଯାଉ ନାହିଁ ।

ଗତ ଦୁଇ ତିନ ସପ୍ତାହ ମଧ୍ୟରେ କୌଣସି ଗଡ଼ କରଦର୍ଶକ କୃତିତ୍ୱ ହୋଇଅଛି । ଏହା କ୍ରମଶଃ ଶାନ୍ତ ହେଉଅଛି । ଗତ ବର୍ଷଠାରୁ ଏଥର ଅଧିକ ଓ ଅର୍ଦ୍ଧ ପରିମାଣରେ ଧାନ ଉତ୍ପନ୍ନ ହେଉଅଛି ।

ଏବର୍ଷ ଏଠାର ମ୍ୟୁନିସିପାଲିଟିର ନୂତନ ଆସେସମେଣ୍ଟ (Assessment) ହେବ । ଏହା ବର୍ଷ କମିଶନର ମାନେ ନଗରବାସିଙ୍କର ଅବସ୍ଥା ପ୍ରତି ଦୃଷ୍ଟି ରଖି କର ଧାର୍ଯ୍ୟ କରିବେ ।

ଏଠା ଡାକ୍ତରଖାନାର ଭାରପ୍ରାପ୍ତ ଡାକ୍ତର ବାବୁ ଜଗମୋହନ ମୂର୍ତ୍ତି ଦରଖାସ୍ତ ଦେବା ହେତୁ ବେତନ ବୃଦ୍ଧି କରି ଏ ସହରରେ ଏକ ଡାକ୍ତରଖାନା ଖୋଲିଲେ ଲୋକ ସୁବିଧା ଦାବୀ କରୁ ଅଛନ୍ତି । ଏଥିପାଇଁ ସଙ୍ଗେ ସଙ୍ଗେ ଜାହା, ଖାଦ୍ୟ, ଔଷଧ ଇତ୍ୟାଦିର ବନ୍ଦୋବସ୍ତ କରୁଅଛନ୍ତି ।

ମୋଟରଗାଡ଼ି ଯୋଗେ ସେ ୧୧ ଓ ୪୭ ସେ ୨୪ ର ଲେଖା ମିଳୁଅଛି କିନ୍ତୁ ଏହାର ଦ୍ୱାରା ଲୋକ ପାଇବ ଏହି ଯେଉଁଠାରେ ଅଧିକ ଲୋକ ହେବାର ସମ୍ଭବ, ଏହାସ୍ଥଳରେ ପଥଗାମୀ ବନ୍ଦୋବସ୍ତ କାର୍ଯ୍ୟ ଶେଷ ହେଉ ନାହିଁ ଏବଂ ଏହି ମଧ୍ୟରେ ଅଧିକାଂଶ ମୌଜାର ସରହଦ ସର୍ଭେ କାର୍ଯ୍ୟ ଶେଷ ହୋଇ କୌଣସିଠାରେ ଖାନେସୁମାରୀ ଆରମ୍ଭ ହେବାର ଆରମ୍ଭ ହୋଇଅଛି । ବନ୍ଦୋବସ୍ତ କାର୍ଯ୍ୟ ଶେଷ ହେଲେ ପ୍ରଜା ହକଦାରଙ୍କୁ ନୋଟିସ ହେବେ ।

### ସାଧାରଣ ସମ୍ବାଦ ।

ବୋମ୍ବାଇର ଗବର୍ଣ୍ଣର ବର୍ତ୍ତମାନ ଅବସ୍ଥା ଗତ ମାସ ତା ୨୨ ରଖ ଏକ ସାହେବ ଉପସ୍ଥିତ ସମୟରେ ପଠାଇବ ଗମନ କରିବାର ଆୟୋଜନ ଅଧିକ ସ୍ଥାନ ପରିବାରରେ ସଠିକ ଜଣାଇଥିଲୁ । ସାହେବ ମହୋଦୟ ଅକ୍ଟୋବର ମାସରେ ଜଣ୍ଡିସ୍ ସନ୍ଧ୍ୟା ଓ କୁଞ୍ଚୋଦର କାରଣ ଭୋଗ କରେ ବେଶି ପୀଡ଼ିତ ହୋଇ ସାରଣରେ ଭ୍ରମଣ ହୋଇଅଛନ୍ତି ।

ମାନ୍ଦ୍ରାଜର ସହରଠାରେ ଜମିଦାର ମୌଲବୀ ସାହେବ ମହମ୍ମଦ ନାମକ ଜଣେ ଲୋକର ଘେରି ମୁସଲମାନ ଜାତିରେ କନ୍ୟାର ଧର୍ମରେ ମୌଲବୀ ହେବାକୁ ୫୦୦୦ ଟଙ୍କା ଦାନ କରିଥିବାରୁ ପ୍ରଜା ହେବାରୁ ସରକାର ଏକ ସେହି ବାହାରେ ଅଧିକ ପାଇଅଛନ୍ତି ।

ଖବରର ଦୁର୍ଘଟଣା ପର ଲକ୍ଷଣ ବସ୍ତି ଜନ୍ତୁ ଦେଖ ଯଦି ଲୋକଙ୍କଠାରେ ପହଞ୍ଚିବାର ସମ୍ବାଦ ନ ଥାଏ ।
ଖାରପୁର ଚକ୍ରବର୍ତ୍ତୀ ପଣ୍ଡିତଠାରେ ୭ ୧ ଜ ଜଙ୍ଗଲା ପୁରୁଷ ଦେଖ ଯଦ ଅନ୍ତରେ କରିବାରୁ କେ ଜଣେ ଏକସପ୍ତାହଠାରୁ ମା ୭ ସ ପରେ ଖାଇବାକୁ ପାଇ ଅଛି ସେଥିରୁ ବର୍ଷ ଭେଟ ହଇ !

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେ-ମାନେ ଦାୟୀ ନୋହୁଁ ।

---

To

The Editor of the 'Utkal Dipika'

Sir,

The General election of Commissioners for different wards of the Cuttack Municipality took place on the 27th instant. I visited the Polling station of the ward No. 4. There were present besides the electors (some of them being amlas of tha Collectorate and the Civil Court) two prominent officials, namely, Seristadars of the District Judge's and Collector's office who were neither voters nor residents of ward No. 4. What led them to attend the Poll.

There were two Candidates,—viz Babus Janaki Nath Bose, Government Pleader and Dharmanund Patnaik, Pleader. The objection raised by the latter, if I remember aright, was that he had obtained a copy of ist of voters which did not tally with the list of voters then put up before the Presiding officer. What then is the cause of difference ?

Another objection put forward by Dharmanund Babu was to the effect that the Polling Station was not duly notified as required by law.

The Presiding officers in almost all the Palling Stations were Bengalees. Why did the Chairman take such a course ? Are not Oriyas fit to perform the duties of Presiding officers ?. A special feature of the election was that all Bengalee electors as far as I know, gave their votes in favor of Bengalee candidates. What then is the cause of all these ?

A thorough enqu'ry ought to be made by the proper authorities. The cause of failure of Babus Sarat Pal, Sarat Mukherjee and Ganeswar Das deserves enquiry.

29-3 09 Yours etc.
Bengalee

---

ମହାଶୟ !

ଏ ନଗରର ମିଉନିସିପାଲିଟିର କମିଶନର ନିର୍ବାଚନ ସମୟରେ କେତେକଣ ଶିକ୍ଷିତ ଓ ପଦସ୍ଥ ବାଙ୍ଗାଳିଙ୍କର କାର୍ଯ୍ୟ ଦେଖି ଦୁଃଖର ସହିତ ଲେଖିବାକୁ ବାଧ୍ୟ ହେଉଅଛୁ । ଶ୍ରୀଯୁକ୍ତ ମଧୁସୂଦନ ଦାସ ମହାଶୟ ଏ ନଗରର ନ ୮ ମ୍ବର ଓ୍ୱାର୍ଡର କମିଶନର ପଦପ୍ରାର୍ଥୀ ହେବାରୁ ସେମାନେ ଏପରି ଉତ୍ତେଜିତ ହୋଇଗଲେ ଯେ ଉଚ୍ଚ ଶ୍ରେଣୀର କେତେକ ଲୋକଙ୍କଦ୍ୱାରା ନ ୮ ମ୍ବର ଓ୍ୱାର୍ଡର ଭୋଟରମାନଙ୍କୁ ନାନା ପ୍ରକାର ପ୍ରଲୋଭନ ଦେଖାଇ ମଧୁବାବୁଙ୍କୁ ଭୋଟ ନ ଦେବା କାରଣ ସାଧ୍ୟାନୁସାରେ ଚେଷ୍ଟା କରିବାକୁ ଦୌଡ଼ି ବୁଲି-ଲେ । ମାତ୍ର ଏମାନଙ୍କର ସମସ୍ତ ଚେଷ୍ଟା ବିଫଳ ହୋଇ ମଧୁବାବୁ ନିର୍ବିଘ୍ନରେ ଉକ୍ତ ଓ୍ୱାର୍ଡର କମି-ଶନର ନିର୍ବାଚିତ ହୋଇଗଲେ । ଏହି ନିର୍ବାଚ-ନରେ ୭ ୮ ମ୍ବର ଓ୍ୱାର୍ଡର ଭୋଟଦାତାମାନେ ଯେଉଁ ମହତ୍ତ୍ୱ ପ୍ରଦର୍ଶନ କରିଅଛନ୍ତି ତାହା ସମସ୍ତ ଭୋଟରମାନଙ୍କର ଅନୁକରଣୀୟ ଏବଂ ଏଥିଲାଗି ନ ୮ ମ୍ବର ଓ୍ୱାର୍ଡର ଭୋଟରମାନଙ୍କୁ ଅନ୍ତରର ସହ ଶତ ଶତ ଧନ୍ୟବାଦ ପ୍ରଦାନ କରୁଅଛୁଁ ।

ଯେ ଦିନ ଗଞ୍ଜାମଠାରେ ସଭାରେ ଠିଆ-ହୋଇ ଜଣେ ଉଚ୍ଚ ମସ୍ତିଷ୍କ ବକ୍ତା ଶ୍ରୋତା-ମାନଙ୍କୁ ଉପଦେଶ ଦେଇ ଦେଇ ସୁବାକ୍ୟ ପ୍ରୟୋଗଦ୍ୱାରା ଖୁବ ବାହାଦୁରୀ ଦେଖାଇଥିଲେ । କିନ୍ତୁ ଗତ ଶନିବାର ଦିନ ନିର୍ବାଚନ ସମୟରେ ବକ୍ତା ଯାହାକୁ ଘୃଣା କରିବାକୁ ଜାଣିଥିଲେ ତାଙ୍କ ଦଳସ୍ଥ ଅନେକେ ସେହି କର୍ତ୍ତବ୍ୟର ପୂର୍ତ୍ତି ଅନୁଷ୍ଠାନ କରିବାରେ ଖୁବ ପଟୁତା ଦେଖାଇଲେ, ହା ବିଧାତା ! ଏହି ବଡ଼ ସ୍ୱାର୍ଥପରତା "ସ୍ୱାଦେଶିକତା" ଯେବେ ପୁଣି ଅମ୍ଭମାନଙ୍କୁ ଉପଦେଶ ଦେବାକୁ ଏବେ ବ୍ୟସ୍ତ- କଥାରେ କହନ୍ତି, "ଯିଏ ଯେଉଁଠାରେ ପରିଲୁ ରହ ନ ଅସର ଘଟନ୍ତି"। ଅତ ଏତବ, ବର୍ଷଶେଷରେ ପୁଣି କେବେ ଦେଖାଯିବ ।

୩୦।୩।୦୯ } ଆପଣଙ୍କର ଅନୁଗତ
ଜଣେ ଭୋଟର

---

ମହାଶୟ !

ଖାନ୍ ବାହାଦୁରୋପାଧିଧାରୀ ଏବଂ ରାୟ ବାହାଦୁରୋପାଧିଧାରୀ ଅଠଗଡ଼ର ରାଜା ମହୋ-ଦୟଙ୍କ ନିକଟ "ରୁକ୍ମିଣୀହରଣପ୍ରାପ୍ତି କାବ୍ୟ" ଏ ସ୍ଥଳ ଉପହାର ପାଇଅଛୁ । କାବ୍ୟ ଏଣ୍ଡିକ ଦୀର୍ଘ ଛନ୍ଦ ଅଲଙ୍କାରାଦି ଦ୍ୱାରା ମହାଜନମାନଙ୍କ ପ୍ରାଚୀନ ରୀତି ଅବଲମ୍ବନ କରିଅଛନ୍ତି । ଗୁଣମାନଙ୍କ-ମଧ୍ୟରେ ପ୍ରସାଦ ବର୍ଣ୍ଣିବା ଶକ୍ତି ପରି । ଅଳଙ୍କାର ମଧ୍ୟରେ ଉତ୍ପ୍ରେକ୍ଷା ଅଧିକ । କିନ୍ତୁ ଅର୍ଥାନ୍ତରନ୍ୟାସ (ଅଲଙ୍କାର ବିଶେଷ) ସଦୃଶ ଗୋଟିଏ ହୋଇନାହିଁ । ମୁଁ ଏ ଗ୍ରନ୍ଥର ଖଣ୍ଡିଏ ଖଣ୍ଡ କାବ୍ୟରସିକରେ ଦେଖିଅଛୁ ।

ଯାହାଙ୍କ ପକ୍ଷରେ ଗଦ୍ୟ ଅତ୍ୟନ୍ତ ନୁହେଁ ସେମାନଙ୍କର ହସ୍ତରେ ଦୀନ ଟିକା ଅତି ପ୍ରୟୋ-ଜନୀୟ । କିନ୍ତୁ ଜଗତରେ ଏପରି ଦେଖାଯାଏ ନାହିଁ । ପ୍ରାୟ ଅଧିକ ସଦବସ୍ଥାପନ୍ନ ଲୋକେ ଭୋଗ ବିଳାସକୁ ପରମ ପୁରୁଷାର୍ଥ ବୋଧ କରନ୍ତି । ଉକ୍ତ ରାଜା ମହୋଦୟଙ୍କଠାରେ ଏହା ବିପରୀତ । ବାମଣ୍ଡାର ରୂଢ଼ଦୁଙ୍କ ରାଜାମହୋଦୟଙ୍କ ପରେ ଏ ମହୋଦୟ ସମ୍ମାନର ସ୍ଥାନ ଅଧିକାର କରନ୍ତି ।

ଅନ୍ୟ ଏକ ଅଭାବ କଥା,—ଏ ଦେଶରେ ରାଜାମାନଙ୍କର ମାତୃଭାଷାରେ ପଟୁତା ବିରଳ। ସ୍ଥଳେ ରାଣୀ ମହୋଦୟାଙ୍କର ସଂସ୍କୃତ ଭାଷାରେ ପ୍ରୋଢ଼ ଗ୍ରନ୍ଥର ଟୀକା ପ୍ରକାଶ । ଟୀକାଟି ପାଣ୍ଡିତ୍ୟ-ପୂର୍ଣ୍ଣ ନ ଥିବାରୁ ପ୍ରୋମଳମତି ସ୍ତ୍ରୀ ଲୋକ-ଙ୍କର ପ୍ରଗତି ଜଣାଉ ଅଛି ଅହୋ ! ଏ ଦୁହିଙ୍କ-ଦ୍ୱାରା ଉତ୍କଳ ଅନୁଗୃହୀତ । ଅଧୀନଙ୍କ ଉକ୍ତ ଦମ୍ପତି ଅଖଣ୍ଡ ପ୍ରୀତି ସହ ଦୀର୍ଘାୟୁ ଲାଭ କରନ୍ତୁ । ଇତି ।

ଜଗଦୀଶ କୃପାଲେମ୍ବେ, ତାର୍ଥ ବେଦ୍ୟଂ ବାକ୍ୟେ ପ୍ରାପ୍ତେ ସ୍ତ୍ରୀ ପ୍ରିୟାୟା, ଜନ୍ମ ଦୁର୍ଗୋତ୍ସବ ;

୨—୨—୦୯ } ଗ୍ରନ୍ଥାର୍ଥୀ
ସଂସ୍କୃତାଧ୍ୟାପକ
ସାଳେପୁର ହାଇ ଇଂ ସ୍କୁଲ } ଶ୍ରୀ ଦାମୋଦର ମହାପାତ୍ର

---

## ମୂଲ୍ୟପ୍ରାପ୍ତି ।

| | |
|---|---|
| ବାବୁ ଗୋପାଳଚନ୍ଦ୍ର ପ୍ରହରାଜ ପୋଷ୍ଟମାଷ୍ଟର | ୪ ॰ |
| ରଘୁନାଥପୁର । ବ । କାନ୍ତି | ।୪ ॰ |
| ବାବୁ ମାଧବଚନ୍ଦ୍ର ଦାସ ଦ୍ୱାର ଦେଉଳ | ୪ ॰ |
| ଚୌଧୁରୀ କୃଷ୍ଣଚନ୍ଦ୍ର ଦାସ ବସନ୍ତ | ୪।୦ |
| ସାମନ୍ତ ଓ ଉପେନ୍ଦ୍ର ଦାସ ପଟ୍ଟନାୟକ | ୪ ॰ |
| ବାବୁ ମାଧବ ଚନ୍ଦ୍ର ମହାନ୍ତି | ୪ ॰ |
| ,, ହରି ସିଂହ ବାହୁବଳ | ୪ ॰ |
| ,, ବାସୁଦେବ ସାହୁ | ୪ ॰ |
| ଗୌରହରି ଜଗନ୍ନାଥ କଳାପଟନ | ୪ ॰ |
| ମହାରାଜା । ବ । ମଧୁବନ | ୪ ॰ |
| ବାବୁ ଗୋବିନ୍ଦ ପ୍ରସାଦ ନନ୍ଦ | ୪ ॰ |
| ମହନ୍ତ ଜଗନ୍ନାଥ ରାମାନୁଜ ଦାସ | ୪ ॰ |
| ସାନ୍ତ ପୀତାମ୍ବର ଦାସ ବାହିନୀପତି | ୪ ॰ |
| ରାଜା । ବ । ନୟାଗଡ଼ | ୪ ॰ |
| ... ... ... | ୪ ॰ |
| ଚୌଧୁରୀ ରଘୁନାଥ ସାମନ୍ତରାୟ ଗୁଣ୍ଡିଆ | ୪ ॰ |
| ଠେଙ୍ଗିଳ ଦାମୋଦର ରାଉତ ଦାସ ପୁଅ | ୪ ॰ |
| ବାବୁ ଦାମୋଦର ସାହୁ | ୪ ॰ |

Split by PDF Splitter
Digitized by srujanika@gmail.com

# INCOME TAX.

## FORM M.

GENERAL NOTICE UNDER SECTION 18, SUB-SECTION I, CLAUSE (*b*).

( RULE 19. )

The public are hereby informed that Act II of 1886, an Act for imposing a tax on income derived from sources other than agriculture, continues in operation during the year 1909-1910, and that all incomes derived from sources other than agriculture will be liable to taxation. Every person chargeable under Part IV of the second schedule of the Act is invited to deliver, or cause to be delivered to the Collector, on or before the 1st May 1909 a return in form II B below, giving details of his income according to the instructions on the return.

The form of return can be obtained free of cost at the Collector's office.

Cuttack Collectorate 7-4-1909 } L. Birley Collector.

## FORM IIB.

*Return under section 18, sub-section (1), clause (b) and (c) of income accruing and arising in British India.*

( RULE 19. )

| 1 | 2 | 3 | 4 | 5 | 6 | 7 |
|---|---|---|---|---|---|---|
| Name. | Number of municipal premises and name of street in which the residence or place of business is situated. | Sources of income chargeable under Part IV. | Amount of income | Period during which the income has actually accrued. | Name of sharers (if any) in the income in column 4, with specification of their shares | REMARKS. |
| | | | | | | |

I________ declare that the income shown in the return is truly estimated on all the sources mentioned, that it has actually accrued within the period stated, and that I have no other sources of income.

*Signature* __________

M ଫାରମ ।

ଆଇନର ୧୮ ଧାରାର ୧ ପ୍ରକରଣର (ଖ) ଦଫାନୁସାରେ ସାଧାରଣ ନୋଟିସ ।

( ରୁଲର ୧୯ ଧାରା ) ।

ସାଧାରଣଙ୍କୁ ଏତଦ୍ୱାରା ଏହି ସମ୍ବାଦ ଦିଆଯାଉଅଛି ଯେ କୃଷି ଛଡ଼ା ଅନ୍ୟ ଉପାୟରେ ଯେଉଁ ଆୟ ହୁଏ ତହିଁ ଉପରେ କରର ନିର୍ଦ୍ଧାରଣାର୍ଥ ୧୮୮୬ ସାଲର ୨ ଆଇନ ୧୯୦୯।୧୦ ସାଲ ମଧ୍ୟରେ ପ୍ରଚଳିତ ରହିବ ଏବଂ କୃଷି ଛଡ଼ା ଅନ୍ୟ ଉପାୟରେ ଯେଉଁଠାରୁ ଆୟ ହେଉ ତାହା କର ଯୋଗ୍ୟ ହେବ । ଆଇନର ୪ର୍ଥ ଭାଗ ଅନୁସାରେ କରଯୋଗ୍ୟ ପ୍ରତ୍ୟେକ ବ୍ୟକ୍ତିଙ୍କ ପ୍ରତି ଅନୁରୋଧ ଏହି ଯେ ସେ ମେ ମାସ ୧ ତାରିଖରେ ବା ତହିଁ ପୂର୍ବେ ନିମ୍ନଲିଖିତ ୨B ଫର୍ମ ଯାହାରେ ଶେଷ୍ରେ ଉଲ୍ଲିଖିତ ସେହି ରିଟର୍ଣ୍ଣ ଲିଖିତ ଉପଦେଶାନୁଯାୟୀ ଆପଣା ଆୟର ସବିଶେଷ ବୃତ୍ତାନ୍ତ ଲେଖି ତାହା କଲେକ୍ଟର ସାହେବଙ୍କ ନିକଟରେ ଅର୍ପଣ କରିବେ ବା କରାଇବେ ।

ରିଟର୍ଣ୍ଣର ଯାଠ ବିନା ଶୁଳ୍କରେ କଲେକ୍ଟରଙ୍କ ଅଫିସରେ ମିଳ ପାରିବ ।

Cuttack Collectorate } L. BIRLY

The 7th April 1909. } *Collector.*

Wanted an Auditor for the Kanika Raj on salary Rs 75 rising to 100 by annual increment of Rs 5. Preference will be given to an Uriya graduate having experience of accounts. Applications will be received by the Manager, P. O. Raj Kanika, Dt. Cuttack, up to 30th April 1909.

WANTED.

The following officers and guards for preservation and protection of the Darpan Estate forest on the salaries noted against each.

| | | |
|---|---|---|
| 1 | Forester ... ... including horse allowance of Rs 10 | Rs 50 |
| 2 | Clerks ... ... | Rs 15 each |
| 1 | Orderly ... ... | „ 6 |
| 2 | Forest guards ... | „ 8 each |
| 3 | „ „ ... | „ 7 „ |
| 7 | „ „ ... | „ 6 „ |

Preference should be given to the candidate (for the Forester's post) who should be able to procure recommendation from the Deputy Conservator of Forests, Khurda Division and the clerks should be Matriculates and have sufficient knowledge in correspondence and account works.

Applications are to be received by the undersigned up to the 20th instant.

Darpan Manager's office Dated Cuttack the 5th April 1909 } K. C. Nanda *Manager.*

ନୋଟିସ ।

ଦେଓ୍ୱାନୀ କାର୍ଯ୍ୟପ୍ରଣାଳୀ ସଂହିତା ଆଇନର ଧା ୭୦ ସ ଜଜ କଟକ ମୁନ୍ସିଫ ପ୍ରଥମ ମୁନସିଫଙ୍କ ଅଦାଲତ ନ ୨୨୧୮ ମର ସରେଜମିନ ସନ ୧୯୦୮ ମସୀହା

ଶ୍ରୀ ବଟପଧାନ । ସା । କଲ୍ୟାଣପୁର । ପ୍ର । ସିବଣ

ବାଦୀ

ବନାମ

ଶ୍ରୀ ବାଲୁକେଶ୍ୱର ଦେବ ବଡ଼ଜେନା । ମୌ । ଦୟାପୁରଙ୍କ ତରଫ ମାର୍ଫତଦାର ୧ ଅନନ୍ତ ପଧାନ ଓରଫ ଅନନ୍ତଓଦନଙ୍କ ୨ ଗୌରଙ୍କ ଯେତା ୩ ଅରକ ଜାମୁନ ୪ କୃପା ଜାମୁନ ୫ ହଲାମେଷ୍ଟା ୬ ଜାଉଣ ଦାଉଡ ୭ ସନାତନ ଜ ୮ ସାମଗଣ ୯ ଅନନ୍ତପୁରମାନେ ସ୍ୱମ୍ଭ ଓ ଗଜପୁରମୌଜା ନିବାସୀ ସମସ୍ତ ଗ୍ରାମବାସିମାନଙ୍କ ତରଫରୁ । ସା । ଦଳପୁର । ପ୍ର । ସିବଣ ୧୦ ଠକ୍ରା ସାହୁ ୧୧ ବାଉ ସାହୁ ୧୨ ଗୋବର ସାହୁ । ସା । ଅଣ୍ଡାର ସହିତ ସାମିଲ ହିମାଳୀପୁର । ପ୍ର । ସବାଙ୍ଗ ପ୍ରତିବାଦୀମାନେ

ଦାବୀ

ପୁରୁଷୋତ୍ତମ ପୁରୀ ସଦର ଥାନା ଜଲ୍ଲନା । ପ୍ର । ହିଷ୍ଣ । ମୌ । ଜାଜପୁର ଉକ୍ତା ଭୂଲ୍ ଅଧ ନର୍ଦ୍ଦିଷ୍ଟ ନମ୍ବର ଚୌହଦି ଅନୁଯାୟୀ ଏ ୦—୧୬ ବୃତ୍ତି ନ ୧୦।୧୫।୧୨ ମର ପ୍ରତିବାଦୀମାନଙ୍କର ମୌରସି ଦାଖଲ ଇସ୍ତୁ ପଞ୍ଚଭୂମି ଥାଇ ସେମାନେ ତହିଁରେ ଦଖଲକାର ଥିବା ଅବସ୍ଥାରେ ଆପଣାର ମହାଜନ ଦେଣା ପରିଶୋଧ ଓ ଘର ଖର୍ଚ୍ଚ ନିମନ୍ତେ ଉକ୍ତ ବୃତ୍ତି ବାଦୀଙ୍କ ହସ୍ତେ ତା ୮।୨।୧୯୦୦ ସନ ଲିଖିତ ରେଜେଷ୍ଟ୍ରି ସଯୁକ୍ତ ଦବାଲଜ୍ଜାସ ଟ ୭୨୧ ଙ୍କା ମୂଲ୍ୟରେ ବିକ୍ରି କରି ଦଖଲ ଦେବାରେ ବାଦୀ ତହିଁରେ ଦଖଲକାର ଥିଲେ ପ୍ରତିବାଦୀମାନଙ୍କ ସହିତ ବାଦମାନଙ୍କର ମନ ବାଦ ହୋଇଥିବାରେ ପ୍ରତିବାଦୀମାନେ ତା ୧।୧୧।୧୯୦୮ ରସେ ବାଦୀଙ୍କର ଚଳିତ ସନ ୧୩୧୬ ସାଲ ବାବଦ ଧାନ୍ୟ ଫସଲ ଜବରଦସ୍ତ ଜବରଦସ୍ତି କରି ନେଇ ଅତ୍ମସାତ୍ କରି ବାଦୀଙ୍କର ସତ୍ତ୍ୱ ହରଣ କରିଥିବାରୁ ବାଦୀ ଉକ୍ତ ବିବାଦ ବୃତ୍ତି ଉପର ଦଖଲ ସହି ସାବ୍ୟସ୍ତ ତହିଁରେ ଦଖଲ ବାହାଲ ରଖାଇବା ବେଦଖଲ ହେଲେ ଦଖଲ ଉଚ୍ଛେଦ କାର୍ଯ୍ୟଦ୍ୱାରା ବେଦଖଲ ହୋଇଥିବାର ସ୍ଥଳ ଉପରେ ତହିଁରେ ପୁନଃ ଦଖଲ ପାଇବା ଓ ନ ୧ । ଲ । ୯ ମର ପ୍ରତିବାଦୀମାନେ ଲୁଟି ନେଇ ଅତ୍ମସାତ୍ କରିଥିବା ଧାନ୍ୟ ଫସଲର ମୂଲ୍ୟ ଖେସାରତ ୮ ଟଙ୍କା ଓ ମକଦ୍ଦମାର ଖର୍ଚ୍ଚା ସୁଧ ସହିତ ପ୍ରତିବାଦୀମାନଙ୍କ

ଠାରୁ ଯାଇବା ସକାଶ ଡକ୍ତା ପଠଇବା ବାବଦ ୮ ୧୦୫୬ ତାଦାଦର ମୋକଦ୍ଦମା ।

ଉପରୋକ୍ତ ମୋକଦ୍ଦମାରେ ବାଦୀ । ପ୍ର । ତହସିଲ ଖଳପୁର ମୌଜାରେ ବସ୍ତିମାନ ଶ୍ରୀ ବାଲୁକେଶ୍ୱର ଦେବଙ୍କ ତରଫ ମାର୍ଫତଦାର ନ ୧ । ଲ । ୧ ନ୍ୱର ପ୍ରତିବାଦୀମାନଙ୍କୁ ସ୍ୱୟଂ ଓ ଖଳପୁର ଗ୍ରାମ ନିବାସିମାନଙ୍କ ତରଫରୁ ପ୍ରତିବାଦୀ କରି ମୋକଦ୍ଦମା ଚଳାଇବା କାରଣ ଅଦାଲତର ଅନୁମତି ଗ୍ରହଣ କରିବା ଓ ଖଳପୁର ମୌଜା ସମସ୍ତ ଗ୍ରାମବାସୀ ଏ ମୋକଦ୍ଦମାରେ ପ୍ରତିବାଦୀ ବୋଲି ଗଣ୍ୟ ହେବା ସକାଶ ପ୍ରାର୍ଥିତ ହୋଇଥିବାରୁ ଏ ନୋଟିସଦ୍ୱାରା ସର୍ବସାଧାରଣ ଓ ଉକ୍ତ ଖଳପୁର ମଉଜା ସମସ୍ତ ଗ୍ରାମବାସୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ ଖଳପୁର ସମସ୍ତ ଗ୍ରାମବାସିମାନେ ଏ ମୋକଦ୍ଦମାରେ ପ୍ରତିବାଦୀ ଥିବା ଓ ସେମାନଙ୍କ ପକ୍ଷରୁ ନ ୧ । ଲ । ୧ ନ୍ୱର ପ୍ରତିବାଦୀମାନେ ମୋକଦ୍ଦମା ଚଳାଇବା ପକ୍ଷେ କାହାର କୌଣସି ଆପତ୍ତି ଥିଲେ ତାହା ସନ ୧୯୦୯ ମସୀହା ଅପ୍ରେଲମାସ ତା ୧୪ ରଖ ମଧ୍ୟରେ ଏହି ଅଦାଲତରେ ହାଜର ହୋଇ ଦର୍ଶାଇବ ଉଚିତ । ଅଦ୍ୟ ଆମ୍ଭର ସ୍ୱାକ୍ଷର ଓ ଅଦାଲତର ମୋହର ଛାପେ ଦିଆଗଲା ତା ।୩।୦୯

---

# ଉତ୍କଳ ଦୀପିକା ।

ଏ ନଗରର ଖ୍ୟାତ ଲେଖା ସର୍ବଙ୍କର ଅନୁରୋଧ ମତେ ପ୍ରକାଶ କରୁଅଛୁଁ ଯେ ଆସନ୍ତା ବୈଶାଖ ମାସରୁ ପ୍ରଭାତ ନାମରେ ଏକ୍ତ୍ରିଏ ମାସିକା ଓଡ଼ିଆ ପତ୍ରିକା ବାହାର ହେବ । ଏଥିରେ ବାଳକ ବାଳିକାଙ୍କ ସୁବିଧା ନିମନ୍ତେ ନୀତିଜ୍ଞାନ, ଜର୍ମାଣ କୌତୁକାବହ ଗଦ୍ୟ ପଦ୍ୟ ପ୍ରବନ୍ଧମାନ ପ୍ରକାଶ ହେବ । ବାର୍ଷିକ ମୂଲ୍ୟ ସଦର ଓ ମୋଫସଲ ସକାଶେ ୮ ୧ ଟଙ୍କା । ଗ୍ରାହକମାନେ ଶୀଘ୍ର ଏ ନଗର ଗ୍ରନ୍ଥକାରଙ୍କ ଠିକଣାରେ ପତ୍ର ଲେଖନ୍ତୁ ।

---

ଗତ ତା ୨୭ ଋଣରେ ଶେଷ ହେବା ସପ୍ତାହରେ ଭାରତରେ ପ୍ଲେଗ ରୋଗରେ ୫୦୩୫ ମୃତ୍ୟୁ ହୋଇଥିଲା ଯେ ତହିଁ ମଧ୍ୟରେ ବମ୍ବେରେ ୧୦୬୪ ଯୁକ୍ତପ୍ରଦେଶରେ ୯୨୫ ବଙ୍ଗଦେଶ ୪୭୭ ଏବ ପଞ୍ଜାବରେ ୧୮୫୪ ଥିଲା । ଅତଏବ ପଞ୍ଜାବର ମୃତ୍ୟୁ ସର୍ବାପେକ୍ଷା ଅଧିକ ଏବ ପୂର୍ବ ସପ୍ତାହଠାରୁ ପାଞ୍ଚଗୁଣରୁ କିଛି ଅଧିକ ବୃଦ୍ଧି ହୋଇଥିଲା ପୂର୍ବ ସପ୍ତାହର ମୋଟ ମୃତ୍ୟୁ ୪୫୫୦ ଥିଲା ।

---

ଗତ ତା ୨୭ ଋଣରେ ଶେଷ ହେବା ସପ୍ତାହରେ ଭାରତରେ ଦୁର୍ଭିକ୍ଷ ସାହାଯ୍ୟ ପାଉଥିଲେ ପୂର୍ବବଙ୍ଗରେ ୮୨୬୭ ବଙ୍ଗରେ ୭୦୦୫୧ ଯୁକ୍ତପ୍ରଦେଶରେ ୧୪୮୨୫ ମଧ୍ୟପ୍ରଦେଶ ୧୫୧୧ ଓ ବମ୍ବେର ୬୯୭ ଗାଏ ୧୬୪୩୧ ଜଣ । ପୂର୍ବ ସପ୍ତାହର ଅଙ୍କ ଥିଲା ୮୨୬୬୦ ଜଣ । ଯାହା ବୃଦ୍ଧି ହୋଇଅଛି ତାହା ସକଳ ପ୍ରଦେଶରେ ଘଟିଅଛି ବିଶେଷତଃ ବଙ୍ଗରେ ।

---

ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟର ଯେଉଁ ବଜେଟ ପ୍ରସ୍ତୁତ ହୋଇଅଛି ତହିଁରୁ ଗତବର୍ଷ ଶେଷରେ ଏକକୋଟି ସାଢ଼େ ୧୪ ଲକ୍ଷ ଟଙ୍କା ଉଦ୍ବୃତ୍ତ ରହିବ ଏବ ଚଳିତବର୍ଷର ଆୟ ୫୮୮ ଲକ୍ଷରୁ ବ୍ୟୟ ୫୮୪ ଲକ୍ଷ ହେବାର ଅନୁମିତ ହୋଇଅଛି ଏଠା ବଜେଟ ଅବସ୍ଥାନ ଅପେକ୍ଷା ସନ୍ତୋଷଜନକ ଅଟେ । ଚଳିତବର୍ଷ ସକାଶେ ପ୍ରାୟ ୩୮ ଲକ୍ଷ ଟଙ୍କା ଶିକ୍ଷାବିଭାଗରେ ବ୍ୟୟ ହେବାର ପ୍ରସ୍ତାବ ହୋଇଅଛି ଏବ ତାହା ଦଶବର୍ଷ ପୂର୍ବର ବ୍ୟୟ ଅପେକ୍ଷା ଦ୍ୱିଗୁଣ ହେଲେହେଁ ଦେଶର ଅବସ୍ଥା ଦୃଷ୍ଟିରେ ଅଳ୍ପ ଅଟେ ।

—※—

କେଉଁଆଡ଼କୁ ମସ୍ତକର ଶୋଇବା ଉଚିତ ଏ ବିଷୟରେ ବର୍ତ୍ତମାନ ପାଶ୍ଚାତ୍ୟଦେଶର ବୈଜ୍ଞାନିକମାନେ ଲାଗିଅଛନ୍ତି । ସେମାନେ ସ୍ଥିର କରିଅଛନ୍ତି ଯେ ଉତ୍ତର ଓ ଦକ୍ଷିଣକୁ ମସ୍ତକ ରଖି ଶୋଇବା ଉଚିତ । ଏପରି ଶୋଇଲେ ଶରୀରରେ ଯେତେଦୂର ପର୍ଯ୍ୟନ୍ତ ବୈଦ୍ୟୁତିକ କ୍ରିୟା ହୁଏ ପୂର୍ବ ଓ ପଶ୍ଚିମକୁ ମସ୍ତକ ରଖି ଶୋଇଲେ ତାହା ହୁଏ ନାହିଁ । ଆମ୍ଭମାନଙ୍କ ଦେଶରେ କେବଳ ଦକ୍ଷିଣ ଓ ପୂର୍ବକୁ ମସ୍ତକ ରଖି ଶୋଇବାର ପ୍ରବାଦ ମାତ୍ର ଅଛି କିନ୍ତୁ ତହିଁର ବୈଜ୍ଞାନିକ କାରଣ କୌଣସିଠାରେ ଲେଖା ନ ଥିବାରୁ ଲୋକେ ତହିଁରେ ଅବିଶ୍ୱାସ କରୁଅଛନ୍ତି ।

---

କଲିକତା ନଗର କେଲାଗାଛଥାନେ ବଙ୍ଗ ଇଣ୍ଟରନେସନାଲ କଲେଜ ବା ସ୍ୱତନ୍ତ୍ର ଶିକ୍ଷା ଗୃହ ବିଦ୍ୟାଳୟର ଗତ ମାର୍ଚ୍ଚ ମାସର ଫାଇନାଲ ପରୀକ୍ଷାରେ ତ ୨୫ ଜଣ ଛାତ୍ର ପାସ କରିଅଛନ୍ତି । ସେମାନଙ୍କର ନାମ ଓ ବାସସ୍ଥାନ ସହ କଲିକତା ଗେଜେଟରେ ପ୍ରକାଶିତ ହୋଇଅଛି । ଏମାନଙ୍କ ମଧ୍ୟରେ ତ ୫ ଜଣ ମୁସଲମାନ ଓ ଅବଶିଷ୍ଟ ସମସ୍ତେ ହିନ୍ଦୁ ଅଟନ୍ତି । କେବଳ ଜଣେ ମୁସଲମାନର ଘର ମାନ୍ଦ୍ରାଜ ଅଞ୍ଚଳର ଜିଲ୍ଲାରେ ଅବଶିଷ୍ଟ ସମସ୍ତେ ବଙ୍ଗଦେଶର ପୂର୍ବ ଅଧିକାଂଶ ପୂର୍ବବଙ୍ଗର ଲୋକ ଅଟନ୍ତି । ଓଡ଼ିଶାର କେହି ନାହିଁ ।

---

'ସୋନାର ଭାରତ' ନାମକ ସମ୍ବାଦପତ୍ର ଛାପା ହେବାର ଯନ୍ତ୍ରାଳୟ ହାବଡ଼ା ଜିଲାର ମାଜିଷ୍ଟ୍ରେଟ ଗତ ଫେବ୍ରୁଆରୀ ମାସ ତା ୧୯ ରିଖରେ ସନ ୧୯୦୮ ସାଲ ଅପରାଧ ଉତ୍ତେଜନା ଆଇନ ଅନୁସାରେ ସରକାର ଜବତ କରି ନେବାର ଆଦେଶ ଦେବାର ବଙ୍ଗଗବର୍ଣ୍ଣମେଣ୍ଟ ବିଜ୍ଞାପନ ପ୍ରଚାର କରିଅଛନ୍ତି ଓ ସେହି ସୋନାର ବଙ୍ଗ ନାମକ ସମ୍ବାଦପତ୍ର ଛାପା କରିବା କାରଣ ମୁଦ୍ରାକରର ସନ ୧୯୦୭ ସାଲ ଅଗଷ୍ଟ ମାସ ତା ୫ ରିଖ ଲିଖିତ ଏକରାର ନାମା ରହିତ ହେଲା । ଏଣିକି ସେହି ସମ୍ବାଦ ପତ୍ର ଅଥବା ସେହିପ୍ରକାରର ଅନ୍ୟ କୌଣସି ସମ୍ବାଦପତ୍ର କେହୁ ଛାପା ଓ ପ୍ରଚାର କରି ପାରିବେ ନାହିଁ ।

—•§•—

ଓଡ଼ିଶାର ଚାରି ଜିଲ୍ଲାରେ ଗତ ଜାନୁଆରୀ ମାସରେ ଯେତେ ଜନ୍ମ ଓ ମୃତ୍ୟୁ ହୋଇଥିଲା ତହିଁର ବିବରଣ ନିମ୍ନେ ପ୍ରକାଶିତ ହେଲା ଯଥା :-

| ଜିଲ୍ଲା | ଜନ୍ମ | ମୃତ୍ୟୁ |
|---|---|---|
| କଟକ | ୪୩୮୪ | ୫୩୦୭ |
| ବାଲେଶ୍ୱର | ୨୦୨୩ | ୨୬୩୭ |
| ପୁରୀ | ୨୩୪୧ | ୨୫୪୧ |
| ସମ୍ବଲପୁର | ୧୯୬୫ | ୧୦୯୫ |

ଏହା ସମ୍ବଲପୁର ଛଡ଼ା ଓଡ଼ିଶାର ଅନ୍ୟ ସମସ୍ତ ଜିଲ୍ଲାରେ ଜନ୍ମଠାରୁ ମୃତ୍ୟୁ ଅଧିକ ଥିଲା । ମୋଟମୃତ୍ୟୁ ମଧ୍ୟରେ ବସନ୍ତ ରୋଗରେ କଟକରେ ୪୮ ବାଲେଶ୍ୱର ୭୧ ଓ ପୁରୀରେ ୨୭ ପ୍ରତି ଓଲଉଠାରେ ସେହି ତିନି ଜିଲ୍ଲାରେ ଯଥାକ୍ରମେ ୪୦, ୩୬ ଓ ୩ ମୃତ୍ୟୁ ହୋଇଥିଲା ।

---

ଲାଲା ଲଜପତ ରାୟଙ୍କ ପିତା ଲାଲା ରାଧାକୃଷ୍ଣ ରାୟ ଆପଣା ପୁତ୍ର ଲଜପତଙ୍କୁ ଏକ୍ତ୍ରିଏ ପତ୍ର ଲେଖି ତାହା ମୁଦ୍ରିତ କରାଇଅଛନ୍ତି । ତହିଁରେ ରାଜନୈତିକ ବିଷୟକ ଆନ୍ଦୋଳନରୁ ବିରତ ହୋଇ ଆର୍ଯ୍ୟସମାଜର ସେବାରେ କାୟମନୋବାକ୍ୟରେ ଲାଗିବାର ପରାମର୍ଶ ଦେଇଅଛନ୍ତି ।—ପିତାଙ୍କର ଉପଦେଶ ସେ ଅବଶ୍ୟ ପ୍ରତିପାଳନ କରିବେ । ରାଜନୈତିକ ଆନ୍ଦୋଳନରେ ବିପଦ ଘଟିବାର ଦେଖି ପିତା ଏପରି ଆଦେଶ ଦେଇଅଛନ୍ତି । ଅନ୍ୟାୟ ଆନ୍ଦୋଳନ ସମସ୍ତ ମନ୍ଦ ମାତ୍ର ଠିକସ୍ଥଳେ କୌଣସି ସୁବିଧା ନ ହେଲେ କିଛି ଫଳ ନାହିଁ । ଦେଶର ଉନ୍ନତିଶୀଳ ଶିକ୍ଷିତ ଲୋକମାନେ ବିପଦକୁ ଡରି ରାଜନୈତିକ ଆନ୍ଦୋଳନ ଛାଡ଼ିଦେଲେ ଦେଶ ଆଉ କାହାର ମୁଖାପେକ୍ଷା କରିବ ?

---

ସନ ୧୯୦୮ ସାଲ ମାର୍ଚ୍ଚମାସ ତା ୧୬ ରିଖରେ କଲିକତାରେ ମହାମାନ୍ୟ ବଡ଼ଲାଟ ଲର୍ଡ ମିଣ୍ଟୋ ବାହାଦୁରଙ୍କର ସଭାପତିତ୍ୱରେ ଦୁର୍ଭିକ୍ଷ ସାହାଯ୍ୟ ହେବା ସଂଗ୍ରହ ନିମନ୍ତେ ଯେଉଁ ସଭା

Split by PDF Splitter

Digitized by srujanika@gmail.com

ହୋଇଥିଲା ତଦନ୍ତରେ ଭାରତର ରାଜଧାନୀ କଲିକତା ଏବଂ ସକଳ ପ୍ରାଦେଶିକ ପ୍ରଧାନ ନଗରରେ ସର୍ବସୁଦ୍ଧା ୬ ଲକ୍ଷ ଟଙ୍କା ଆଦାୟ ହୋଇଥିଲା ଏବଂ ଭାରତବାସିଙ୍କ ଦୁର୍ଭିକ୍ଷପାଣ୍ଠିରୁ ୫୩ ଲକ୍ଷ ତହିଁ ସଙ୍ଗେ ମିଶିଥିଲା । ସେହି ଟଙ୍କାର ଅଧିକାଂଶ ଯୁକ୍ତପ୍ରଦେଶ ଓ ମଧ୍ୟଭାରତରେ ଓ ସାମାନ୍ୟ ଭାଗ ଅନ୍ୟାନ୍ୟ ପ୍ରଦେଶରେ ସାହାଯ୍ୟ ସ୍ୱରୂପ ବଣ୍ଟାଯାଇ ଅବଶିଷ୍ଟ ଏବେସୁଦ୍ଧା ୨୧ ହଜାର ଟଙ୍କା ଭାରତବାସିଙ୍କ ଦୁର୍ଭିକ୍ଷଫଣ୍ଡରେ ଜମା ରଖାଯାଇଅଛି । ମୋଟ ଖଲିତ ୮୯ ଲକ୍ଷ ମଧ୍ୟରେ ପୁରୀଜିଲ୍ଲା ଏକହଜାର ଏବଂ ଗଞ୍ଜାମ ଦୁଇହଜାର ଟଙ୍କା ସାହାଯ୍ୟ ପାଇଥିଲା ।

---

ଗାଈ ଦୁହିଁବାର ଗୋଟିଏ କଳ ଆବିଷ୍କୃତ ହୋଇଅଛି । ବିଲାତ ସ୍କଟଲଣ୍ଡର ଗୋଟିଏ ଗୁହାଳରେ ୧୫୦ ଗାଈର ଦୁଧ ପ୍ରତ୍ୟହ ଏହି କଳଦ୍ୱାରା ଦୁହାଁ ହେଉଅଛି । ପୂର୍ବେ ଏହି ଗୁହାଳରେ ୧୫ ଜଣ ଗୋପର ଗାଈ ଦୁହାଁ କାର୍ଯ୍ୟରେ ନିଯୁକ୍ତ ଥିଲେ ତଥାପି ସମୟାନୁସାରେ କାର୍ଯ୍ୟ ହୋଇ ନ ଥିଲା । ଭାରତୀୟ କୃଷିବିଭାଗର ଇନ୍‌ସ୍ପେକ୍ଟର ଜେନେରଲ ଶ୍ରୀଯୁକ୍ତ ମୋଲିସନ ସାହେବଙ୍କ ନିକଟକୁ ପତ୍ର ଲେଖିଲେ ଏହି କଳର ମୂଲ୍ୟ ଓ ବିସ୍ତାରିତ ବିବରଣୀ ଯାହାଙ୍କର ପ୍ରୟୋଜନ ସେମାନେ ଜାଣି ପାରିବେ । ଭାରତରେ ଏତେ ଦୁହାଁଳ ଗାଈ ଯେବେ କାହାର ଥାଏ ତେବେ ସେ କଳ ଲୋଡ଼ିବ । ଏ ଦେଶରେ ଗାଈ ଦୁହିଁ କାର୍ଯ୍ୟ ଅଧିକାଂଶ ସ୍ତ୍ରୀମାନଙ୍କର । ପୂର୍ବେ ସାନ ବାଳିକାମାନେ ଗୋଦୋହନ କରୁଥିଲେ ବୋଲି ବୋଧ ହୁଅଇ ତେଣୁ ଅନୁମାନ ହେଉଛି ଯେ ତହିଁରୁ ଦୁହିତା ଶବ୍ଦ ସୃଷ୍ଟ ହୋଇଅଛି । ଯାହା ହେଉ ବାଳିକାମାନଙ୍କ ବ୍ୟବସାୟ ଲୁଚିଲୁ ଧନ୍ୟ ।

---

ଉତ୍କଳ ସମ୍ମିଳନୀର ଗତ ବାର୍ଷିକ ଅଧିବେଶନର ଗୋଟିଏ ଫଟୋଗ୍ରାଫ ଚିତ୍ର ଏ ସପ୍ତାହରେ ପାଇ ଆମ୍ଭେମାନେ ଯୁଗପତ୍ ହର୍ଷ ବିଷାଦରେ ମଗ୍ନ ହେଲୁଁ । ଚିତ୍ରରେ ରାଜା ଜମିଦାରଠାରୁ ସାମାନ୍ୟ ଶ୍ରମଜୀବୀ ପର୍ଯ୍ୟନ୍ତ ନାନାଶ୍ରେଣୀର ଲୋକ ଏକତ୍ର ହୋଇ ସ୍ୱଦେଶର ମଙ୍ଗଳ ଚିନ୍ତା କରିବା ଚିତ୍ର ଅବଶ୍ୟ ବଡ଼ ଆନନ୍ଦର ବିଷୟ । ସେହି ଅଧିବେଶନ ମାସ ୩ ରୁ ଅଧିକକାଳ ଗତ ହୋଇଗଲା ମାତ୍ର ସେଠାରେ ଅବଧାରିତ ହେବା କୌଣସି ପ୍ରସଙ୍ଗର କାର୍ଯ୍ୟାରମ୍ଭ ଏପର୍ଯ୍ୟନ୍ତ ହେଲା ନାହିଁ ଏଥିରୁ ଅଧିକ ବିଷାଦର କଥା ଆଉ କ'ଣ ହୋଇ ପାରେ ? ବାସ୍ତବରେ ଓଡ଼ିଶାରେ କ'ଣ ସେହି କାର୍ଯ୍ୟଗୁଡ଼ିକ ନାହିଁ ? ଯେବେ କାର୍ଯ୍ୟ କରିବା ବ୍ୟକ୍ତିର ଏକାନ୍ତ ଅଭାବ ତେବେ ଏତେ ସମାରୋହରେ ଅଧିବେଶନ କରି ତେତେସୁଦ୍ଧା ଏ ଅର୍ଥ ବ୍ୟୟ କରିବାର ପ୍ରୟୋଜନ କ ? ଉଦ୍-ଯୋଗିକ ଯେଉଁମାନଙ୍କର ଦସ୍ତଗତ ହୋଇଅଛି ସେମାନଙ୍କୁ ଏ କଥା ଧୀରଭାବରେ ଆଲୋଚନା କରିବା କାରଣ ଆମ୍ଭେମାନେ ବିଶେଷ ଅନୁରୋଧ କରୁଅଛୁଁ ।

---

ଗତ ସୋମବାର ବଙ୍ଗରେ ବଜେଟ ସମ୍ବନ୍ଧରେ ତର୍କ ବିତର୍କ ବଙ୍ଗୀୟ ବ୍ୟବସ୍ଥାପକସଭାରେ ହୋଇଥିଲା । ଶ୍ରୀଯୁକ୍ତ ମାନ୍ୟବର ଛୋଟଲାଟ ବାହାଦୁର ପୂର୍ବରୁ ସତର୍କ କରିଥିବାରୁ ସଭ୍ୟମାନେ ଅନ୍ୟାନ୍ୟ ବର୍ଷର ଦୀର୍ଘ ବକ୍ତୃତା ନ କରି ସଂକ୍ଷେପରେ ଆପଣା ମନ୍ତବ୍ୟ ଜଣାଇଥିଲେ ଅଥଚ ଧୀର ଏବଂ ଦୃଢ଼ଭାବରେ ଅଭାବ ଆପତ୍ତିମାନ ପ୍ରକାଶ କରିଥିଲେ । ଓଡ଼ିଶାର ସଦସ୍ୟ ଶ୍ରୀଯୁକ୍ତ ଦାସ ମହାଶୟ କଲେଜ, ଇଞ୍ଜିନୀୟରିଂସ୍କୁଲ, ଆଇନଶ୍ରେଣୀ, ବାଳିକାବିଦ୍ୟାଳୟ, ପରଗାଲବନ୍ଦୋବସ୍ତ, ଦୁର୍ଭିକ୍ଷସାହାଯ୍ୟାଦି ବିଷୟରେ ଓଡ଼ିଶାର ଅଭାବମାନ ସୁନ୍ଦରରୂପେ ବ୍ୟକ୍ତ କରିଥିଲେ । ତହିଁର ବିସ୍ତାରିତ ମର୍ମ ଆଗାମୀରେ ପ୍ରକାଶ କରିବାର ଚେଷ୍ଟା କରିବୁଁ । ସରକାରୀ ତହବିଲ ଖାଲି ପଡ଼ିବା ସମୟରେ ଅଭାବ ପୂରଣ ହେବା ଦୁସ୍ତର । ସମସ୍ତେ ଆଶା କରନ୍ତି ଯେ ଚଳିତ ବର୍ଷରେ ଈଶ୍ୱର ସୁପାଳନ କରି ପ୍ରଚୁର ଫସଲ ଦାନ କରିବେ ଓ ସରକାରୀଭଣ୍ଡାର ପୂର୍ଣ୍ଣ ହେଲେ ସାଧାରଣ ହିତ କାର୍ଯ୍ୟରେ ଆବଶ୍ୟକୀୟ ଅର୍ଥ ବ୍ୟୟ ହେବ ।

---

ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସାମନ୍ତଙ୍କର ସ୍ମୃତି ରକ୍ଷା ଅଭିପ୍ରାୟରେ ଉତ୍କଳ ସମ୍ମିଳନୀ ଗୋଟିଏ ମାସିକ ଟ ୫୦୧ ବୃତ୍ତି ସ୍ଥାପନ କରି ହରିଶ୍ଚନ୍ଦ୍ର ପାଲିତଙ୍କୁ ସେହି ବୃତ୍ତିଦେଇ କଲିକତା ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନଶିକ୍ଷା ନିମନ୍ତେ ପଠାଇଥିଲେ । ସେ ଗତବର୍ଷ ପରିଶ୍ରମ କରି ଏମ୍, ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାର ପାଠକମାନଙ୍କୁ ଜଣାଅଛି । ଏ ବିଷୟରେ ତାହାଙ୍କର ଗୋଟିଏ ପ୍ରେରିତପତ୍ର ଯଥାସ୍ଥାନରେ ପ୍ରକାଶ କରି ତହିଁପ୍ରତି ପାଠକମାନଙ୍କର ଦୃଷ୍ଟି ଆକର୍ଷଣ କରୁଅଛୁଁ । ଗୋପାଳ ବାବୁ ଉତ୍କଳ ସମ୍ମିଳନୀ ଏବଂ ଅନ୍ୟ ଯେଉଁମାନଙ୍କର ସାହାଯ୍ୟରେ ବିଦ୍ୟା ଲାଭ କରିଅଛନ୍ତି ସେମାନଙ୍କଠାରେ କେବଳ କୃତଜ୍ଞତା ପ୍ରକାଶ କରି କ୍ଷାନ୍ତ ହୋଇ ନାହାନ୍ତି । ସେ ସମସ୍ତ ଉପକାର ସେ ଋଣ ଭାବିବା ଏବଂ ସେହି ଋଣ ଯେତେ ପରିମାଣରେ ହେଲେ ପରିଶୋଧ କରିବାକୁ ଚେଷ୍ଟା କରିବାର ଯାହା ଇଚ୍ଛା ପ୍ରକାଶ କରିଅଛନ୍ତି ଏହା ବଡ଼ ପ୍ରୀତିକର ଏବଂ ସୁପାତ୍ରର ପ୍ରକୃତ ପ୍ରମାଣ ଅଟେ । ଆଜିକାଲି ଅନେକ ଶିକ୍ଷିତଯୁବା ସରକାର ବା ସଭା ସମିତିର ଦୂରର କଥା ଆପଣାର ପେଟ ମାତା ଅଭିଭାବକର ଋଣ ବିସ୍ମୃତ ହେଉଅଛନ୍ତି । ଆମ୍ଭେ ଏକାନ୍ତ ଆଶାକରୁଁ ଗୋପାଳ ବାବୁ ଆପଣା ସ୍ୱଗୁଣରେ ସଂସାର ସମରରେ ସୌଭାଗ୍ୟ ଲାଭକରି ଆପଣା ସଂକଳ୍ପ ପୂର୍ଣ୍ଣ କରିବାକୁ ସମର୍ଥ ହେବେ ଓ ଶିକ୍ଷିତ ଯୁବାଦଳ ତାହାଙ୍କର ସଦ୍ଦୃଷ୍ଟାନ୍ତ ଅନୁକରଣ କରିବେ ।

---

ଦକ୍ଷିଣମେରୁ ଅନ୍ୱେଷଣ କରିବା କାରଣ ଲେଫ୍‌ଟେନେଣ୍ଟ ସେକଲଟନ ସାହେବ ଦଳବଳ ଘେନି ସନ ୧୯୦୮ ମସିହା ଜାନୁୟାରୀ ମାସରେ ଯାତ୍ରା କରିଥିଲେ । ବର୍ତ୍ତମାନ ସେ ସୁସ୍ଥଶରୀରରେ ଫେରି ଆସିଅଛନ୍ତି । ଏ ମହାଶୟ ମେରୁର ଶେଷଭାଗକୁ ଯାଇଥିବାର ବୋଲାଯାଇପାରେ । ଜାହାଜ ଛାଡ଼ି ୧୨୬ ଦିନରେ ସେ ଚଢିଥିବା ଗାଡ଼ିରେ ୧୭୦୮ ମାଇଲ ବରଫାବୃତ ସ୍ଥାନରେ ଭ୍ରମଣ କରିଥିଲେ । ମେରୁର ନିକଟସ୍ଥ ସ୍ଥାନରେ ଇଂରେଜଙ୍କ ଜୟପତାକା ଉଡ଼ାଇ କରି ସେ ଉତ୍ତବସ୍ଥ ପର୍ବତରେ ଅନ୍ୱେଷଣ କରିଥିଲେ । ଗୋଟିଏ ପର୍ବତମାଳା ଆବିଷ୍କୃତ ଏବଂ ଏରେବସ ପର୍ବତ ମାପ ହୋଇଥିଲା । ଇରେବସ ଆଗ୍ନେୟଗିରିର ଗହ୍ୱର ୮୦୦ ଫିଟ ଏବଂ ତହିଁର ମୁଖର ବ୍ୟାସ ଅର୍ଦ୍ଧମାଇଲ ଅଟେ । ଅଗ୍ନ୍ୟୁତ୍ପାତ ସମୟରେ ଏଥିରୁ ଗଳିତ ଧାତୁମାନ ଦୁଇହଜାର ଫିଟ ଉଚ୍ଚକୁ ଉଠଇ । ସଙ୍ଗରେ ଥିବା ଘୋଡ଼ାମାନେ ବରଫ ଯୋଗୁଁ ଅନ୍ଧ ହୋଇ ଯାଇଥିଲେ ଏବଂ ଗୋଟିଏ ଘୋଡ଼ାକୁ ଗୁଳିଦାଗି ମାରିପକାଇବାକୁ ହୋଇଥିଲା । ସେ ସ୍ଥାନ ଏତେ ଶୀତଳ ଯେ ତାପମାନଯନ୍ତ୍ରରେ ଶୂନ୍ୟ ତଳେ ୭୨ ଡିଗ୍ରୀରେ ପାରା ରହିଥିଲା । ମେରୁସ୍ଥ ଭୂଭାଗ ସମୁଦ୍ର ସମତଳରୁ ଦଶହଜାର ଫିଟ ଉଚ୍ଚ । ତହିଁର ଦକ୍ଷିଣକୁ ପର୍ବତ ପରିଦୃଶ୍ୟମାନ ହେଲା ନାହିଁ । ଖାଦ୍ୟାଭାବେ ଘୋଡ଼ାମାଂସ ଖାଇ ସଙ୍ଗୀ ଲୋକମାନେ ଅମାଶୟ ରୋଗରେ ପୀଡ଼ିତ ହୋଇଥିଲେ ।

---

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ପ୍ରକାଶ କରୁଅଛୁଁ କି କଲିକତା ମେଟ୍ରୋପଲିଟନ କଲେଜର ଅଧ୍ୟକ୍ଷ ଏବଂ 'ଇଣ୍ଡିୟାନନେସନ' ସମ୍ବାଦପତ୍ରର ସମ୍ପାଦକ ଶ୍ରୀଯୁକ୍ତ ନଗେନ୍ଦ୍ର ନାଥ ଘୋଷ ଗତ ତା ୫ ରଖ ସକାଳେ ସଂସାରରୁ ବିଦାୟ ହୋଇ ଗଲେ । ତାହାଙ୍କର କିଛି ପୀଡ଼ା ଥିବାର ଜଣା ନ ଥିଲା । ଅନ୍ୟାନ୍ୟ ଦିନ ପରି ସକାଳେ ଚା ପାନ କରି ପାଇଖାନାକୁ ଗଲେ ଓ ସେଠାରେ ହଠାତ୍ ପଡ଼ିଯାଇ ଯେ ଅଜ୍ଞାନ ହେଲେ ତହିଁରୁ ଡାକ୍ତର ଆସି ଅନେକ ଉପାୟ କଲେ ସୁଦ୍ଧା କିଛି ଫଳ ହେଲା ନାହିଁ । ଲୁକ୍କାୟିତ ହୃଦ୍‌ରୋଗ ତାହାଙ୍କୁ ଘେନିଗଲା । ଘୋଷ ମହାଶୟ

Split by PDF Splitter



ପ୍ରେସିଡେନ୍‌ସି କଲେଜରେ ଏଫ, ଏ, ପାସ କରି କଲିକତାକୁ ଯାଇ ସିଭିଲସର୍ଭିସ୍ ପରୀକ୍ଷା ନିମନ୍ତେ ପଢ଼ୁଥିଲେ ମାତ୍ର ତହିଁରେ ଅକୃତକାର୍ଯ୍ୟ ହୋଇ ସନ ୧୮୭୭ ସାଲରେ ବାରିଷ୍ଟରି ପାସ କରି କଲିକତାକୁ ଫେରିଆସିଲେ । ବାରିଷ୍ଟରିରେ ତାହାଙ୍କର ଯେମନ୍ତ ପ୍ରସାର ନ ହେବାର ଦେଖି ମେଟ୍ରପଲିଟନ କଲେଜର ଜଣେ ଅଧ୍ୟାପକ ଓ କ୍ରମେ ସେଠାର ପ୍ରିନ୍‌ସିପାଲ ହେଲେ । ଏବ ଅନ୍ୟାନ୍ୟ ସମ୍ବାଦପତ୍ରରେ ଲେଖାଲେଖି କରିବାରୁ ଇଣ୍ଡିୟାନ ନେସନ ସମ୍ବାଦପତ୍ର ପ୍ରକାଶ କରି ତହିଁ ସମ୍ପାଦକ ହୋଇ ଜୀବନର ଶେଷ କାଳ ପର୍ଯ୍ୟନ୍ତ ଚଳାଉଥିଲେ । ଇଂରଜୀ ସାହିତ୍ୟ, ଇତିହାସ ରାଜନୀତି ଶାସ୍ତ୍ରରେ ତାହାଙ୍କର ବିଶେଷ ପାରଦର୍ଶିତା ଥିଲା ଓ ସୁଲେଖକ ଓ ନ୍ୟାୟସଙ୍ଗତ ସ୍ୱାଧୀନ ପତ୍ରିକା ଲେଖକ ବୋଲି ଗବର୍ଣ୍ଣମେଣ୍ଟ ଓ ଜନସାଧାରଣଙ୍କର ପ୍ରତିଷ୍ଠା ଲାଭ କରିଥିଲେ । ଏହାଙ୍କର ଅକାଳମୃତ୍ୟୁ ଅତ୍ୟନ୍ତ ଶୋକର ବିଷୟ ଓ ଏଥିରେ ବଙ୍ଗଳାର ଗୁରୁତର କ୍ଷତି ହୋଇଅଛି । ଈଶ୍ୱର ଏହାଙ୍କର ଆତ୍ମାର ମଙ୍ଗଳ ଏବ ପରିବାରବର୍ଗଙ୍କ ସାନ୍ତ୍ୱନା ବିଧାନ କରନ୍ତୁ ।

———

ବର୍ତ୍ତମାନ କଲିକତାରେ ଥିବା ଶ୍ରୀଯୁକ୍ତ ପି ବାନର୍ଜୀ ନାମକ ଜଣେ ବଙ୍ଗୀୟ ସମ୍ବାଦଦାତା 'ମର୍ଣ୍ଣିଂ ଲିଡର'ରେ ଶ୍ରୀଯୁକ୍ତ କୃଷ୍ଣକୁମାର ମିତ୍ରଙ୍କ ନିର୍ବାସନ ସମ୍ବନ୍ଧରେ ଏକ ପତ୍ର ପ୍ରକାଶ କରିଅଛନ୍ତି । ସେ ଲେଖିଅଛନ୍ତି କି କୃଷ୍ଣକୁମାର ବାବୁ ସ୍ୱଦେଶୀ ଆନ୍ଦୋଳନର ଜଣେ ପ୍ରଧାନ ନେତା ବୋଲି ପରିଚିତ । ସନ୧୯୦୫ସାଲର ବୟକଟ ଆନ୍ଦୋଳନ ଉପଲକ୍ଷରେ କଲିକତାର ସଡ଼କରେ ଯେଉଁ ବିରାଟ ଯୁବକଦଳ ସମାବେଶରେ ବାହାରିଥିଲା କୃଷ୍ଣ ବାବୁ ତହିଁର ନେତା ହୋଇଥିଲେ । ବଙ୍ଗେଶ୍ୱର ସର ଏଣ୍ଡ୍ରୁଙ୍କ ଆଦେଶମତେ ଶିକ୍ଷା ବିଭାଗର ଡାଇରେକ୍ଟର ତାହାଙ୍କୁ କୈଫିୟତ ତଲବ କରିବାରେ କୃଷ୍ଣ ବାବୁ ଉତ୍ତର ଦେଲେ କି ସିଟି କଲେଜ ସରକାରୀ କଲେଜ ନ ଥିବାରୁ ତହିଁର ଅଧ୍ୟାପକ ସ୍ୱରୂପ ସେ କୈଫିୟତ ଦେବାକୁ ବାଧ୍ୟ ନୁହନ୍ତି । ପରେ ବିଶ୍ୱବିଦ୍ୟାଳୟର ନୂତନ ବିଧି ଅନୁସାରେ ସିଟି କଲେଜ ତହିଁର ଅନ୍ତର୍ଭୁକ୍ତ ହେବା କାଳରେ କୃଷ୍ଣ ବାବୁଙ୍କୁ କଲେଜରୁ ବିଦାୟ ଦେବାର କଥା ଉଠିଅନ୍ତେ ସେ ଇସ୍ତଫା ଦେଲେ । ବଙ୍ଗେଶ୍ୱର ସର ଏଣ୍ଡ୍ରୁ ବାହାଦୁର ଦୁଇଥର ତାହାଙ୍କୁ ଦେଖା କରିବା କାରଣ ଡକାଇଥିଲେ ମାତ୍ର ସେ ଗଲେ ନାହିଁ । ଏଥିରେ ସର ଏଣ୍ଡ୍ରୁ ବାହାଦୁର ବିରକ୍ତ ହୋଇଥିଲେ । ଅତଏବ ପତ୍ରଲେଖକଙ୍କ [illegible] ସର ଏଣ୍ଡ୍ରୁ ବାହାଦୁର କୃଷ୍ଣବାବୁଙ୍କ ନିର୍ବାସନର ମୂଳ କାରଣ ଅଟନ୍ତି । ଯେଉଁ ନଅଜଣ ନିର୍ବାସିତ ହୋଇଅଛନ୍ତି ସେମାନେ ବଙ୍ଗ ଓ ପୂର୍ବବଙ୍ଗର ଲୋକ ଅଟନ୍ତି ଏବ ସେହି ଦୁଇ ପ୍ରଦେଶର ଶାସକ କର୍ତ୍ତାମାନଙ୍କ ଉଦ୍ଯୋଗମତେ ସେମାନେ ନିର୍ବାସିତ ହୋଇଅଛନ୍ତି ଏହା ସହଜରେ ବୁଝା ଯାଉଅଛି ମାତ୍ର ପାର୍ଲିଆମେଣ୍ଟରେ ପୁନଃ ପୁନଃ ପ୍ରଶ୍ନ ହେଉଥିବା ପ୍ରତ୍ୟେକେ ଏପର୍ଯ୍ୟନ୍ତ ସେମାନଙ୍କର ଦୋଷ କି ଅପରାଧ ଗବର୍ଣ୍ଣମେଣ୍ଟ ଦେଖାଇ ଦେଉ ନ ଥିବା ସ୍ଥଳେ ଏମାନେ ସ୍ୱଦେଶୀ ଏବ ବୟକଟ ଆନ୍ଦୋଳନର ଅଗ୍ରଣୀ ଥିବା ହେତୁ ବିପଦରେ ପଡ଼ିବାର ଲୋକଙ୍କର ଯେ ଧାରଣା ଜନ୍ମିଅଛି ତାହା ବଦ୍ଧମୂଳ ହେଉଅଛି ।

—*:*—

ଉତ୍କଳ ସମ୍ମିଳନୀର ପୁରୀସମିତି ଦୀର୍ଘକାଳ ଘୋର ନିଦ୍ରା ଭଙ୍ଗରୁ ଉଠିବାର ଖବର ନୀଳାଚଳ ସମାଚାରରେ ପାଠକଲୁଁ । ସହଯୋଗୀ ଲେଖିଅଛନ୍ତି କି ଗତ ତା ୨୯ ଦିନରେ ସମିତିର ଗୋଟିଏ ଅଧିବେଶନ ହୋଇ ଥିଲା ଯେ ତହିଁରେ ଜ[illegible]ଣ କୃଷକ ସନ୍ତାନଙ୍କୁ ମାସିକ ୯୮ ( ଙ୍କା ଲେଖାଏଁ ବୃତ୍ତି ଦେଇ କଟକର ସରକାରୀ ପରୀକ୍ଷା କୃଷିକ୍ଷେତ୍ରରେ କୃଷି ଶିକ୍ଷା କରିବା କାରଣ ପଠାଇବାର ସ୍ଥିର ହୋଇଅଛି ପୁଣି ଧର୍ମଗୋଲାର ଉପକାରିତା ବୁଝାଇବା କାରଣ ଏକଜଣ ପ୍ରଚାରକ ଯୋଗ୍ୟତାନୁସାରେ ମାସିକ ୨୦ ଙ୍କାରୁ ୪୦ ଙ୍କା ବେତନରେ ନିଯୁକ୍ତ କରିବାର ସ୍ଥିର ହୋଇଅଛି । ଯେବେ ଏହି ନିର୍ଦ୍ଧାରଣମାନ ଶୀଘ୍ର କାର୍ଯ୍ୟରେ ପରିଣତ ହେବ ତେବେ ସମିତିର ଯଥାର୍ଥ ଜାଗ୍ରତ ହେବାର ଆଶା ହେବ ନଚେତ୍ ନିଦ୍ରାର ପାର୍ଶ୍ୱ ପରିବର୍ତ୍ତନ ଭିନ୍ନ ଆଉ କିଛି ବୋଲି ଯିବ ନାହିଁ । ଅର୍ଥାଭାବରେ ସମ୍ମିଳନୀର କାର୍ଯ୍ୟ ହୋଇ ପାରୁ ନାହିଁ ବୋଲି ଅନେକ ସମୟରେ ଶୁଣାଯାଏ ମାତ୍ର ପୁରୀ ସମିତି ବର୍ଷେ ହେଲା ଯେତେକ କାର୍ଯ୍ୟ ସ୍ଥିର କରିଅଛନ୍ତି ତହିଁ ସହାସେ ଲୋଡ଼ାଥିବା ଅର୍ଥ ସମିତି ହାତରେ ଅଛି ଅଥଚ କାର୍ଯ୍ୟ ହେଉ ନାହିଁ । ଏଥିରୁ କେବଳ ଚେଷ୍ଟା ଏବ ଉତ୍ସାହର ଅଭାବ ଜଣାଯାଏ । ଦୃଢ଼ପ୍ରତିଜ୍ଞ ହୋଇ ନ ଲାଗିଲେ କାର୍ଯ୍ୟ ସାଧନ ହୁଏ ନାହିଁ । ଧର୍ମଗୋଲା ସମ୍ବନ୍ଧରେ ପ୍ରଚାରକ ନିଯୁକ୍ତ କଥାଟା ପ୍ରକୃତ କାର୍ଯ୍ୟ ପ୍ରଣାଳୀପରି ଆମ୍ଭେମାନେ ବୋଧ କରୁ ନାହୁଁ । ଏଣେ ନିଜେ ନ ଶିଖିଲେ ପରକୁ ଶିଖାଇ ହୁଏ କି ? ସମିତି ନିଜେ ପୁରୀ ସଦର ସଲଗ୍ନ କୌଣସି ଗ୍ରାମରେ ଗୋଟିଏ ଧର୍ମଗୋଲା ସ୍ଥାପନ କରି ସୁପ୍ରଣାଳୀରେ ତହିଁର କାର୍ଯ୍ୟ ଚଳାଇ ସଫଳ କରନ୍ତୁ ଯେ ତାହା ଗୋଟିଏ ଆଦର୍ଶ ଧର୍ମଗୋଲା ହେବ ଏବ ତାହା ଦେଖି ଚତୁର୍ଦ୍ଦିଗସ୍ଥ ଗ୍ରାମବାସୀମାନେ ତହିଁର ଅନୁକରଣରେ ପ୍ରବୃତ୍ତ ହେବେ । ପାଠରେ ନ ପଢ଼ିଲେ ପଢ଼ାଇବାକୁ ଶିଖି ପାରିବ କି ? ଯାହା ନିଜେ ନ କଲେ ହେବ ନାହିଁ ତାହା ବକ୍ତୃତା ଉପଦେଶଦ୍ୱାରା ହେବାର ନୁହେ ।

———

### ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟର ଉପାଧି ସଭା ।

ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟର ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରମାନଙ୍କୁ ଉପାଧି ବିତରଣ କରିବା କାରଣ ସେଠାର ଗତମାସ ତା ୨୫ ରଖ ଦିନର ସଭାରେ ସେଠାର ଗବର୍ଣ୍ଣର ମହୋଦୟ ସ୍ୱୟଂ ଉପସ୍ଥିତ ଥାଇ ଉପାଧି ବିତରଣ ପରେ ଯେଉଁ ସୁନ୍ଦର ବକ୍ତୃତା କରିଥିଲେ ତାହା ପାଠକମାନଙ୍କୁ ଉପହାର ଦେଉଅଛୁଁ । ସେ କହିଲେ ଯେ ବର୍ତ୍ତମାନ ଭାରତରେ ଗୋଟିଏ ଉଦ୍ୟାନ ଫିଟିଅଛି ଯେ ତହିଁରେ ଶିକ୍ଷିତ ଲୋକମାନେ ସ୍ୱଚ୍ଛନ୍ଦରେ ବିହାର କରିପାରିବେ । ସେହି ଉଦ୍ୟାନରେ କବିର କଲ୍ପନା, ଗଦ୍ୟର ମର୍ମର, ପଦ୍ୟର ଲଳିତ ସଙ୍ଗୀତ, ପୁଷ୍ପର ସୁଗନ୍ଧ ଏ ସମସ୍ତରୁ ସମାନ ଭାବେ ଏକତାନରେ ସ୍ୱାଧୀନତା ବୋଲି ଏକ ସ୍ୱର ନିର୍ଗତ ହେଉଅଛି । ସେହି ଉଦ୍ୟାନର ଆକର୍ଷଣୀ ଶକ୍ତି ବ୍ୟକ୍ତିର ସ୍ୱାତନ୍ତ୍ର୍ୟ, ଚିନ୍ତାର ସ୍ୱାଧୀନତା, ଦାସତ୍ୱରୁ ମୁକ୍ତି ହୋଇ ଅଧିକାର ଲାଭ ଏବ ଅବାଧ ଚିନ୍ତା । ଏହାହିଁ ଇଂରଜୀ ସାହିତ୍ୟଦ୍ୱାରା ଭାରତବାସିଙ୍କ ମନରେ ଜାତ ହୋଇଅଛି । ଭାରତୀୟ ନ ଧର୍ମ, ନ ସମାଜ, ନ ରାଜନୀତି ସମସ୍ତ ବିଷୟରେ ଗୋଟିଏ ଏହା ପରିସ୍ଫୁଟ ହୋଇଅଛି । ପୁରାତନ ବୋତଲରେ ନୂତନ ସୁରା ଢଳା ହୋଇଅଛି ଏବ ସେ ସୁରା କଡ଼ା ଏବ ଲୋକଙ୍କ ମନକୁ ବହୁତ ଚଞ୍ଚଳ କରୁଥିବାରୁ ବେଳେ ବେଳେ ପରୀକ୍ଷାରେ ବିପଦଜନକ ଦେଖାଯାଉଅଛି । କଠିନ ନିୟମ ଏବ ଇଂରେଜୀ ଆଇନର ବନ୍ଧନଦ୍ୱାର ଅଧୀନରେ ଲୋକେ ନ ରହି ଭାଙ୍ଗି ଯାଉଅଛନ୍ତି । କେତେବେଳେ ଅପଣାର ସ୍ୱାତନ୍ତ୍ର୍ୟ ସ୍ଥାପନ କଲେ ସ୍ୱାଧୀନ ହେବାର ଭ୍ରମରେ ପଡ଼ି ଔଦ୍ଧତ୍ୟ ଏବ ସ୍ୱାଧୀନତା ମଧ୍ୟରୁ ସୀମାଲଙ୍ଘନ କରିପକାଉଅଛନ୍ତି । ଇଚ୍ଛାପୂର୍ବକ ସେମାନେ ଯେ ଏହା କରୁଅଛନ୍ତି ତାହା ନୁହେ ମାତ୍ର ଯାହାକୁ ଦାସତ୍ୱ ଏବ ଆତ୍ମ ମର୍ଯ୍ୟାଦା ହୀନତା ବୋଲି ବୁଝୁଅଛନ୍ତି ତହିଁ ବିରୁଦ୍ଧରେ କାର୍ଯ୍ୟ କରିବାକୁ ଯାଇ ଏମନ୍ତ ଘଟୁଅଛି । ଅତିଷ୍ଠାର ଗାତରେ କେବେ ପଡ଼ ନାହିଁ । ଅଶିଷ୍ଟ ହେବା ସହଜ ମାତ୍ର ତାହା ବୁଦ୍ଧିର କାର୍ଯ୍ୟ ନୁହେ । ତାହା ନୀଚ ଏବ ପତିତ ଲୋକର କାର୍ଯ୍ୟ ଭଦ୍ର ଓ ଉଦାର ଲୋକର କାର୍ଯ୍ୟ ନୁହେ । ଶିକ୍ଷାର୍ଥୀର ଗୋଟିଏ ସୁକୁମାର ବୃକ୍ଷ । ଏହା

Digitized by srujanika@gmail.com

ଚଳକ୍ ଲେଖା ଯେତେ ଶୀଘ୍ର ଅପରୋଧର ହୁଏ ସେତେ ଭଲ । ଲକ୍ଷ୍ମଣ ବାବୁଙ୍କର ସାହସ ଓ ସଙ୍ଗତ ସ୍ଥଳ ହୋଇ ହିଁ ସେ ପରିଶ୍ରମ ଓ ବ୍ୟୟ ଦ୍ୱାରା ହାଇକୋର୍ଟ ଓ ଡମ୍ପିଶନରେ ଦୃଢ଼ତା ଜଣାଇ ପୁରସ୍କାର ପାଇଲେ । ମାତ୍ର ସେହି ଅର୍ଥ ବ୍ୟୟ, କଷ୍ଟ ଓ ବ୍ୟବସାୟର ସଭ ସନ୍ତାସ କର୍ମଗୁଡ଼ିକର ଅବସ୍ଥ ହେତୁ ହୋଇ ସ୍ୱୀକା ସ୍ଥଳେ ଗବର୍ଣ୍ଣମେଣ୍ଟଙ୍କର ଉଚିତ ଦୃଷ୍ଟି ଦେବା ଉଚିତ ହେଉଅଛି । ଏପରି ସହାସ ଲଭିବା ସମସ୍ତଙ୍କ ପକ୍ଷରେ ସହଜ ନୁହେ ।


ADVERTISEMENT.

Wanted a Civil Hospital Assistant for the Kashipur Dispensary on a monthly salary of Rs 35. None need apply who has not passed the final examination of Cuttack Medical School and is not a Uriya. Preference will be given to one who knows English well. Applications with testimonials will be received up to the 10th april, 1909 by the undersigned.

U. P. Singh Deb
Thatt Raja
of Kashipur,
Kashipur, P. O.
Sambalpur Dist.


# ସାପ୍ତାହିକ ସମ୍ବାଦ ।

## ଉତ୍କଳ ଗେଜେଟ ।

ସମ୍ବଲପୁରର ଡେପୁଟି କଲେକ୍ଟର ବାବୁ ବଳଭଦ୍ର ଦାସ ମହାନ୍ତିଙ୍କର ହାକିମ୍ବ ଅପରାଧ ଦେ ଓ ଜମିନ୍ଦାରୀ ରବ ସମସ୍ତ ଧାରା ଓ ସେହ ଅଧୀନର ୧୩,୧୪,୧୫,୧୬, ୧୭,୪୦,୪୮ ଓ ୫୮ ଧାର ମୁତାବକ ମୋକଦ୍ଦମା ବିଚାର କରିବାର କ୍ଷମତା ପାଇଲେ ।

ମୁନସଫ ବାବୁ ହରେକୃଷ୍ଣ ଗୁପ୍ତ ହାତ ଉପର ସଦର ମହକୁମାରେ ଅସ୍ଥାୟି ହୋଇ ସ ଲ ହାଇକୋର୍ଟ ଯୋଗ ଦେବାକୁ ଦୈତ କରିବାର ଭାର ପାଇଲେ ।

ମୁନସଫ ବାବୁ ନନ୍ଦକିଶୋର ମୁଖାର୍ଜି ହାତ ଉପର ସାଜପୁର ସବଡିଭିଜନରେ ଅସ୍ଥାୟୀ ହୋଇ ସ୍ମଲ କାଉଜ କୋର୍ଟ ମୋକଦ୍ଦମାର ବିଚାର କରିବାର ଭାର ପାଇଲେ ।

ବାବୁ ହୃଷୀକେଶ, ମିତ୍ର ବଉଗଡର ମୁନସଫ ପଦରେ ନିଯୁକ୍ତ ହେଲେ ।

ଗତ ତା ୭ ରଖ ଶେଷ ହେବା ସପ୍ତାହରେ ଗୃହରର ଦର ଧାନ କଟକରେ ସେ ୧୧/, ବାଲେଶ୍ୱରରେ ସେ ୧୭ ଅନୁଗୁଳରେ ସେ ୧୩ଉ, ପୁରୀରେ ସେ ୫୲, ସମ୍ବଲପୁରରେ ସେ ୧୨ ଓ ଗଡ଼ଜାତମାନଙ୍କରେ ହାରାହାରି ସେ ୧ ମୟୂରଭଞ୍ଜ ଓ ନୀଳଗିରିରେ ସେ ୧୨, ଢେଙ୍କାନାଳରେ ସେ ୧୬, ଆଠଗଡ଼ରେ ସେ ୧୮ଉ,

ଗତ ତା ୭ ରଖରେ ଶେଷ ହେବା ସପ୍ତାହରେ ସ୍ତରରେ ୫ ୪୮ ଏ ବୁଝିବା ସାହାଯ୍ୟ ପାଇଥିଲେ ।

## ଗ୍ରାମ୍ୟ ସମ୍ବାଦ ।

ଏ ସପ୍ତାହରେ ବିଦେଶ ମେଘ ଗର୍ଜ୍ଜନ ମାତ୍ର ଗତ ସୋମବାର ରାତ୍ରି ମାତ୍ର ଏବଂ ଗତ ବୁଧବାର ସନ୍ଧ୍ୟା ବେଳେ ଏକ ପଶ୍ଚାଦ୍ ଭଲ ବର୍ଷା ହୋଇଥିଲା ।

ମୋଫସଲର ଅନେକ ଭଲ ବର୍ଷା ହେବାର ଶୁଣାଯାଏ । ଗତ ସୋମବାର ଏଠା ହାଟଭାଗରେ ସର୍ପ ଦଂଶ ହୋଇ ଏକ ଜଣ ମରିଅଛି ।

ମୋଫସଲରୁ ଅନେକ ବସନ୍ତରୋଗ ପ୍ରବଳ ହୋଇଥିବାର ଖବର ଦେଉଛନ୍ତି ।

ନୟାଗଡ଼ ଶ୍ରୀମାନ ରଘୁନାଥ ଗୋଷ୍ଠିର ପ୍ରକାଶ ବାସ ମାନ ଦେଉଛି । ଏ ବିଷୟରେ ଉଚିତ ମନ୍ତ୍ରେ ମାତ୍ର ବୋଲି ଯାଉ ।

ଃ ହୁ

ଅନେକରେ ମେଘମାଳା ଦେଖାଯାଉଅଛି ମାତ୍ର ବୃଷ୍ଟି ନାହିଁ । ବୃଷ୍ଟିର ଦେଖ ଦରକାର ହୁଏ । ଶ୍ରୀ ହୁ ।

ଅନୁଗୁଳର ଡେପୁଟି କମିଶନର ବାବୁ ବିଶ୍ୱନାଥ ମିଶ୍ର ମଫସଲରେ ଯାଇଁ ବସୁଥିବା ବେଳେ ବୈଠକରେ ଗୋଷ୍ଠିର ବନ୍ଧା ଦେଖିବାକୁ ତାହାଙ୍କ ସହରରେ ସେ ଏମନ୍ତ ସୁବିଧା ଭାବ ଜଣାଇଲେ ଯେ ସେ ହେ ସବୁ ଉପଯୁକ୍ତ ଥିଲେ । ପୀଡ଼ା କ୍ରମଶ ଭଲ ହେଉଅଛି । ଶ ବା ।

ଢେଙ୍କାନାଳରେ ଗୋଷ୍ଠିର ମାନ ଭାବରେ ସହରେ ଏକ ଗତ ତା ୧ ରଖ ଗୋଷ୍ଠିର ଜିଲ୍ଲାରେ ୧୯ ଗୋଷ୍ଠିର ବନ୍ଦୋବସ୍ତରେ ଏପରି ଅନ୍ତ ଧର୍ଚ୍ଛି ଭାବରେ ଅଛି ।

ଢେଙ୍କାନାଳରେ ଗୋଷ୍ଠିର ଗୋଷ୍ଠୀ ସମ୍ବନ୍ଧ ଦେଖାଯାଉ ବ୍ରାହ୍ମଣ ଭଲ ପରିବାର ଥିବା ଯୁକ୍ତି ସହଯୋଗ ଦେବ ପ୍ରଜାରେ ହେମାଳ କରିବା ଦୃଢ଼ କରୁଅଛନ୍ତି । ଦେଶ ନାହିଁ ଏହା ଦେଶର କଟକେ ଦେଖିବାର ବାସନା ରହୁଛି । ଶ ବା ।

ଚଇତି ଦୋଳଯାତ୍ରା ପରେ ପ୍ରଜା ବନ୍ୟା ଉପୁଜିବାର ହେଲବ୍ରାତର କୋଣାର୍କରେ ଚଇତି ଯାଉଥିବା ଯାତ୍ରୀମାନେ ଗଞ୍ଜାମ ଓ ସାଇରାଜ ମାନ ସୈନ୍ୟ ଦେଇ ଯୁଦ୍ଧ ଘଟିବା ମାନ ଦେଖାଯାଉ ସଂଯୋଗ ହେଉଛି ଏହାର ଅଭିଯୋଗ ରହୁଅଛି । ପୁଲିଶ ତଦନ୍ତ ହେଉଅଛି ।

ଶ୍ରୀଯୁକ୍ତ ଏଚ୍, ଡି, ବି, ହୋ ମହୋଦୟ ନୂତନ ଗୋଷ୍ଠୀ ଅଧିକ ସଙ୍ଗେ ନିଯୁକ୍ତ ହେବାରୁ ଅନେକର ମୁସଲମାନ ମାନେ ଏକ ବୁଝାଇ ହେଇ ଦେଇ ତାହାଙ୍କ ଅଭିନନ୍ଦନ ପତ୍ର ଅର୍ପଣ କରିଥିଲେ । ପୃଥ୍ୱୀ ମହୋଦୟଙ୍କର ଉତ୍ସବରେ ଭାରତର ସକଳ ସମ୍ପ୍ରଦାୟ ସମାନରୂପେ ଅନୁଭବ ହେବ ବୋଲି ଆଶା ହେବ ।

ଏ ମେଳରେ ଏକ ମୁସଲମାନ ସଭା ସେଠା ଗଢ଼ିବାକୁ ପୂର୍ବୀୟ ହୁଏ ଦୁଷ୍ଟ ନେବାକୁ ଦେବ ଶୁଣାଯାଏ ଗୋଷ୍ଠିର ବାଳକ ବୋଲି ନିଷ୍ପତ୍ତି କରିବା ଦୃଢ଼ କରୁଅଛନ୍ତି ।

ମନ୍ଦୁରରେ ଦେଓ୍ୱାନ ଶ୍ରୀଯୁକ୍ତ ଆର୍, ଡି, ମାଧବ ରାଓ ମାସିକ ୫୦୦୦ ଟଙ୍କା ପେନସନ ନେଇ କାର୍ଯ୍ୟ ତ୍ୟାଗ କରିବାର ଖବର ଶୁଣାଗଲା ।

ସନ୍ତୋଷର କୁମାର ମନ୍ମଥନାଥ ରାୟ ଚୌଧୁରୀ ପ୍ରମମୋ ହନ ରାୟ ସରସ୍ୱତୀ ବିଶ୍ୱାସ ସାହାଯ୍ୟରେ ୫୦୦ ଟଙ୍କା ଦାନ କରିଅଛନ୍ତି ।

## ଭୁବନେଶ୍ୱର ସମ୍ବାଦ ।

ଗତପୂର୍ବ ଗୁରୁବାର ଏକାଦଶୀ ଦିନ ସ ୭ ଘ ସମୟେ ପରମେଶ୍ୱରଙ୍କ ପାଦରେ ଶ୍ରୀଯୁକ୍ତ ବାବୁ ତ୍ରିପୁରାଚରଣ ଚାନ୍ଦ୍ଦୁଣୀ, ଶ୍ରୀବାବୁ ସୁନ୍ଦରମ ନାୟକ ଏବଂ ସହରର ସେଜେଲର ମହୋଦୟମାନେ ଓ ପ୍ରାୟ ସାତ ୪ ହଜାର ଲୋକଙ୍କ ଉପସ୍ଥିତିରେ ଖୋଲା ହୋଇ ପାଣି ଉଠାଇଲେ ମହାପ୍ରଭୁଙ୍କ ରଥ ସଙ୍ଗେ ୬ ଅତି ସୁନ୍ଦର ଦୃଶ୍ୟ ଉଦ୍ୟାନରେ ଏକ ଜୀ ସେବାଙ୍କ ନିକଟ ରହିଲେ । ଅନନ୍ତ ଶୁକ୍ରବାର ସ ୭ ଘ୍ରା ସମୟେ ୮୦୦ ହଜାର ଯାତ୍ରୀ ଉପସ୍ଥିତ ହୋଇ ଥିଲେ ସଙ୍ଗେ, ମନ୍ଦିର ଚତ୍ୱରରେ ଉତ୍ସବରେ । ତହିଁ ଅନନ୍ତ ଶନିବାର ସନ୍ନ୍ୟାସୀମାନଙ୍କ ବହୁତ ସମ୍ମାନରେ ବାହୁଡା କଲେ ସ୍ତ୍ରୀ ଗଣ ସହିତ ଦୃଶ୍ୟରେ ସାକ୍ଷୀ ହେଲେ ।

ମାନ୍ୟବର ଶଙ୍କର ଓଷଧାଳୟ ମିସ ମେରୀଙ୍କ ଦ୍ୱାରା ଭ ୧୯୦୭ ଜ ହେବ ଯଦି ବ୍ୟକ୍ତିଙ୍କ ବନାଇ ବସାରରେ ଆଉ ୨୫ ଜଣ ରୋଗୀ ଅନେକ ରୋଗ ଭଲ ହେଉଅଛି, ବନା ମୂଲ୍ୟରେ ଔଷଧ ବିତରଣ କରିବାକୁ ଶୀଘ୍ର ପାଇଅଛନ୍ତି ।

ଉତ୍କଳର କେତେକ ଜନପଦ ସଂକ୍ରାମକ ପୀଡ଼ା ଦେଖାଯାଉ ଅଛି । ଶୁଣିବାରେ କେତେକ ସ୍ଥାନରେ ଓଲାଉଠା ଯାତ୍ରୀ ସ୍ଥଳ ୧୨ ଗତ ଟଙ୍କା ସେନ ସମ୍ବଲରେ ।

ଗତ ସ୍ନାନ ଯାତ୍ରା ଉପଲକ୍ଷେ ଏ ଜଗତର ୫ ଅନେକ ୫ ଧାର ଜଳଯାତ୍ରାରୁ ଯାତ୍ରୀମାନେ ଦେଖି ଶ୍ରୀକ୍ଷେତ୍ରରୁ ଯାଉଛନ୍ତି । ଏଥର ୧ ସପ୍ତାହ ଜମ୍ମୁରେ ୫ ଅଧିକ ୫୫ ଧାର ଅଧିକ ଭଲ ଯେ ହୋଇଥିବା ଯାତ୍ରୀମାନଙ୍କର ଦୁର୍ଦ୍ଦଶା ଦୃଷ୍ଟି ହୋଇ କହିଲେ ଯନ୍ତ୍ରଣା ହେବ ନାହିଁ ।

ବୃଷ୍ଟିମାନେ ଏଥପରା ବର୍ଷା ନମନ୍ତେ ଅଧାପନ୍ନ ଗୁରୁତର ହୋଇ ଯାଇ ରହୁଅଛନ୍ତି ।

ଭୁବନେଶ୍ୱର ଗବର୍ଣ୍ଣମେଣ୍ଟ ହସ୍ପିଟାଲର ଡାକ୍ତରବାବୁ ରେଗିମାନଙ୍କ, ଉତ୍ତମରୂପେ ଚିକିତ୍ସା କରିବାରୁ ଗ୍ରାମବାସିମାନେ ସନ୍ତୁଷ୍ଟ ଅଛନ୍ତି ।

## ପୁରୀ ସମ୍ବାଦ

ଗତ ତା ୭ ରଖ ଗତବାର ରାତ୍ରି ଭଗୀରଥ ପ୍ରଧାନଙ୍କ ପୁରୀ ଉପରେ ଦକ୍ଷିଣପାର୍ଶ୍ୱରେ ପୌରାଣିକ ଉତ୍ସବ ହେଉ ଯାଇ ହାତେ ନାଟକ ଅଭିନୟ ହୋଇଥିଲା । ଜେଣାଗୋ ଅନୁସାରେ ଟିକେ ଜୟ ଦେବ ଲୋକେ ଦର୍ଶନ ଉତ୍ସବରେ ପ୍ରସନ୍ନ ହୋଇଥିଲେ ।

ଦାଳୁ ଗଜପତି ସୁବ୍ରତ ପ୍ରସାଦ ଅଧିକର୍ଣ୍ଣ ଓ ଅଧିକ ସମ୍ବନ୍ଧୀୟ ନାଟକାବଳୀ ସମ୍ବାଦ ହୋଇଥିଲି ।

ସେନସର ଦେଶୀ ମେକ୍ସ ପେପ୍ତ ଶ୍ରୀ ପୁଣ୍ଡ ଭଗବାନ ପ୍ରସାଦ ସିଂହଙ୍କ ବନ୍ଧୁ ବାବୁ ସମ୍ପ୍ରଦାୟ ସିଂହ ବ ଦୁଃଖରେ ଡାକ୍ତର ହେଲେ । ସମ୍ଭବ ଯୋଗ ବଦଳି ହେଲ ଯେତ ଯଦି ସୁସ୍ଥ କଲେ ଡାକ୍ତରଖାନାରେ ବାହ୍ୟ ପାଇଥିଲେ । ସ୍ୱାଧୀନ ବଡ଼ପ୍ ଓସ୍ତାଦଙ୍କ ଏକ ମାତ୍ର ଅଭ୍ୟାସ ହୋଇ ଏହି ପିତା ଓ ବର୍ତ୍ତମାନ ମାଲଭୂମି ସାହେବଙ୍କ ସେବା ଦେଖି ଲଭାଇ ଗୋଡବାଗରେ ବେଳ ଦେବାରେ ଉପଯୋଗ କରିଅଛନ୍ତି । 10

ଶ୍ରୀ ନନ୍ଦଙ୍କ ପୁରସ୍କାରୀ କେବଳ ଜାଜପାହାଡରେ ଦେଖ ହେବ । ଯେଉଁପରି ସହରୁ ୧ ବର୍ଷ ସାହୁସାହା ବାହାର କରୁ ରାମଗଡ଼ ଦେବଙ୍କର ଅମଳ ପ୍ରାଣ ଓ ଉତ୍ସବ ପାଠ ସୁଦର୍ଶନ ଦ୍ୱୀପ ଲୁଣ ସହରୁ ।

ଦେଖାର ମଠ ମହନ୍ତ ମହାବିଦଙ୍କ ବୋଧ ହୃଦିରେ ନଡାକ୍ତ ତାରତ ହେବାରୁ ଗତ ସପ୍ତାହରେ ବରେ ଓ ସୁବର୍ଣ୍ଣ ସିଂହ ଲୟରର୍ଣ୍ଣ ଏକ ଅଭିଶାପମାନଙ୍କ ଅନ୍ତ ଉତ୍ସବ କରିଲେ । ସ୍ୱର ବଡ଼ପ୍ ମହନ୍ତଙ୍କ ୫୭୦ ଗଣେଶ ଗଲ କରୁଅଛନ୍ତି ।

ଓଲାଉଠା ଜନ ନାହିଁ ଏବଂ ସାହର ଭୁଲ ଏବଳ ମହତ୍ତ୍ୱରଙ୍କ । 11

ଏ ସପ୍ତାହରେ ଅଧିକ ଶୀଘ୍ର ବୃଷ୍ଟି ହୋଇନାହିଁ । ବଡ ନାହିଁ ।

Digitized by srujanika@gmail.com

## ଯାଜପୁର ସମ୍ବାଦ ।

ଏଥର ଟାଉନ ଜଣକ ବୈତରଣୀ ବନ୍ଧରେ ଶ୍ରୀଶ୍ରୀଜଗନ୍ନାଥ ମହାଦେବଙ୍କର ମନ୍ଦିରଠାରେ ବୈତରଣୀ ନଦୀ ଭରଭର ବାହୁନା ହୋଇଥିବାରୁ ଦର୍ଶକ [illegible] ଏବ ସେଠାରେ ଏକ ସେତା ଗଢ଼ା ହୋଇ ପାରୁ ନ ଥିବ ଦର୍ଶକ ଉକ୍ତ ନଦୀ ପାରି ହୋଇପାରୁ ନ ଥିବାରୁ [illegible] ଅତି ଅସୁବିଧା ଭୋଗ କରିଥିଲେ ଓ ଦେବ ଦର୍ଶନ ବହୁ ଅବଶ୍ୟକୀୟ ଦ୍ରବ୍ୟାଦି ମେଳାକୁ ନେଇ ନ ପାରିଥିଲେ । ମାତ୍ର ଉକ୍ତ ଦୁଇରେ ସବ ହୁଏ ତହିଁ ଯୋଗୁ ହେତୁ ସେ ଅଞ୍ଚଳରୁ ଅଧିକାଂଶ ଲୋକ ମେଳାକୁ ନ ଆସିବାରୁ ଦୋକାନମାନଙ୍କର ବିକ୍ରି ଭଲ ରୂପେ ହେଲ ନାହିଁ ।

ଏ ବର୍ଷ ଧର୍ମଶାଳା ଥାନା ଇଲାକାରେ ବାଘ ଅତ ହିଂସ୍ର ଜନ୍ତୁମାନଙ୍କର ଉପଦ୍ରବ ବହୁତ ବୃଦ୍ଧି ହୋଇଅଛି ।

ଗତ ଶୁକ୍ରବାର ତା ୧୧ ରିଖ ସମୟରେ ମଣ୍ଡୁରୁ ଅଞ୍ଚଳରେ ଏକ ବାଘୁଣୀ ଗୋଟିଏ ଛୁଆକୁ ଧରି ନେଇଥିଲା ଏବଂ ବୃଦ୍ଧ ଜଣକୁ ଧରି ନେଇ ଦାରୁଣ ମାଡ଼ ମାରିଥିଲା । ଏହିପରି ବାଘ ଦ୍ୱାରା ଏକ ଏକ ବର୍ଷରେ ବହୁତ ଲୋକଙ୍କ ଜୀବନ ନାଶ ହେଉଅଛି । ସେହି କାରଣରୁ ଲୋକମାନଙ୍କର ଭୟ ବୃଦ୍ଧି ହୋଇଅଛି । ସରକାର ବାହାଦୁର ବନ୍ଧୁକର ପାସ ବାଣମାନଙ୍କ ନ ଦେଇ ବନ୍ଦ କରି ଦେଉଥିବା ହେତୁ ବନ୍ୟଜନ୍ତୁମାନଙ୍କର ଅତ୍ୟାଚାର ବୃଦ୍ଧି ହୋଇଅଛି । ସରକାରବାହାଦୁର ଏଥିର ବହୁତ ପ୍ରତିକାର ନ କଲେ ଉକ୍ତ ଅଞ୍ଚଳର ଲୋକମାନଙ୍କର ବାସ କରିବା ଦୁରୂହ ହେବ । ସରକାର ପ୍ରଜା ସୁରକ୍ଷାର ସେ ସେ ଉପାୟ ମଞ୍ଜୁର ଆବଶ୍ୟକ ଯୋଗରେ ନ ହେଉଅଛି । ସେହି ପାଇଁ ଲୋକ ବନ୍ଧୁକ ରଖିବାକୁ ମଞ୍ଜୁର ହୋଇ ଥିଲେହେଁ ଉପଯୁକ୍ତ କାର୍ଯ୍ୟ ହେଉ ନାହିଁ ଏ ବିଷୟରେ ସରକାର ଉଚିତ ଦୃଷ୍ଟି ଦେଇ ଉପଯୁକ୍ତ ପ୍ରତିକାର କରିବା ଆବଶ୍ୟକ ।

---

### ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁ ।

---

ମାନ୍ୟବର
ଉତ୍କଳ ଦୀପିକା ସମ୍ପାଦକ ମହାଶୟ
ସମୀପେଷୁ ।

ମହାଶୟ !

ସନ ୧୯୦୯ ସାଲ ଚୈତ୍ର ମାସ ତା ୯ ରିଖ ଗୁରୁବାର ରାତ୍ରି ଦଶଘଣ୍ଟା ସମୟରେ ଅମ୍ଭେ ଗାଡ଼ିରେ ଆସି ମହାନଦୀ ବାଲି ଉପରେ ପ୍ରବେଶ କରିବା ସମୟରେ ଶ ୯୨ ଶ୍ର ଗାଡ଼ି ମହାନଦୀ ବାଲିରୁ ଉଠି ଜଗତପୁର ଅଭିମୁଖେ ଯାଉଥିବାର ଦେଖିଲୁଁ ଉକ୍ତ ଗାଡ଼ିଆମାନଙ୍କୁ ପଚାରିବାରୁ ସେମାନେ ମହାନଦୀ ବାଲିରେ ଅତ୍ୟନ୍ତ କଷ୍ଟ ହେଉଥିବା ସେମାନଙ୍କଠାରେ ବଳଦ ନ ଥିବା ଓ ସେମାନେ ଅନେକ ଯୋଗ ଥିବାରୁ ସେମାନଙ୍କର ଗତି ଜଣା ନ ପାଇ କେବଳ ସେମାନଙ୍କ ଚେଷ୍ଟା ଓ ପରିଶ୍ରମ ଯୋଗାଡ଼ ହେଉଥିବା କରିଥିବାର ଜଣା ସେମାନେ ଅମ୍ଭଙ୍କୁ ମହାନଦୀ ବାଲିରୁ ଯିବାକୁ ନିଷେଧ କରିବାରୁ ଅମ୍ଭେ ନଦୀ ବାଲିକୁ ନ ଆସି ସକାଳ ପର୍ଯ୍ୟନ୍ତ ରାସ୍ତା ଉପରେ ରହିଲୁଁ । ପଥରେ ଏପରି ଦୁର୍ଘଟନା ଘଟୁଥିବାରୁ ସର୍ବସାଧାରଣଙ୍କର ଘାଟରେ ମହାନଦୀ ବାଲିରେ ଯିବାର ଉଚିତ ନୁହେ ଯେ ଏପରି ଅତ୍ୟାଚାର ନିବାରଣ କରିବା ନିମନ୍ତେ କର୍ତ୍ତୃପକ୍ଷଙ୍କର ଦୃଷ୍ଟି ଆକର୍ଷଣ କରିବା ବାଞ୍ଛନୀୟ । ଆପଣଙ୍କୁ ବିନୀତ ଭାବରେ ପ୍ରାର୍ଥନା କରୁଅଛୁ କି ଆପଣ ଆପଣଙ୍କର ପତ୍ରିକାରେ ଉକ୍ତ ବିଷୟ ସ୍ଥାନ ପ୍ରଦାନ କରି ବାଧିତ କରିବା ହେବେ ।

ବଶମ୍ବଦ

| | |
|---|---|
| 3-4-09 | Yours Sincerally<br>Ambica Charan Bose<br>Kendrapara. |

---

ମାନ୍ୟବର ଶ୍ରୀଯୁକ୍ତ "ଉତ୍କଳ ଦୀପିକା"ର ସମ୍ପାଦକ ମହୋଦୟ ସମୀପେଷୁ—

ମହାଶୟ,

ଅନୁଗ୍ରହ କରି ନିମ୍ନ ଲିଖିତ କେତେକ ପଂକ୍ତି ଆପଣଙ୍କ ପତ୍ରିକାରେ ସ୍ଥାନ ଦେଲେ ଅତିଶୟ ବାଧିତ ହେବି ।

ମୁଁ ଗତ ୧୯୦୫ ମସିହାରେ କଟକସ୍ଥ ରେଭେନ୍‌ସା କଲେଜରୁ ଫାଷ୍ଟ ଆର୍ଟସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ଉତ୍କଳ ସମ୍ମିଳନୀରୁ ପ୍ରଦତ୍ତ "ଚନ୍ଦ୍ରଶେଖର" ବୃତ୍ତି ନେଇ କଲିକତା ପ୍ରେସିଡେନ୍ସି କଲେଜରେ ବି, ଏଚ୍, ସି, ପରୀକ୍ଷା ନିମନ୍ତେ ପ୍ରସ୍ତୁତ ହେବାପାଇଁ ଅସିଥିଲି, ଉକ୍ତ ବିଦ୍ୟାଳୟରୁ ମୁଁ ଗତ ୧୯୦୭ ମସିହାରେ ବି, ଏସ୍ ସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲାରୁ ସମ୍ମିଳନୀର ସଭ୍ୟମାନେ ଅନୁଗ୍ରହ କରି ମୋତେ ପୁଣି ଉକ୍ତ ପ୍ରେସିଡେନ୍ସି କଲେଜରେ ଭୂତତ୍ତ୍ୱ ବିଦ୍ୟାରେ ଏମ୍, ଏ ପରୀକ୍ଷା ନିମନ୍ତେ ପ୍ରସ୍ତୁତ ହେବା ପାଇଁ ଆଉ ଏକବର୍ଷ ପାଇଁ ଉକ୍ତ ବୃତ୍ତି ଦାନ କଲେ । ଏଥିର ପ୍ରଧାନତଃ ଏହି ସାହାଯ୍ୟ ଯୋଗେ ମୁଁ ଏମ୍, ଏ ପରୀକ୍ଷା ଦେଇ ପାରିଲି ଏବଂ ସୌଭାଗ୍ୟକ୍ରମେ ସେଥିରେ ମଧ୍ୟ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଅଛି ।

ସମ୍ମିଳନୀରୁ ଉକ୍ତବର୍ଷ କାଳ ମାସିକ ଟ ୪୦ ୧ (ଚାଳିଶଟଙ୍କା) ହିସାବରେ ମୁଁ ବୃତ୍ତି ପାଇଅଛି ଏବଂ ସେହି ବୃତ୍ତି ବଳରେ ମୁଁ ବି, ଏସ୍ ସି ଓ ଏମ୍, ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପାରିଅଛି । ସେଥିପାଇଁ ସମ୍ମିଳନୀ ନିକଟରେ, ଉକ୍ତ ବୃତ୍ତିର ଅର୍ଥଦାତାଙ୍କ ନିକଟରେ, ଉକ୍ତ ବୃତ୍ତି ପାଇଁ ଅର୍ଥ ସଂଗ୍ରହ କରି ଓ ମୋତେ ଅତ୍ୟାବଶ୍ୟକ ସମୟରେ ବୃତ୍ତିଦାନ କରି ପ୍ରକୃତ ହାର୍ଦ୍ଦରେ ଯେଉଁମାନେ ଅଳ୍ପ ବହୁତ ସାହାଯ୍ୟ କରିଅଛନ୍ତି ଓ କଷ୍ଟସ୍ୱୀକାର କରିଅଛନ୍ତି ସେମାନଙ୍କ ନିକଟରେ, ସମ୍ମିଳନୀର ପ୍ରତ୍ୟେକ ସଭ୍ୟଙ୍କ ନିକଟରେ ଏବଂ ସମସ୍ତ ଉତ୍କଳୀୟ ଭାଇ ନିକଟରେ ମୁଁ ଚିର ଋଣୀ ରହିଲି । ଏ ଜୀବନରେ ଏ ଋଣ ପରିଶୋଧ କରି ପାରିବ ଏପରି ଭରସା ନାହିଁ; ତେବେ ଯଦି କୌଣସି ସମୟରେ ଏ ଋଣ ପରିଶୋଧର ସାମାନ୍ୟ ଚେଷ୍ଟା କରିପାରେ ତେବେ ଏ ଜୀବନକୁ ସାର୍ଥକ ମନେ କରିବି ଏବଂ ପରଲୋକଗତ ମହାତ୍ମା ଚନ୍ଦ୍ରଶେଖରଙ୍କ ପୁଣ୍ୟ ଉତ୍କଳୀୟଙ୍କ ମନରେ ଜାଗ୍ରତ ରଖିବା ପାଇଁ ଯଥାସାଧ୍ୟ ଚେଷ୍ଟା କରିଥିବି ବୋଲି ମନରେ ସନ୍ତୋଷ ଲାଭ କରିବି ।

ପରିଶେଷରେ ଉଲ୍ଲେଖ କରିବା କର୍ତ୍ତବ୍ୟ ଯେ ମୁଁ କଣିକା ଗଡ଼ର ଜଣେ ଲୋକର ସନ୍ତାନ । ମୁଁ ଯେ ଅତିଶୟ ଶୋଚନୀୟ ଆର୍ଥିକ ଅବସ୍ଥାରେ ଥାଇ ମଧ୍ୟ ଏମ୍ଏ ପରୀକ୍ଷା ପର୍ଯ୍ୟନ୍ତ ଦେଇ ପାରିଅଛି ଏହା କେବଳ ଉତ୍କଳର ବିଶେଷତଃ କଟକର ଜନସାଧାରଣଙ୍କ ବଦାନ୍ୟତା ଗୁଣରେ । ଯେଉଁମାନେ ମୋତେ କୌଣସି ପ୍ରକାରରେ ଅଳ୍ପ ହେଉ ବହୁତ ହେଉ ସାହାଯ୍ୟ କରିଅଛନ୍ତି ମୁଁ ସେମାନଙ୍କ ଏଥି ସଙ୍ଗରେ ଆନ୍ତରିକ କୃତଜ୍ଞତା ଜଣାଉଅଛି । ଆଶାକରେଁ ସେମାନେ ଆପଣଙ୍କର ପତ୍ରିକା ପଢ଼ିବାରୁ ମୋହର ଏହି କୃତଜ୍ଞତା ଜ୍ଞାପକ ଲିପି ପାଠ କରି ମୋହର ଆନ୍ତରିକ ଧନ୍ୟବାଦ ଗ୍ରହଣ କରିବେ, ମୁଁ ସେମାନଙ୍କ ନିକଟରେ ମଧ୍ୟ ଚିର ଋଣୀ ରହିଲି । ଇତି

ବଶମ୍ବଦ

| | |
|---|---|
| କଲିକତା ।<br>୩୧।୩।୦୯<br>ବୁଧବାର | ଉତ୍କଳର କଟକ ଜିଲ୍ଲାନ୍ତର୍ଗତ<br>ଅନନ୍ତପୁର ଗ୍ରାମନିବାସୀ<br>ଶ୍ରୀ ସଦାଶିବଚନ୍ଦ୍ର ପାଲିତ |

---

### ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଶ୍ରୀ ଜୟକୃଷ୍ଣ ଆଚାର୍ଯ୍ୟ | ଜୟପାଟଣା | ଟ ୩ |
| „ ରାମଚନ୍ଦ୍ର ସାହୁ | ବୁରପଦର | ଟ ୩ |
| „ ନୀଳମଣି ସାମଲ | ପଶ୍ଚିମ | ଟ ୩ |
| ଟ୍ରେଜରି ଅଫିସ ମହନ୍ତ | କରକ୍ଷିଆ | ଟ ୩ |
| ବାବୁ ଶ୍ରୀ ଗୌରମୋହନ ଗୁପ୍ତ | ବର୍ଦ୍ଧୋଲ | ଟ ୩ |
| „ ଜଗମୋହନ ସୂର୍ଯ୍ୟମଲବାନ୍‌ବଜାର | | ଟ ୩ |
| „ ରଘୁଦାସ ଜଗନ୍ନାଥ | ମଧୁସୂଦନ | ଟ ୩ |
| „ ମଦନମୋହନ ପଟ୍ଟନାୟକ | ବଲ୍ଲଭପୁର | ଟ ୩ |

Split by PDF Splitter

Digitized by srujanika@gmail.com

# ନୀଲାମୀ ଇସ୍ତାହାର

କଟକ ମୁକାମ ପ୍ରଥମ ମୁନସଫଙ୍କ ଅଦାଲତ ।

ନ ୧୩୯ ମ୍ବର ସରେନର୍ଡ ମୋକଦମା

ସନ ୧୯୦୮ ମସୀହା

ହରଶ୍ୟାମ । ଷା । ଦସ୍ତାହତ୍ରାଜ ସହର କଟକ ବାଦୀ ଡ଼ଃ

ବନାମ

ହରେକୃଷ୍ଣ ଦାସ । ଷା । ଗାଣିଜଘୋଷ ବଜାର କଟକ ପ୍ରତିବାଦୀ ଦେଣଦାର,

ଖରଚଗି ଓଗେର ଟଙ୍କା । ଦେଣଦାର ମଜକୁର ବାକୀ ଅଦାୟ କରି ନ ଥିବାରୁ ତାହାର ନିମ୍ନଲିଖିତ ସମ୍ପତ୍ତିମାନ ଉପରୋକ୍ତ ମକଦ୍ଦମାରେ ସନ ୧୯୦୯ ମସୀହା ଅପ୍ରେଲ ମାସ ତା ୧୫ ରିଖେ ବେଳ ଘ ୧୨ ଘା ସମୟେ ନିଲାମ ହେବ ।

ତପସିଲ ସମ୍ପତ୍ତି

୧ । ନ । କଟକ ପୁଲିସ ଇନ୍‌ସ୍ପେକ୍ଟର ଓ ସବରେଜେଷ୍ଟ୍ରିର । ମ । କଟକ । ପ୍ର । ସଉରି । ତା । ପଟଣା । ମୌ । ନଳାଙ୍ଗ ରକବାରେ ଥିବା ପ୍ରତିବାଦୀର ହ୍ୱେଲ ଦଖଲ ଖା ୧୪୯ ଖଣ୍ଡ ଜମି ତହିଁର ଅଦାୟ ଜମା ୧୯॥୧° ଅଟେ ତାହା ଏ ମୋକଦମାରେ ନିଲାମ ହେବ ଅନୁମାନିକ ମୂଲ୍ୟ ୨॥୫୦ ଟଙ୍କା ।

୨ । ପ୍ର । କାଶୀସ୍ୱାଦ ଓଗେର ହାଇକୁଲରେ କଟକ ଖାସମହାଲ ଇଲାକା ଅସୁରାମ ବଜାରରେ ଥିବା ଖାସମହାଲ ଅଧୀନରେ ବନ୍ଦୋବସ୍ତ ଖରିଦା ରକମ ୧°—୨୧୫° ଛତିମିଲ ବୃତ୍ତି ନ ତହିଁର ସାଲିଆନା ଅଦାୟ ଜମା ୦ ୪୵ ଅଟେ ତାହା ନିଲାମ ହେବ ତହିଁର ଅନୁମାନିକ ମୂଲ୍ୟ ୨ ୫ ଟଙ୍କା ଅଟେ ।

---

ନ ୧୪୯୨ ମ୍ବର ଡିକ୍ରୀଜାରୀ ସନ ୧୯୦୮ ମସୀହା,

କଟକ ମୁକାମ ପ୍ରଥମ ମୁନସଫଙ୍କ ଅଦାଲତ

ବାବୁ ବହାଗ୍ରମାଲ ସେଠି । ଷା । ବୃନ୍ଦାବନ ସହର କଟକ ବାଦୀ ଡ଼ଃ ।

(ବନାମ)

ଚନ୍ଦ୍ରୀବ ଓରଫ ଜଗୁ ସ୍ୱାଇଁ । ଷା । ମନବସ୍ତ ବଜାର ସହର କଟକ ପ୍ରତିବାଦୀ ଦେଃ ।

ଏ ମୋକଦମାରେ ଡିକ୍ରୀଜାରୀ କ୍ରମେ ବାକୀ ଡିକ୍ରୀଦାରଙ୍କର ଜର ଡିକ୍ରୀ ଓଗେର ।ମୁ। ଟ୨୫୩ ଅଦାୟ ନିମନ୍ତେ ପ୍ରତିବାଦୀ ଦେଣଦାରର ନିମ୍ନଲିଖିତ ସମ୍ପତ୍ତି ସନ ୧୯୦୯ ମସୀହା ଅପ୍ରେଲ ମାସ ତା ୧୫ ରଖେ ବେଳ ଘ ୧୨ ଘା ସମୟ କଟକ ମୁକାମ ପ୍ରଥମ ମୁନସଫଙ୍କ ଅଦାଲତରେ ନିଲାମ ହେବ ।

ସଃ ଡଃ ପୁଲିସ ଓ ସବରେଜଷ୍ଟ୍ରିର ।ମୁ। କଟକ ଅନ୍ତର୍ଗତ କଟକ ଖାସମହାଲ ଇଲାକା ସହର କଟକ ଶ୍ରୀନଗରହାଟ ରକବାରେ ଥିବା ବାଦୀ ଡିକ୍ରୀଦାରଙ୍କର ଖାସମହାଲ ପଟ୍ଟାର ଜମି ଓ ଦେଣଦାରର ହିସ୍ସା ଖଣ୍ଡ ୧°-୨ ଲୁ ଜମା ୬୨୩ ଅଟେ ଉକ୍ତ ଜମିର ହିସ୍ସା ଦଲେ ୧୨ ମ ଏ ତହିଁ ଉପରେ ଦେଣଦାର ପ୍ରସ୍ତୁତ କରିଥିବା ଘାଷ ଛପରଘର ବାଉଁଶ ଓ ତହିଁରେ ଲାଗିଥିବା କବାଟ ଚଉକାଠ ସହିତ ନ ତହିଁର ଅନୁମାନିକ ମୂଲ୍ୟ ଟ ୫୧ ଟଙ୍କା ଏ ମୋକଦମାରେ ନିଲାମ ହେବ ।

---

ନ ୧୪୩ ମ୍ବର ଡିଃ ଜାରି ସନ ୧୯୦୯ ମସୀହା

ଶ୍ରୀ ଚୌଧୁରୀ ଗୋପାଳ ବଲ୍ଲଭ ଦାସ । ଷା । ସତ୍ୟଭାମାପୁର । ପ୍ର । ପଦ୍ମପୁର ବାଦୀ ଡିଃ ଦାର

ବନାମ

ହଂସରାଜ ସିଂହ । ଷା । ଖଟବଳସାହି ସହର କଟକ ପ୍ରତିବାଦୀ ଦେଃ

ଉପରଲିଖିତ ନମ୍ବର ମୋକଦମାରେ ଡିକ୍ରୀଦାରଙ୍କର ପାଉଣା ଟ ୨୫୫୶୯/୧° ସକାଶ ଦେଣଦାରର ନିମ୍ନଲିଖିତ ସମ୍ପତ୍ତି କଟକ ମୁକାମ ପ୍ରଥମ ମୁନସଫି ଅଦାଲତରେ ସନ ୧୯୦୯ ମସୀହା ଅପ୍ରେଲ ମାସ ତା ୧୫ ରଖେ ନିଲାମ ହେବ ।

୧ । ସବରେଜେଷ୍ଟ୍ରିର ପୁଲିସଷ୍ଟେସନ ସଦର । ମୌ । ଯାଜପୁର ସାମିଲ ଗୋଲାମିଆଁ ବଜାରରେଥିବା ଦେଣଦାରର ଖାସମହାଲ ରଏତ ବାବତ ମିଆଦ ପଟ୍ଟାର ସହ ମା ୦ । ୨।୶ ଜମି ନ ତହିଁର ଅଦାୟ ଜମା ଟ ୮୧ ଟଙ୍କା ଅଟେ ତହି ମଧ୍ୟରୁ ଦେଣଦାରର । ନ । ଟ ୦ ।/୪ ପାହି ମା ୦ ।୨।୶୧୩ ଗଣ୍ଡାକୁ ମଧ୍ୟୋଟଜମା ଟ ୨୪୵୮ ଅଟେ ଉକ୍ତ ଜମି ଓ ତହିଁ ଉପରେ ଥିବା ପଥର ପକ୍କା ବାରଣ୍ଡା ସହିତ ବ ୨ ଖଣ୍ଡ ଘର ଓ ଘଟାହାନ୍ତ ଓ ତହିଁ ଉପରେଥିବା ଛପରଘର ବଂଶ ସ ଓ ଚଉତରଫ ଇଟାପଚିଲ ଓ ଲାଗିଥିବା କବାଟ ଚଉକାଠ ସହିତ ବନ୍ଧକ ଥିବାରୁ ଉକ୍ତ ବସମତ ଟ ୦ ।/୪ ପାହି ନିଲାମ ହେବ ଅନୁମାନିକ ମୂଲ୍ୟ ଟ ୪° ୧ ଟଙ୍କା

ନ ୧୨।୧୨ ମ୍ବର ଜଉବ ରଉଁରଥ ବାବତ ମା ୦ ।୨।୶ ଛମି ମଧ୍ୟରୁ ପ୍ରତିବାଦିର ବସମତ ଟ ୦ ।/୪ ପାହିକୁ ମା ୦ ୨।୶୧୩ ଛମି ଓ ତହିଁ ଉପରେଥିବା ଛପରଘର ଆଦ ସହିତ ବନ୍ଧକ ଅଛି ନିଲାମ ହେବ ।

ପୂର୍ବେ ଗୋବିନ୍ଦ ବେହେରା ବାର ଓ ଯୋଗର ଗାଧୁଆ ବାଟ । ପ । ଧନରଣା ମାଦ ଘର ଓ ରଘି ବେହେରା ଭମାର ଘର ଓ ଷରିକାରସଡ଼କ । ଦ । ସେଖବକାର ଗଳସ୍ତା । ଉ । ଲଲ ନୀଲାମ୍ବର ସ୍ୱପ୍ନ ଓଗେର ପଟ୍ଟାଦାରଙ୍କ ଖାସମାହାଲ ଜମି ଓ ଯୋଗର ।

---

କଣପୁର ନିବାସୀ ଚକ୍ରଧ୍ୱଜ ଶ୍ରୀ ଲକ୍ଷ୍ମୀଦେବ ମହାପାତ୍ରଙ୍କର ବାତଜ୍ୱର ପ୍ରଭୃତି ଏକମାତ୍ର

# ଅବ୍ୟର୍ଥ ମୌଷଧ ।

ବହୁବାର ଓ ବହୁସମୟରେ ବାତଜ୍ୱର ଏକମାତ୍ର ମହୌଷଧ ତିଆରି କରିବାର ପରୀକ୍ଷା କରିଅଛି । ଏ ଔଷଧ ସେବନ ଏକ ସପ୍ତାହ ମଧ୍ୟରେ ଅତି ବାତଜ୍ୱର ହେବ ନାହିଁ । ଏକାଧିକ ରକ୍ତ ଖାସ ଔଷଧ ସେବନ କଲେ ରୋଗୀ ରୋଗରୁ ମୁକ୍ତି ଲଭିବ କୁ ହେବ । ଅନେକ ବାତଜ୍ୱରରୋଗୀ ଏହି ଔଷଧ ସେବନ କରି ଆରୋଗ୍ୟ ଫଳଲାଭ କରିଅଛନ୍ତି । ତାହାର ପ୍ରମାଣସ୍ୱରୂପ ଉତ୍କଳ ପ୍ରସିଦ୍ଧ କେତେକ ବ୍ୟକ୍ତିମାନଙ୍କର ପ୍ରଶଂସାପତ୍ର ସାଧାରଣଙ୍କ ଗୋଚର ନିମନ୍ତେ ଉଦ୍ଧୃତ ହେଲା ଔଷଧ ସେବନରେ ନିୟମାବଳୀ ଔଷଧ ସଙ୍ଗେ ପ୍ରେରିତ ।

ଔଷଧର ମୂଲ୍ୟ ।

୧ ଡବା କୋ ୨ ୫ ଗୋଟି ବଟିକାର ମୂଲ୍ୟ ୫ ୨ ଟଙ୍କା ।

ଡା । ମା । ୫ ୦ ।

ଡ ୨ ଦ.ର ମୂଲ୍ୟ ୫.୧° ଟଙ୍କା ।

ପ୍ରାପ୍ତିସ୍ଥାନ— ଚକ୍ରଧ୍ୱଜ ଶ୍ରୀ ଲକ୍ଷ୍ମୀଦେବ ମହାପାତ୍ର

ଆୟୁର୍ବେଦଭଣ୍ଡାର ।

ପିଙ୍ଗୋବଜାର, କଟକ

ପ୍ରଶଂସାପତ୍ର ଯଥାକ୍ରମେ

ମୋର ବାତଜ୍ୱର ହୋଇଥିବା ଏକ୍ଷଣ ବ ତହିଁରେ ପ୍ରାୟ ଦୁଇମାସ ଅତ୍ୟନ୍ତ କଷ୍ଟ ଭୋଗ କରିବାକୁ ହୋଇଥିଲା । ଚକ୍ରଧ୍ୱଜ ଲକ୍ଷ୍ମୀଦେବ ମହାପାତ୍ର ମୋତେ ଚିକିତ୍ସା କରିବା ଦେଲେ ତାହା ମୁଁ ଦୁଇମାତ୍ରା ସେବନ କରି ଆରୋଗ୍ୟ ହେଲି । ତାହାଙ୍କ ବିଶେଷ ଉପକାର ପାଇଅଛି । ମୋହର ବାତଜ୍ୱର ଆଉ ହୋଇ ନାହିଁ । ଉକ୍ତ ଚକ୍ରଧ୍ୱଜ ଦର ମଧ୍ୟ ବାତଜ୍ୱରର ଲକ୍ଷଣ ବା ଚିହ୍ନ ପାଇଲେ ନାହିଁ । ଚକ୍ରଧ୍ୱଜଙ୍କର ଔଷଧରେ ଉପକାର ହୋଇଥିବାରୁ ମୋର ସମ୍ପୂର୍ଣ୍ଣ ବିଶ୍ୱାସ ।

Sd. Sudam Chandra Naik.
Asst. Supdt. of Tributary Mahals
Orissa.

କଣପୁର ନିବାସୀ ବୈଦ୍ୟ କବିରାଜ ଶ୍ରୀ ଲକ୍ଷ୍ମୀଦେବ ମହାପାତ୍ରଙ୍କର ତିଆରି କରିବା ସେବନ ଏ ଅମୂଲ ଯୌଷଧି ଅଧିକ ବିଶେଷ ଫଳପ୍ରଦ କରିଅଛି । ଅମ୍ଭେ ଏହି ସାଧାରଣଙ୍କ ବାତଜ୍ୱରର ଏହି ଉତ୍ତମ ଔଷଧ ବୋଲି ମୁକ୍ତକଣ୍ଠରେ କହୁପାରୁଁ ।

କଟକ ଶ୍ରୀ ଜଗଦ୍‌ବନ୍ଧୁ ଦାସ ।

୧ । ୧୧ । ୦୭ ଡେପୁଟି କଲେକ୍ଟର

ଆମ୍ଭଙ୍କ ବାତଜ୍ୱର ହୋଇ ଏକମାସ ମଧ୍ୟରେ ରହିଥିବା ପର୍ଯ୍ୟନ୍ତ ଆରୋଗ୍ୟ ହୋଇଥିଲା । ଶ୍ରୀ ଲକ୍ଷ୍ମୀଦେବ ମହାପାତ୍ରଙ୍କର ତିଆରି କରିବା ବ୍ୟବହାର କରିବାରୁ ଶୀଘ୍ର ଆରୋଗ୍ୟ ହେଲା । ବାତଜ୍ୱରର ଔଷଧ ନ ଦେବା ରସାୟନର ଦେଖ ଭଲ ନିଦ୍ରା ଆସୁ ମହାଶୟ ଉକ୍ତ ଔଷଧ ଅବଶ୍ୟ ସେବନ କର, ସାଧାରଣଙ୍କର ବିଶେଷ ଉପକାର ହୋଇଅଛି ଉକ୍ତ । ରୋଗୀମାନଙ୍କର ଉକ୍ତ କରିବାରୁ ବ୍ୟବହାର କର ତହିଁର ଫଳ ଦେଖିଅଛି ତାହା ଚେଷ୍ଟା କରିବାକୁ ଅନୁରୋଧ କରୁଅଛୁ ।

ତା ୧୨ ଇଖ ଡିସେମ୍ବର ସନ ୧୯୦୪ ମସୀହା } ଶ୍ରୀ ମାଧବଚରଣ ଦାସ ଓକିଲ

ଚକ୍ରଧ୍ୱଜ ଲକ୍ଷ୍ମୀଦେବ ମହାପାତ୍ରଙ୍କ ତିଆରି କରିବା ମୁ ଓ ମୋହର କେତେକ ବନ୍ଧୁ ବ୍ୟବହାର କରି ଆରୋଗ୍ୟ ଫଳଲାଭ କରିଅଛୁ । ଏ ଔଷଧ ସେବନ କଲେ ବାତଜ୍ୱର ଆଉ ହେବ ନାହିଁ ମୋହର ସମ୍ପୂର୍ଣ୍ଣ ବିଶ୍ୱାସ ଉକ୍ତ ରୋଗାକ୍ରାନ୍ତ ବ୍ୟକ୍ତିମାନେ ନିଃସନ୍ଦେହରେ ଔଷଧ ବ୍ୟବହାର କରିବାକୁ ମୁଁ ସାନୁନୟ ଅନୁରୋଧ କରୁଅଛି ।

Sd. Gour Shyam Mahnty.
Govt. Agent Nayagar.

Split by PDF Splitter

Digitized by srujanika@gmail.com

## WANTED

The following officers and guards for preservation and protection of the Darpan Estate forest on the salaries noted against each.

1 Forester ... ... Rs 50
including horse allowance of Rs 10
2 Clerks ... ... Rs 15 each
1 Orderly ... ... ,, 6
2 Forest guards ... ,, 8 each
3 ,, ,, ... ,, 7 ,,
7 ,, ,, ... ,, 6 ,,

Preference should be given to the candidate (for the Forester's post) who should be able to procure recommendation from the Deputy Conservator of Forests, Khurda Division and the clerks should be Matriculates and have sufficient knowledge in correspondence and account works.

Applications are to be received by the undersigned up to the 20th instant.

Darpan Manager's office
Dated Cuttack
the 5th April 1909

K. C. Nanda
*Manager.*

Wanted an Auditor for the Kanika Raj on salary Rs 75 rising to 100 by annual increment of Rs 5. Preference will be given to an Uriya graduate having experience of accounts. Applications will be received by the Manager, P. O. Raj Kanika, Dt. Cuttack, up to 30th April 1909.

ବିଜ୍ଞାପନ ।

ଟାଙ୍ଗିବାଲି M. E ସ୍କୁଲ ନିମନ୍ତେ ଅନ୍ତତଃ ମ୍ୟାଟ୍ରିକୁଲେସନ ୧ମ ବିଭାଗ ପରୀକ୍ଷୋତ୍ତୀର୍ଣ୍ଣ ଓ ଇଂରାଜୀରେ ସୁଦକ୍ଷ ଜଣେ ସେକେଣ୍ଡ ପଣ୍ଡିତ ଆବଶ୍ୟକ । ବେତନ ୪ ୧୦ ଟା, ଶୀଘ୍ର ଉନ୍ନତିର ଆଶା ଅଛି । ସମାନ୍ୟ ସଂସ୍କୃତ ଜାଣିଥିଲେ ସର୍ବୋଚ୍ଚ ଗୁରୁଟ୍ରେନିଂ ପାଠ ପାରିବେ । ତାଂ ୩୦ ରଖ ମଧ୍ୟରେ ଆବେଦନପତ୍ର ପଠାଇ ନିଜ ଦ୍ୱାରା ବିଶେଷ ସମ୍ବାଦ ଅବଗତ ହେଉନ୍ତୁ । ଇତି ।

Charles Singh.
Head Master.

ବିଜ୍ଞାପନ ।

ଦରପଣ ଷ୍ଟେଟ ମଧ୍ୟରେ ବହୁ ପରିମାଣ ଅବାଦ ଯୋଗ୍ୟ ପଡ଼ିଅ ଓ ଜଙ୍ଗଲ ଜମି ଉପଯୁକ୍ତ ସ୍ୱତ୍ୱେ ବନ୍ଦୋବସ୍ତ ହୋଇପାରିବ । ଦରପଣ ଓ ଦରପଣଠାରୁ ଷ୍ଟିମରଦ୍ୱାରା ଅନାୟାସରେ ଗମନାଗମନ କରିବାର ସୁବିଧା ଅଛି ଏବଂ ଓଡ଼ିଶା ଅନ୍ତର୍ଗତ ଗୃହବାସ ବନ୍ଦର ସହିତ ଏ ଷ୍ଟେଟ ସଂଯୁକ୍ତ ଅଛି । ଏ ସମ୍ବନ୍ଧେ ବିଶେଷ ବିବରଣ ଜାଣିବାକୁ ଇଚ୍ଛା ହେଲେ ନିମ୍ନଲିଖିତ ଠିକଣାରେ ଆବେଦନ କରିବାକୁ ହେବ ।

ଷ୍ଟେଟ ମ୍ୟାନେଜର, ଦରପଣରାଜ,
ସାଜ-ଦରପଣ ପୋ: ଓ ଷ୍ଟେ: ଅଫିସ
ଜିଲା କଟକ ।

# NOTICE.



Is hereby given that owing to certain disadvantages I was obliged to close my firm for the last few years but being repeatedly requested by the prominent firms of India with whom I had to deal with, I have now again opened my firm and most respectfully welcome my patrons and customers to patronise me with their esteemed favour as they did before.

The watches mentioned below are given at Calcutta and Bombay prices.

### WEST END WATCH & Co's.

| | | |
|---|---|---|
| The Matchless Lever 18 size openface | Nickel | Rs 10 0 0 |
| ,, ,, | Silver | Rs 17 8 0 |
| ,, 16 size | Nickel | Rs 11 0 0 |
| ,, ,, | Silver | Rs 17 8 0 |
| ,, Hunting | ,, | Rs 22 8 0 |
| ,, Half hunting | ,, | Rs 25 0 0 |
| Whitefield & Co's Lever watches 18 size medium openface | Nickel | Rs 10 0 0 |
| ,, ,, | Silver | Rs 15 0 0 |
| ,, Hunting | ,, | Rs 15 0 0 |
| ,, Half hunting | ,, | Rs 18 0 0 |
| Popular watches Lever 15 & 16 size Semi openface | Nickel | Rs 7 8 0 |
| ,, ,, ,, | Silver | Rs 10 0 0 |
| The Acme Regulator Lever 18 size open face | Nickel | Rs 6 0 0 |
| ,, ,, ,, | Silver | Rs 8 0 0 |
| ,, ,, Hunting | ,, | Rs 11 0 0 |
| ,, ,, Half hunting | ,, | Rs 14 0 0 |

### GOLD WATCHES.

| | |
|---|---|
| The D. A. & Co., Ladies 14 size Lever Watches 14 ct Gold open face | Rs 40 0 0 |
| ,, ,, ,, Hunting | Rs 45 0 0 |
| ,, ,, ,, Half hunting | Rs 50 0 0 |

Besides watches from worth Rs 2 to Rs 1500 and clocks, Timepieces, Repeater clocks & Watches can be had from this firm.

M. Abdul Aziz,
Dewan bazar CUTTACK.


# ଉତ୍କଳ ଦୀପିକା ।

## ଭ୍ରମସଂଶୋଧନ ।

ଏ ପତ୍ରିକାର ଗତ ସଂଖ୍ୟାର କ୍ରୋଡ଼ପତ୍ରରେ ବାବୁ ହରିହର ପଣ୍ଡିତଙ୍କର ଜମି ବନ୍ଦୋବସ୍ତରେ ଯେଉଁ ବିଜ୍ଞାପନ ବାହାରିଅଛି ତହିଁରେ ବାବୁ ମହୋଦୟଙ୍କର ଠିକଣା କେବଳ ବ୍ରହ୍ମଚୌକି ଲେଖା ଅଛି ଭ୍ରମକ୍ରମେ 'କଟକ' ଶବ୍ଦଟି ଛାଡ଼ି ଯାଇଅଛି । ପାଠକମାନେ ବ୍ରହ୍ମଚୌକି ସଙ୍ଗେ ସହର କଟକ ଯୋଗ କରିବେ ଏବଂ ତାହାଙ୍କୁ ଲେଖିବାର ପ୍ରୟୋଜନ ହେଲେ ବ୍ରହ୍ମଚୌକି ସହର କଟକ ଠିକଣାରେ ଲେଖି ପଠାଇବେ ।

---

ଗତ ତା ୩ ରିଖରେ ଶେଷହେବା ସପ୍ତାହରେ ଭାରତରେ ପ୍ଲେଗ ରୋଗରେ ମୃତ୍ୟୁ ୪୬୮୪ ଥିଲା ତହିଁ ମଧ୍ୟରେ ବମ୍ବେରେ ୯୪୯ ଯୁକ୍ତ ପ୍ରଦେଶରେ ୧୬୩୭ ଏବଂ ପଞ୍ଜାବରେ ୧୪୮୯ ପ୍ରଧାନ ଅଟେ । ଏହି ତିନି ପ୍ରଦେଶ ମଧ୍ୟରେ ଯୁକ୍ତ ପ୍ରଦେଶରେ ବୃଦ୍ଧି ଓ ଅନ୍ୟ ଦୁଇ ପ୍ରଦେଶ ସହିତ ବଙ୍ଗ, ବର୍ମା ପ୍ରଭୃତିରେ ହ୍ରାସ ଦେଖାଯାଏ । ପୂର୍ବ ସପ୍ତାହରମୃତ୍ୟୁ ୪୦୩୪ ଥିଲା ।

---

ଗତ ତା ୩ ରିଖରେ ଶେଷହେବା ସପ୍ତାହରେ ପୂର୍ବ ବଙ୍ଗରେ ୧୭୬୬ ବଙ୍ଗରେ ୮୪୦୯ ଯୁକ୍ତ ପ୍ରଦେଶରେ ୧୬,୩୯ ମଧ୍ୟପ୍ରଦେଶରେ ୧୬୯୯ ଏବଂ ବମ୍ବେରେ ୬୧୧ ସମୁଦାୟ ୨,୧୦,୮୮୩ ଜଣ ଦୁର୍ଭିକ୍ଷ ସାହାଯ୍ୟ ପାଇଥିଲେ । ପୂର୍ବ ସପ୍ତାହରେ ଏହି ସଂଖ୍ୟା ୧୬୪୩୯ ଥିଲା । ଦୁଇ ବଙ୍ଗରେ ସଂଖ୍ୟାର ବୃଦ୍ଧି ମୋଟ ବୃଦ୍ଧିର ହେତୁ ଅଟେ । ଅନ୍ୟ ଦୁଇ ପ୍ରଦେଶରେ ସାମାନ୍ୟ ହ୍ରାସ ଘଟିଅଛି ।

---

Digitized by srujanika@gmail.com

Split by PDF Splitter



ବାଲେଶ୍ୱର ଜଲ୍ଲା ବୋରଡ଼ର ଗୃହ ଗଣ ପ୍ରସ୍ତୁତ କରିବା କାରଣ ଗୋଟିଏ ବର୍ଗସ୍ ସହାସେ ଜମି ପ୍ରୟୋଜନ ହେବାରୁ ମାନ୍ୟବର ବଙ୍ଗେଶ୍ୱର ଘୋଷଣା ଦେଉଅଛନ୍ତି ଯେ ଜଲ୍ଲା ବୋରଡ଼ର ବ୍ୟୟରେ ହରଡ଼ାର ପଦ୍ମୋଜାହବଣୀ ମୌଜାରେ ୧.୯୮ ଏକର ଜମି ନେବ ଉଚଦେବେ ।

—※—

ଉଲ୍ଲଳା ବାଗ ବଜାର ନିବାସୀ ବାବୁ ବଦାଶ୍ରୀଲାଲ ଠିକ ଏହି ନୟମରେ ଦଶହଜାର ଟଙ୍କା ସରକାରଙ୍କ ହସ୍ତରେ ଅର୍ପଣ କରଅଛନ୍ତି ଓ ସେହି ଟଙ୍କା ମହାମାନ୍ୟା ଲାଟପତ୍ନୀ ଲେଡ଼ି ମିଣ୍ଟୋଙ୍କର ଦେଶୀୟ ଧାତ୍ରୀ ସମିତିର ପାଣ୍ଠିରେ ଅଥବା ଗବର୍ଣ୍ଣମେଣ୍ଟଙ୍କ ବିବେଚନାମତେ କୌଣସି ସାଧାରଣ ହିତ କାର୍ଯ୍ୟରେ ନିଯୁକ୍ତ ହେବ । ବଙ୍ଗ ଗବର୍ଣ୍ଣମେଣ୍ଟ ଏହି ଉଲ୍ଲିଖିତ ଦାନରେ ଅତ୍ୟନ୍ତ ପ୍ରୀତ ହୋଇ ତାହାଙ୍କର ପ୍ରଶଂସା କରି ସେହି ଟଙ୍କା ଲେଡ଼ି ମିଣ୍ଟୋ ସମିତିର ବଙ୍ଗୀୟ ଶାଖାକୁ ଅର୍ପଣ କରଅଛନ୍ତି ।

———

ଇନ୍ଦୋରର ପେନସନ ପ୍ରାପ୍ତ ଜଜ ଜଣ ସରଦାର ବଲବନ୍ତ ସିଂହ ଏକଲକ୍ଷ ଟଙ୍କାର ସମ୍ପତ୍ତି ଦାନ କରଅଛନ୍ତି । ତହିଁର ବାର୍ଷିକ ଆୟରେ ମାସକୁ ଟ ୧୨୫ ଟଙ୍କା ମୂଲ୍ୟର ଗୋଟିଏ ବୃତ୍ତି ଦିଆ ହେବ ଯେ ଯେଉଁ ଦେଶୀୟ ଛାତ୍ର ଇଂଲଣ୍ଡ ଅଥବା ଅନ୍ୟ ଦେଶରେ କୃଷି ତମ୍ୱା ବୈଜ୍ଞାନିକ ତତ୍ତ୍ୱାନୁସନ୍ଧାନ କରିବା କାରଣ ତାହା ପାଇବ । ଏହିର ଉଦାର ଦାନ ବଡ଼ ପ୍ରଶଂସନୀୟ ଏବଂ ସର୍ଦ୍ଦାରଙ୍କ ବ୍ୟକ୍ତିତ୍ୱର ଅନୁକରଣୀୟ ଅଟେ ।

———

ଏଠା କଲେକ୍ଟର ଶ୍ରୀଯୁକ୍ତ ବାରେଟସାହେବ ରେଲରେ ପ୍ରସ୍ଥାନ କଲା ବେଳେ ତାହାଙ୍କୁ ବିଦାୟ ଦେବାକୁ ଯାଇଥିବା ଭୂଷମାନେ ଗୋଡ଼ଉଲେ ପଡ଼ି କାନ୍ଦିବାର ଦେଖି ଓ୍ୱାରଥନ୍ ସାହେବ ବଡ଼ ବ୍ୟାକୁଳ ହୋଇ ସେମାନଙ୍କ ଉପରେ ସଦୃଷ୍ଟି ପକାଇବା କାରଣ ନୂତନ କଲେକ୍ଟର ଶ୍ରୀଯୁକ୍ତ ବଲଲ ସାହେବଙ୍କୁ ଅନୁରୋଧ କରଅଛନ୍ତି ଏବଂ ଏହା ମଧ କହଅଛନ୍ତି ଯେ ଶ୍ରୀଯୁକ୍ତ ବାରେଟ ସାହେବ ସେହି ଭୂଷମାନଙ୍କ ଅଯଥା ସ୍ନେହ କରୁ-ଥିଲେ । କିନ୍ତୁ ସହଯୋଗୀ ଯେବେ ସାହେବ ମହୋଦୟ ଥିବା ବେଳେ ଏ କଥା କହି ଥାନ୍ତେ ତେବେ ଉପକାର ହୋଇଥାନ୍ତା । ପ୍ରସ୍ଥାନ ପରେ ଏପରି କହିବା କେମନ୍ତ ପାଠକମାନେ ବୁଝି ପାରିବେ ।

—※—

ବାଲେଶ୍ୱରର ମିଉନିସିପାଲ କମେଟି ସେଠାର ଜଣ୍ଟ ମାଜିଷ୍ଟ୍ରେଟ ପରିଦର୍ଶନ କରିବା ଏବଂ ସେ ସମ୍ବନ୍ଧରେ ଅପୂର୍ବ କଳରବ ଉଠିଥିବା ବିଷୟରେ ସମ୍ବାଦ ବାହକରେ ଏକ ଦୀର୍ଘ ପ୍ରବନ୍ଧ ବାହାର ଅଛି । ମାଜିଷ୍ଟ୍ରେଟ ମହୋଦୟ ଗତ ମାସ ତା ୩୧ ରଖ ଏବଂ ଚଳିତ ମାସ ତା ୧ ରଖ ସକାଳବେଳା କମେଟିର କାଗଜ ପତ୍ର ପରିଦ-ର୍ଶନ କରଥିଲେ ଏବଂ ତହିଁର ଫଳ ଜଣାନ୍ତି ଅ-ସନ୍ତୋଷଜନକ ହୋଇଥିବାର କଥିତ ହୁଅଇ । ଯେବେ ପ୍ରକୃତରେ ସହଯୋଗଙ୍କ ଲେଖାମତେ ଷ୍ଟକସ ଦାରୋଗା, ଏଡ଼ାଉନ୍ସେସ୍ ଏବଂ ଦଫାଦାରି-ମାନଙ୍କର ପୁଲିଶଦ୍ୱାରା ଖାନା ତଲାସି ହୋଇ-ଥାଏ ଓ ଦଫାଦାରର ଜାମିନ ପ୍ରାର୍ଥନା ଅଗ୍ରାହ୍ୟ ହୋଇ ତାହାକୁ ହଜତକୁ ପଠାଇ ଦିଆଯାଇ-ଥାଏ ତେବେ ବ୍ୟାପାର ବଡ଼ ଗୁରୁତର ଅଟେ । ଷ୍ଟକସ ଦାରୋଗା ଛୁଟି ପାଇଅଛି ଓ ମାଜି-ଷ୍ଟ୍ରେଟ ତାହା ଘରକୁ ଯାଇ ତାହାର ଉତ୍ତର ଲେଖି ନେଇଅଛନ୍ତି ।

———

ମାନ୍ୟବର ବଙ୍ଗେଶ୍ୱର ଶ୍ରୀ ବେକର ମହୋ-ଦୟ ଗତ ତା ୭ ରଖରେ ମାନଭୂମ ଜଲ୍ଲାର ସଦର ସ୍ଥାନ ପୁରୁଲିଆରେ ପ୍ରବେଶ ହେବାରେ ସେଠାରେ ଯେଉଁ ଅଭିନନ୍ଦନପତ୍ରମାନଙ୍କଦ୍ୱାରା ସମାଦୃତ ହୋଇଥିଲେ ସେ ସମସ୍ତର ଉତ୍ତରରେ ଅନ୍ୟାନ୍ୟ ପ୍ରସଙ୍ଗ ମଧ୍ୟରେ କହିଥିଲେ ଯେ ମାନ-ଭୂମ, ସିଂହଭୂମ ଏବଂ ଧଲଭୂମ ଏହି ଉପବିଭାଗ-ସକାଶେ ଶୀଘ୍ର ଜଣେ ଜଜ ଓ ସେସନ ଜଜ ନିଯୁକ୍ତ ହେବ ମାତ୍ର ତାହାଙ୍କର ସଦର କଚେରି କେଉଁଠାରେ ହେବ ଏ ପର୍ଯ୍ୟନ୍ତ ସ୍ଥିର ହୋଇ ନାହିଁ । ମାନ୍ୟବର ମହୋଦୟ ସଭାଗୃହ ଗୃହ-ରେ ପ୍ରବେଶ କରି ସର୍ବ ପ୍ରଥମେ ସନ ୧୮୮୭ ସାଲରେ ଏହି ଜଲ୍ଲାର ସ୍ୱାଧୀନ ଭାର ପାଇଥିଲେ ଏବଂ ଗୃହବର୍ଗ ରହିଥିଲେ । ସେ ସମୟରେ ସେଠାରେ ୨ ଟା ହୋଟଲ ମାତ୍ର ଥିଲା ମାତ୍ର ଏହି ବ ୨୨ ବର୍ଷ ମଧ୍ୟରେ ହୋଟଲ ସଂଖ୍ୟା ୨୭ ହୋଇଅଛି ଏବଂ ଲୋକସଂଖ୍ୟା ୨୨ ଗୁଣ ବଢ଼ିଅଛି । ଏ ଜଲ୍ଲାର ଉନ୍ନତି ଦେଖି ସେ ବଡ଼ ଆନନ୍ଦିତ ହୋଇଅଛନ୍ତି ।

———

ଗତ ତା ୯, ୧୦ ଓ ୧୨ ରଖରେ କଲିକତା ଟାଉନହଲ ଗୃହରେ ଗୋଟିଏ ଧର୍ମ ମହାସମିତିର ଅଧିବେଶନ ହୋଇଥିଲା । ଖ୍ରୀଷ୍ଟିୟାନ, ଇହୁଦୀ, ମୁସଲମାନ, ବୌଦ୍ଧ, ହିନ୍ଦୁ ପ୍ରଭୃତି ନାନାଧର୍ମର ପ୍ରତିନିଧିମାନେ ଉପସ୍ଥିତ ହୋଇଥିଲେ । ଶ୍ରୀଯୁକ୍ତ ଶାରଦାଚରଣ ମିତ୍ର ଅଭ୍ୟର୍ଥନା କମିଟିର ସଭାପତି-ସ୍ୱରୂପ ପ୍ରତିନିଧିମାନଙ୍କର ସମ୍ୱର୍ଦ୍ଧନାମୂଳକ ବକ୍ତୃତା କରିଥିଲେ । ଦରଭଙ୍ଗାର ମହାରାଜା ସଭାପତି ମନୋନୀତ ହୋଇ ଏକ ସୁନ୍ଦର ବକ୍ତୃତାରେ ସଭାର ଉଦ୍ଦେଶ୍ୟ ବୁଝାଇ ଦେଇଥିଲେ । ସେ କହିଲେ ଯେ ଭିନ୍ନ ଧର୍ମାବଲମ୍ବୀଙ୍କର ବାହ୍ୟକ୍ରିୟା ଓ ଉପାସନା ପ୍ରଣାଳୀ ଭିନ୍ନ ହେଲେହେଁ ଅନ୍ତରତ ଧର୍ମଭାବ ଏକ । ସମସ୍ତେ ଈଶ୍ୱରଙ୍କୁ ପିତା ଓ ତାହାଙ୍କର ସନ୍ତାନ ମାନବଗଣଙ୍କୁ ଭ୍ରାତା ବୋଲି ସ୍ୱୀକାର କରନ୍ତି । ସକଳ ଧର୍ମର ପ୍ରକୃତ ସାଧକମାନେ ସାଧୁ ଓ ଯେଉଁଠାରେ ଅନେକ ସାଧୁ ଏକେ ହୁଅନ୍ତି ସେ ସ୍ଥାନ ପବିତ୍ର ଓ ସେହି ସାଧୁ ସଙ୍ଗରେ ଧର୍ମର ଉନ୍ନତି ହୁଏ । ସକଳ ଧର୍ମାବଲମ୍ବୀଙ୍କ ମଧ୍ୟରେ ପ୍ରେମ ସ୍ଥାପନ କରିବା ଏହି ମହାସମିତିର ଉଦ୍ଦେଶ୍ୟ ଓ ସେମାନେ ପରସ୍ପର ବିଚ୍ଛେଦ ଛାଡ଼ି ଏକ ଧର୍ମମାର୍ଗରେ ଚାଲିଲେ ତାଲେ ସମସ୍ତେ ଏକ ଧର୍ମାବଲମ୍ବୀ ହେବେ ଅଟା ବୋଲି ଯାଇ ପାରେ । ଭିନ୍ନ ଧର୍ମର ପ୍ରତିନିଧିମାନଙ୍କ-ମଧ୍ୟରୁ ଜଣେ ସ୍ୱ ଧର୍ମବିଷୟକ ପ୍ରବନ୍ଧମାନ ପାଠ କରଥିଲେ ।

—※—

ଏଠା ସିଭିଲସର୍ଜନ ଡାକ୍ତର ହ୍ୱାଇଟ ସାହେବ ଲେଫଟେନାଣ୍ଟ କର୍ଣ୍ଣେଲ ପଦପାଇଲେ ବଦଳି ହେଲେ । ଅଳ୍ପ ସେ ଏଠାରୁ ପ୍ରସ୍ଥାନ କରିବେ । ତାହାଙ୍କ ବିଦାୟ ଉପଲକ୍ଷରେ ମାନ୍ୟବର ମହା-ତ୍ମେନ ଦାସ ନିଜ ଅବାସରେ ଗତ ବୁଧବାର ସନ୍ଧ୍ୟା ୫ ଘଣ୍ଟା ସମୟରେ ଏଠା ୟୁରୋପୀୟ ଏବଂ ଦେଶୀୟ ଭଦ୍ରଲୋକଙ୍କର ଏକ ମେଳନ କରି-ଥିଲେ । ଅଦ୍ୟାପି ଜଣାନ୍ତି ମେଘାଚ୍ଛନ୍ନ ଓ ବେଳେ ବେଳେ ଝଡ଼ବୃଷ୍ଟି ସହିତ ପ୍ରବଳ ପବନ ବୋହୁଥିଲେହେଁ ଅନେକ ଲୋକ ସମାଗତ ହୋଇଥିଲେ ଏଥିରୁ ଡାକ୍ତର ସାହେବଙ୍କ ପ୍ରତି ଲୋକଙ୍କର ମନୋ-ଭାବ ଉତ୍ତମରୂପେ ଜଣାଯାଏ । ପ୍ରକୃତରେ ଡାକ୍ତର ସାହେବ ଅଳ୍ପକାଳରେ ଏଠା ଲୋକ-ଙ୍କର ପ୍ରିୟପାତ୍ର ହୋଇଥିଲେ ଏବଂ ତାଙ୍କଦ୍ୱାରା ଏଠା ଡାକ୍ତରଖାନାର ଅନେକ ଉନ୍ନତି ହୋଇ-ଅଛି । ମେଳନ ସ୍ଥାନ ମନୋହର ରୂପେ ସୁସଜ୍ଜିତ ହୋଇଥିଲା ଏବଂ ଉପସ୍ଥିତ ଭଦ୍ରମଣ୍ଡଳୀଙ୍କ ଚିତ୍ତ ବିନୋଦାର୍ଥେ ଐକତାନିକ ସଙ୍ଗୀତ ଏବଂ ଆତସ-ବାଜିର ବ୍ୟବସ୍ଥା ହୋଇଥିଲା । ପରେ ବାବୁ ଭୂମଣଙ୍କର ସଦ୍ୟ ସଙ୍କଳ୍ପିତ ସଦ୍‌ଗୁଣଶାଳୀ ଡାକ୍ତର ସାହେବଙ୍କୁ ଏତେ ଶୀଘ୍ର ବିଦାୟ ଦେବା କାରଣ ସମ୍ମିଳିତ ହେବା ହେତୁ ଦୁଃଖ ପ୍ରକାଶ କଲାରୁ ସାହେବ ମହୋଦୟ ସୁସ୍ପଷ୍ଟ ସୁମିଷ୍ଟ ବଚନରେ ସେ ସ୍ୱୟଂ ଏ ଭଳି ବନ୍ଧୁବର୍ଗଙ୍କୁ ଛାଡ଼ି ଯିବା ହେତୁ ଦୁଃଖ ପ୍ରକାଶ କରି ଏ ଦେଶ ଓ ଏଠାବାସୀ ଲୋକଙ୍କୁ ଚିରକାଳ ସ୍ମରଣ ରଖିବାର କହି ଏହେ ସମସ୍ତଙ୍କ ସହିତ କରମର୍ଦ୍ଦନ କରି ବିଦାୟ ହେଲେ । ସାହେବ ମହୋଦୟ ଶିଷ୍ଟା-ଚାର ଗୁଣରେ ସମସ୍ତଙ୍କୁ ମୋହିତ କରଥିଲେ

Digitized by srujanika@gmail.com

ନଯୋଗ୍ୟ ସାବଧାନ ହେଲେ ବାପୁ ଅଥଚ ଯୋଗ୍ୟତା ସହିତ କାର୍ଯ୍ୟ ଚଳାଇବାର ଏହାକୁ ଚେଷ୍ଟା କରିବା ଉଚିତ । ଦେଶରେ ଯେତେ କଷ୍ଟ ପ୍ରଚାରର ବଢ଼ୁ, ତାଲବାର ହେବ ସେତେ ମଙ୍ଗଳ ଏହା କୋଇବା ଅଧିକ !

———

ପୋ.ଷ୍ଟ ଡାକଘର ମାମଲା ।

ଏ ନଗର ପୁରୁଣାଗୋଡ଼ି ଡାକଘରର ଜଣେ ଟ୍ରିଷ୍ଟିପାଡ ଚୋରି ହେବାର ଟଙ୍କା ଅପହାର କରି ଟେଲିଗ୍ରାଫ ଦଣ୍ଡଧୀନରେ ଅଭିଯୁକ୍ତ ହୋଇଥିବାର କାହୁଁ ମାସରେ ଆମ୍ଭେମାନେ ଲେଖିଥିଲୁ । ସେହି ଲୋକର ନାମ ଦୟାନିଧି ନାୟକ । ଗତ ମାର୍ଚ୍ଚ ମାସ ତା ୧୫ ଭାରିଖରେ ଏଠା ଡେପୁଟିମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ନଗେନ୍ଦ୍ରନାଥ ଦତ୍ତ ସେ ମୋକଦ୍ଦମା ନିଷ୍ପତ୍ତି କରି ଆସାମୀ ଅପରାଧଯୁକ୍ତ ଅଭିପ୍ରାୟରେ ତାହା କରି ନ ଥିବା ହେତୁରେ ତାହାକୁ ଖଲାସ ଦେଇଅଛନ୍ତି । ସେହି ନିଷ୍ପତ୍ତି ପ୍ରକାଶ କରିବା ନିମନ୍ତେ ଆସାମୀ ଅନୁରୋଧ କରିଅଛି । ମାଜିଷ୍ଟ୍ରେଟବାବୁଙ୍କ ସେହି ନିର୍ଦ୍ଦିଷ୍ଟ-ପତ୍ରିର କେବଳ ଯେତେଂଶ ଏଠାରେ ପ୍ରକାଶ କରୁଁ । ଯଥା

The accused's case is that he made over to Abdur Rahim the values of three parcels No 61 (the subject of this case) No 4067 and No 758 Ex 26 and 27 in the Register of V P articles issued shows that from the accused Abdur Rahim took over charge of undelivered parcels 17 in number, therein spcified and among these were not the three above mentioned. The value of the parcels Nos 4067 and 758 appear to have been remitted by Abdur Rahim by money order on the 7th December (Vide Ex 12 and 19) The V. P. articles receipt Ex 11 in the handwriting of Abdur Rahim and Entry Ex B in the Postman's Book kept by Parsuram shows that the value of the parcel No 4067 was received by the accused on the 5th December, though the date in Ex 11 has been changed from 5th to 7th Ex 14 would show that Abdur Rahim himself delivered the parcel No 758 but as this No 758 (as well as 4067 and 617 was not in the list of parcels madeover on the 6th December, Abdur Rahim cannot explain how he could have delivered the parcel all these facts combined go to show that the accused made over the value of the parcels to Abdur Rahim. This clerk has been examined in this case and does not at all appear to me to be trustworthy. He went even so far as to say that the accused issued moneyorders that day (7th Decr) and kept with him money received on V. P. moneyorders besides the momeyorder received from the public, He also says "On the 7th Decr the accused did moneyorder work. Ex 21 receipt for moneyorder No 308 is in his handwriting and bears his initials." This was the only bit of paper purporting to be of the 7th December which was in the handwriting of the accused, but this number and the subsequtnt numbers appear each to have been twice sealed with the date stamp one of the date stamps being 7th December but after a comparison with the issue list it appeared that the moneyorder No 308 was issued by the accused on the 5th December and the issue list of the 7th Decr. (6th December was a sunday) commences with No. 309 as Abdur Rahim is in charge of this book he must have known that the accused did not issue the moneyorder on the 7th Decr. There can be little doubt that he resealed the item with the date stamp of 7th December to make it appear that the accused did work in office on the 7th December and to keep up an appearance that a wrong date Stamp had been first used. two seals are put against subsequent numbers. The sooner such an officer is expelled from a public office the better it is for every one.

From the evidence I am inclned to believe that the accused acted against the postal rules in keeping the money (Rs 55—3 as) with him on the 5th December and making it over to Abdur Rahim his successor which would appear to be a fact that in doing so, he had no criminal motive and so he is acquitted under Sec 258 C. P. C.

The 15th 1904 Cuttack } SJ Nagendra Nath Dutta Dy. Magte

ଆସାମୀ ଉପରେ ଏହି ଅଭିଯୋଗ ହୋଇଥିଲା ଯେ ସେ ଏକ ନମ୍ବର ଭି: ପି: ପାର୍ସଲର ବ: ୫ ଟଙ୍କା ୩ ଅଣା ମୂଲ୍ୟ ଦେଇ ମନିଅର୍ଡରଦ୍ୱାରା ଯଥାସ୍ଥାନକୁ ନ ପଠାଇ ଅପହରଣ କରିଥିଲା । ଆସାମୀର ଉତ୍ତର ଏହି ଯେ ସେ ଏକ ଅନ୍ୟାନ୍ୟ ଟଙ୍କା ପଠାଇବା ଉଚିତ୍ରୁ ଏ ଟଙ୍କା ହାତରେ ଅଛି, ହେତୁ ପଠାଇ ନ ପାରି ରଖିଥିଲା ଏବଂ ତା: ୭ ଦିନରେ ନିଯୁକ୍ତ ହୋଇ ଆସିବା ଅବଦୁର ରହିମଙ୍କୁ ଚାର୍ଜ ଦେବାବେଳେ ଅନ୍ୟାନ୍ୟ ଟଙ୍କା ସହିତ ସେ ଟଙ୍କା ବୁଝାଇ ଦେଇଥିଲା । ହାକିମ ଉକ୍ତ ମାଜିଷ୍ଟ୍ରେଟ ଅବଦୁର ରହିମଙ୍କୁ ଏ ମାମଲାର ମୂଳ କାରଣ ଏବଂ ସେ ଡାକଘର ଅଫିସରୁ ବାହାର କରିଦେବାର ସିଦ୍ଧାନ୍ତ କରି ଯେତେ ଶୀଘ୍ର ତାହାକୁ ସରକାରୀ ଚାକିରୀରୁ ବାହାର କରି ଦିଆଯିବ ସେତେ ସାଧାରଣ ମଙ୍ଗଳ ହେବ ବୋଲି ସ୍ପଷ୍ଟ ମନ୍ତବ୍ୟ ପ୍ରକାଶ କରିଅଛନ୍ତି । ଡାକଘରର କର୍ମଚାରୀମାନଙ୍କର ଶୋଚନୀୟ ଅବସ୍ଥାର ମଧ୍ୟ କିଛି ଦେଖାଇ ଅଛନ୍ତି । ଦୟାନିଧି ଯେ ସ୍ଥଳେ ନିର୍ଦ୍ଦୋଷୀ ବୋଲି ମୁକ୍ତିଲାଭ କରିଅଛି ସେ ସ୍ଥଳେ ସେ ପୁଣି ଚାକିରୀ ପାଇବାର ଯୋଗ୍ୟ । ଆଶା, କରୁଁ ପୋଷ୍ଟ ବିଭାଗର କର୍ମଚାରୀମାନେ ତାହାକୁ ପୁନର୍ବାର ନିଯୁକ୍ତ କରିବେ ଏବଂ ଡେ: ମାଜିଷ୍ଟ୍ରେଟଙ୍କ ମନ୍ତବ୍ୟ ଅନୁସାରେ ଅବଦୁର ରହିମଙ୍କୁ ଆଉ ସେ ବିଭାଗରେ ପ୍ରବେଶ ହେବାକୁ ଦେବେ ନାହିଁ ।

—୦—

ପାର୍ଲିଆମେଣ୍ଟରେ ଭାରତ ଚର୍ଚ୍ଚା ।

ଭାରତବର୍ଷର ଅଶାନ୍ତି ସମ୍ବନ୍ଧରେ ପାର୍ଲିଆମେଣ୍ଟରେ ଭାରତର ଚର୍ଚ୍ଚା ହୋଇଥିବାର ପାଠକମାନଙ୍କୁ ଜଣାଅଛି । ତହିଁର ଅନେକ ଗୁଡ଼ାଏ କଥା ମେମ୍ବର ଭାରତ ପ୍ରବନ୍ଧ ପଢ଼ାଇ ଶାସନ ସଂଶୋଧନରେ ପ୍ରାଣପଣରେ ଲାଗିଅଛନ୍ତି । ପାର୍ଲିଆମେଣ୍ଟ ଖୋଲିବା ପରେ ଷ୍ଟ୍ରାଚିଙ୍କ ଉକ୍ତି ସମ୍ବନ୍ଧରେ ଯେଉଁ ବାଦାନୁବାଦ ହୋଇଥିଲା ତହିଁରେ ଭାରତୀୟ ଦୂରଦର୍ଶୀ ହିତୈଷୀ ସଭ୍ୟମାନଙ୍କ ମଧ୍ୟରେ ମେକାର୍ନେସ ସାହେବ ପ୍ରଧାନ ଥିଲେ । ସେ ଅନ୍ୟାନ୍ୟ କଥା ମଧ୍ୟରେ ସନ ୧୮୧୮ ମସିହାର ରେଗୁଲେସନ ଅନୁସାରେ ବିନା ବିଚାରରେ ଯେ ନିର୍ବାସିତ କରିବାର ସହିତ ନ୍ୟାୟବିଚାର ଏପରି ଥିଲା ନାହିଁ । ନୌନେଲି ଲୋକଙ୍କୁ ବିନା ଅପରାଧରେ ବନ୍ଦୀ କରାଯାଇ ସନ ୧୮୧୮ ମସିହାକୁ ଲୁଟ ଦିଆଯାଉଛି ଏବଂ କିଂସ ଅଦାଲତରେ ମୋକଦ୍ଦମା ଦାଖଲ କରିବାକୁ ବାଧା ହେବା ହେତୁ ସେ ଲଜ୍ଜିତ ଅଛନ୍ତି । ବିନା ବିଚାରରେ ନୌନେଲି ଲୋକଙ୍କୁ ବନ୍ଦୀକୃତ ନ କରିବା ନିମନ୍ତେ ଲୋକର ସନ୍ଧ୍ୟା ସନ ୧୮୨ ମସିହାରେ ପ୍ରଚାର କରିଥିଲେ ଏବଂ କେନାନି ପାର୍ଲାମେଣ୍ଟ ସେକ୍ରେଟାରୀ ମର୍ଲିଙ୍କ ସେ ସମ୍ବନ୍ଧରେ ଯେଉଁ ଉତ୍ତର ଦେଇଥିଲେ ତାହା କେବଳ ଉଦ୍ଧୃତ କରିବାଗଲେ ଦ୍ୱାରଦେଶରେ କୁଳନ୍ତ ଅକ୍ଷରରେ ଲେଖା ରହିବା ଉଚିତ । ସେଠାରେ ହେତୁ ତାହାର ଯୋଗା ପଡ଼ିବ ନାହିଁ ଏବଂ ଆବଶ୍ୟକ ପ୍ରମାଣ ନ ହେଲେ କେହି ଦଣ୍ଡ ପାଇବ ନାହିଁ ଏହା ମଧ୍ୟ ଲେଖା ରହିବା ଉଚିତ । ବର୍ତ୍ତମାନ ପ୍ରଧାନ ମନ୍ତ୍ରୀ ଅସକୁଇଥ ସାହେବ ମହୋଦୟ ଅଳ୍ପ ଦିନ ତଳେ ଯେଉଁ ଭାରତବର୍ଷୀୟ କହିଥିଲେ ତହିଁରେ ତାହାର ବିନା ପ୍ରମାଣରେ ଅପରାଧୀ ସାବ୍ୟସ୍ତ ନ କରିବାର ପ୍ରକାଶ କରିଥିଲେ । ଭାରତରେ ସେହି ଆଇନାନୁସାରେ ନ ୧୧ ଜଣ ସମ୍ଭ୍ରାନ୍ତ ଲୋକ ନିର୍ବାସିତ ହୋଇଥିଲେ । ସେମାନଙ୍କ ମଧ୍ୟରୁ ଲାଲା ଲଜପତ ରାୟ, ଅଶ୍ୱିନୀକୁମାର ଦତ୍ତ, କୃଷ୍ଣକୁମାର ମିତ୍ର ଏବଂ ସଚୀନ୍ଦ୍ର ଚନ୍ଦ୍ର ଉଦ୍ଧାର ରୂପେ ପରିଚିତ ଅଟନ୍ତି । ଲାଲା ଲଜପତ ରାୟ କାମାରିକ ବଦ୍ଧର ଅବସାନ ପରେ ବନ୍ଦୀଙ୍କୁ ଅଧିକ ତାଙ୍କ ସଙ୍ଗେ ପରିଚିତ ହୋଇଥିଲେ । ପୁଲିସ ଏବଂ କୁମିଦାରଙ୍କ ସାହାଯ୍ୟ

Digitized by srujanika@gmail.com

ଦେଶ ହିତକର କାର୍ଯ୍ୟରେ ସେ ପ୍ରାୟ ୨୫ ବର୍ଷ କାଳ ପରିଶ୍ରମ କରି ଆସୁଅଛନ୍ତି ଏବଂ ବନ୍ଦୀବାସରୁ ମୁକ୍ତିଲାଭ କରିବା ପରକ୍ଷଣରେ ସେ ଦୁର୍ଭିକ୍ଷପୀଡ଼ିତ ଲୋକଙ୍କ ସାହାଯ୍ୟରେ ଲାଗିଲେ । ସ୍ୱରାଜ୍ୟ ଏବଂ ବଙ୍ଗଳାର କେତେକ ସମ୍ବାଦପତ୍ର ତାଙ୍କୁ ରାଜଦ୍ରୋହୀ ବୋଲି ଅପବାଦ ଦେଉଥିବାରୁ ଅପଣାର ଚରିତ୍ର ନିର୍ଦ୍ଦୋଷ ଥିବା ବିଷୟ ପ୍ରମାଣ କରିବା କାରଣ ସେ ଏମାନଙ୍କୁ ଅଭିଯୁକ୍ତ କରିଥିଲେ । ଅପବାଦ ଦେବା ନିମନ୍ତେ ପ୍ରବନ୍ଧ ଲେଖିଥିବା ମର୍ମରେ ସେ କେତେକ ବଙ୍ଗଳା ସମ୍ବାଦପତ୍ର ଉପରେ ମୋକଦ୍ଦମା ଚଳାଇ ଲେଖକମାନଙ୍କ ତହିଁର ଅଧିକାରୀମାନେ ଛପାଇ ଦେଇ ନ ପାରି ଶେଷ ପୂର୍ବେ କମିଶ୍ରୀ ଦାଖଲ ହୋଇଥିବା ଟଙ୍କା ଦାଖଲ କରି ଦେଲେ । ଏଣିକି ଦୁଇ ବଙ୍ଗାଲ ଠାରେ ଜାତୀୟ ସଭା ପ୍ରତିଷ୍ଠିତ କରିଥିବା ହେତୁ ଅନେକ ଲୋକଙ୍କ ସଙ୍ଗେ ପରିଚିତ ଅଛନ୍ତି । ଲୋକଙ୍କର ଉପକାର କରିଥିବା ହେତୁ ସେମାନଙ୍କ ଉପରେ ତାଙ୍କର ଅପ୍ରତିହତ ଅଧିକାର ଅଛି । ସ୍ୱଦେଶୀ ଦ୍ରବ୍ୟର ଉନ୍ନତି ଏବଂ ବିଦେଶୀ ବର୍ଜନରେ ତାଙ୍କର ବିଶେଷ ଚେଷ୍ଟା ଥିଲା ଏବଂ ଉଗ୍ର ସମ୍ପ୍ରଦାୟଙ୍କ ତରଫରୁ ହାକିମ ବୋଲି ଗଣ୍ୟ ହୋଇ ନ ପାରେ । କୃଷ୍ଣକୁମାର ମିତ୍ର କଲିକତା ସିଟି କଲେଜରେ ଶିକ୍ଷା କାର୍ଯ୍ୟରେ ଲାଗିଥିଲେ ଏବଂ ସେ ସଞ୍ଜୀବନୀ ନାମକ ଖଣ୍ଡିଏ ସମ୍ବାଦପତ୍ରର ସମ୍ପାଦକ ଥିଲେ ଏବଂ ନିର୍ବାସିତ ହେବାର ଅବ୍ୟବହିତ ପୂର୍ବେ ଉକ୍ତ ସମ୍ବାଦପତ୍ରରେ ଲେଖ ମାନଙ୍କ ଉପରେ ... ଅନେକ ... ବଳସ୍ପୋଗ କରିବାକୁ ... ଦେବା କାରଣ ପରାମର୍ଶ ଦେଉଥିଲେ । ... ଆୟର୍ଲଣ୍ଡ ... ଲେଖ ... ଅବଲମ୍ବନ କରିଥିଲେ । ଏ ... ପ୍ରଧାନ କରିବା ଅନ୍ୟାୟ ଏବଂ ... ତାଙ୍କର ଶାସ୍ତିବାରେ ... । ତାଙ୍କ ... ମିଳିଲା ନାହିଁ । ... ଉପରେ ... ଏବା ହୋଇ ... ପ୍ରକାଶ ... ପ୍ରକାଶ କରିଅଛନ୍ତି ... ଅଧାକ୍ତି ... କରିବା ... ୨ ଟିକି ଅନେକ ହୋଇଅଛି । ... ଏପର ଅନେକ ... ମୁକ୍ତି ... । ସ୍ୱାଧୀନତାପ୍ରିୟ ... ସ୍ୱାଧୀନତା ପ୍ରତି ପ୍ରୀତି ... ଭାରତରେ ବର୍ତ୍ତମାନ ... —ଏହିପରି ଅନେକ ଦୃଷ୍ଟାନ୍ତ ... ସ୍ୱାଧୀନ ପକ୍ଷସମର୍ଥନ କରୁଥିଲେ ଏବଂ ଅନ୍ୟ କେତେକ ମେମ୍ବର ମଧ୍ୟ ହବାନ୍ଦୁକ ପ୍ରକାଶ କରୁଥିଲେ । ବର୍ତ୍ତମାନ ଉକ୍ତ ପ୍ରକାର କଳ୍ପନାହାସ କୌଣସି ଫଳ ହୋଇ ନ ଥିଲେ ସୁଦ୍ଧା ତାଙ୍କଠାରେ କର୍ତ୍ତୃପକ୍ଷମାନେ ଯେ କହିଁରେ କର୍ଣ୍ଣପାତ କରିବେ ଏପରି ଆଶା ହେଉଅଛି ଏବଂ ଯେଉଁମାନେ ତାପ୍ରମଣୋବାତଂରେ ଏତେଦୂର ପରିଶ୍ରମ କରି ଅମ୍ଭମାନଙ୍କ ସହାୟତା କରୁଅଛନ୍ତି ସେମାନେ ଅମ୍ଭମାନଙ୍କର ଧନ୍ୟବାଦର ପାତ୍ର ଅଟନ୍ତି ।

---

## ପଇତାଲ ବନ୍ଦୋବସ୍ତ ।

ପଇତାଲ ବନ୍ଦୋବସ୍ତ ସମ୍ବନ୍ଧେ ବଙ୍ଗୀୟ ପାର୍ଲିଆମେଣ୍ଟର କୌଣସି ମେମ୍ବର ପାର୍ଲିଆମେଣ୍ଟ ମହାସଭାରେ ପ୍ରଶ୍ନ ଆଗତ କରନ୍ତେ ଭାରତୀୟ ଷ୍ଟେଟ ସେକ୍ରେଟାରୀ କେବଳ ଗତ ବନ୍ଦୋବସ୍ତର କେତେକ ଭୁଲ ସଂଶୋଧନ ସହାୟେ କାର୍ଯ୍ୟ ହେଉଥିବାର ଦେଖାଇ ଦେଲେ । ଭୁଲ ସଂଶୋଧନ ଅବଶ୍ୟ ଭଲ କଥା ଏବଂ ତାହା ହେଲେ ସମସ୍ତେ ବୁଝିଯିବେ । ମାତ୍ର ପ୍ରକୃତରେ ଏ ପଇତାଲ ବନ୍ଦୋବସ୍ତ କି ତାହାହିଁ ? ତାହା ହୋଇଥିଲେ ଅମ୍ଭେମାନେ କି ବୁଝନ୍ତୁ ନାହିଁ ? ଗତ ବନ୍ଦୋବସ୍ତରେ ଯେଉଁଠାରେ ଏକ ରଇତର ଜମି ଭୁଲକ୍ରମେ ଅନ୍ୟ ରଇତଙ୍କରେ ହୋଇଯାଇଅଛି ଏ ବନ୍ଦୋବସ୍ତରେ ତାହା ସଂଶୋଧନ କରାଯାଉଅଛି କି ? ଯେଉଁ ଲଗାଣ ନମ୍ବର ପାହି ଓ ପାହି ନମ୍ବର ଲଗାଣ ହୋଇଅଛି ତାହା ଠିକ୍ କରାଯାଉଅଛି କି ? ଯେଉଁଠାରେ ଏହା ଏକ ସ୍ୱତନ୍ତ୍ର ଜମା ହୋଇଯାଇଅଛି ସେଠାରେ ତାହା ପରିବର୍ତ୍ତନ କରାଯାଉଅଛି କି ? ଅନେକମାନେ ଜାଣିଥିବେ ମହେନ୍ଦ୍ର ଟାମ୍ବ ରଇତଙ୍କ ଅଞ୍ଚଳରେ ସମୟରେ ତାରିମ ଉପବେଲୁପକାର ସ୍ଥଳମାନଙ୍କରେ ଗତ ବନ୍ଦୋବସ୍ତରେ ଯାହା ଦିଆଯାଇଅଛି ତହିଁର ବସ୍ତୁ ସେପରି କରିବା କାରଣ ଲୋକଙ୍କୁ ବହୁ ପ୍ରଜାସ୍ୱତ୍ୱର ୧୦୩ ଧାରାର ଆପତ୍ତି ଅଥବା ମକଦ୍ଦମା କରିବା କାରଣ କୁହାଯାଉଥିଲେ । ବର୍ତ୍ତମାନ ସ୍ଥାନୀୟ ଅଫିସରଙ୍କ କାର୍ଯ୍ୟ ଶେଷ ହୋଇଅଛି ଏବଂ ୧୦୩ ଧାରା ମତେ ଆପତ୍ତିର ଦିନ ଏକମାତ୍ର ଥିବାରୁ ୧୦୩ ଧାରାର ଆପତ୍ତି ନିଆଯାଉ ଅଛି । ଅଫିସରମାନେ ଗତ ବନ୍ଦୋବସ୍ତର ହଡ଼ାଲାଗ କ୍ଲେମ ସ୍ୱତନ୍ତ୍ରତାର୍ଥ ଶେଷ କଲେ ଏବଂ ଯେଉଁ ଲେଖାର କହିଁ ଭିନ୍ନ ତାହିଁ ସେ ହେବାରେ କ୍ଷଣ ହୁଁ ସ୍ୱଲ୍ପକାଳ ଲେଖିବା ହୋଇ ଅନାଇ ରହିଅଛନ୍ତି । ଅଫିସରଙ୍କ କାର୍ଯ୍ୟ ଏପରି ଦ୍ରୁତଗତିରେ ଚାଲିଅଛି ଯେ ଲୋକେ କଣ ହୁକୁମ ଦେଲା ତହିଁର ଠିକଣା ପାଇବା ମୁସ୍କିଲ । କବଳିକୋ ବା ତସ ବିଷ ହେବାର ଶୁଣି ନକଲ ନେବାକୁ ଯିବାରେ ଅମଲାମାନେ ତ ନକଲ ଦେବେ ନାହିଁ କହି ଯାଉଅଛନ୍ତି ଏବଂ କେତେ ୨୦ରେ ଉତ୍ତର ମିଳୁ ଅଛୁ ବଦର ହୋଇନାହିଁ ବା ହୋଇଥିଲେ ଜାଣନ୍ତ ଅଛି ନାହିଁ ! ଲୋକେ ଯେ କେତେ ଲଣ୍ଡଭଣ୍ଡରେ ପଡ଼ିଅଛନ୍ତି ଗବର୍ଣ୍ଣମେଣ୍ଟ ତାହା ଦେଖୁଅଛନ୍ତି କି ? ଆଉ ଅଳ୍ପ ଦିନ ମଧ୍ୟରେ ଅନ୍ୟ ସ୍ଥାନମାନଙ୍କର ଅଫିସରଙ୍କ କାର୍ଯ୍ୟ ଶେଷ ହେବ ଏବଂ ସବୁ ସ୍ଥାନରେ ୧୦୩ ଧାରା ଦରଖାସ୍ତ ଦେବାର ସମୟ ହୋଇଯିବ । ତ ନଦୀମତେ ୧୦୩ ଧାରାର ଦରଖାସ୍ତ ଦିଆଯିବ ତାହା ଲୋକଙ୍କୁ ଜଣା ନାହିଁ । ଏହି ମଧ୍ୟରେ ସ୍ଥାନୀୟ ମୋକ୍ତାରମାନେ ୧୦୩ ଧାରାର ଦରଖାସ୍ତ ଲେଖିବାକୁ ପ୍ରସ୍ତୁତ ହେଲେଣି ସେମାନଙ୍କ ସଂଖ୍ୟା ଯେମନ୍ତ ଅଳ୍ପ ବିଦ୍ୟା ସେମନ୍ତ ଅଗାଧ । ହେରୂପେ ଯାହା କରାଉଅଛନ୍ତି ଲୋକେ ତାହାହିଁ କରିବେ — ଫଳ ହେଲେ ହେଲା ନୋହିଲେ ନାହିଁ । ଦରଖାସ୍ତ ଲେଖା ହେବାର ଭୁଲ ହୋଇ ଗଲେ ଲେଖିବା ଦରଖାସ୍ତ ଦୋଷରେ ମାମଲା ଗଲେ ତାଙ୍କର କି ଯାଏ ? ସେ ସ୍ଥଳରେ ଉତ୍କଳ ସଭାରଙ୍କ ପରାମର୍ଶ ପାଇବା ସହଜ ନୁହେ ଏବଂ ସେଠାରୁ ହୋଇ ସ୍ୱତନ୍ତ୍ର ସ୍ଥାନକୁ ଯାଇ ଉତ୍କଳ ସଭାରଙ୍କ ପରାମର୍ଶ ଆଣି ଦରଖାସ୍ତ ଦେବା ମଧ୍ୟ ପ୍ରଜାଙ୍କ ପକ୍ଷେ କଠିନ ଯାହା ଥିଲା ତାହା ବାସନ ହଜା ଅଭିଧ ନଦ୍ୟାନଙ୍କ ଦେଲେ, ଏଣେ ମହାବଳୀ ମଣ୍ଡଳୀପରେ । ତେଣେ ଉତ୍ପତ୍ତି ମଧ୍ୟରେ ଆପତ୍ତି ନ ଦେଲେ ୧୦୩ ଧାରା ଦରଖାସ୍ତ ସୁଦ୍ଧି ନ ଥିବ ଶେଷ । ଏ ଲଣ୍ଡଭଣ୍ଡର ରଙ୍ଗ ମୋଗ-ସଲକୁ ଆଦି ନ ଦେଖିଲେ ସହରବାସୀ କେହି ଅନୁମାନ କରି ପାରିବେ ନାହିଁ । ମୁଗଲ ନବାବ ଭଳି ଏଣିକି ଏ ଜମି ଓଡ଼ିଆ ପାଇଥିଲେ, ମେଗାଦ୍ୟାବକ୍ତି ବନ୍ଦୋବସ୍ତର ଦଶଙ୍କ ଠାରେ ଦେଖି ଦିହନ୍ତି ଯେ ଏ ଜମି ସେ ତାଙ୍କ । ହାକିମ ତାଙ୍କ ବଦଳି ଦେଖିବେ । ଜମି ଓଡ଼ିଆ କହିବ କଥା ଶୁଣିବାର ଯୋଗ୍ୟ ନୁହେ । ସୁତରାଂ ତାହା ନାମରେ ରୋକାସ୍ଥଗୀ କାଏମ । ଏଇ ଯେ ବଦର କରିଥିଲେ ତାହା ଠିକ ହେଲା । ଅବଶେଷେ ଦୁଇ-ଟଙ୍କ ନିଜ ହାକିମଙ୍କୁ ବୁଝାଇ କହିବାରେ ହାକିମ କହିଲେ ୧୦୩ ଧାରା ଦରଖାସ୍ତ ଦିଅ । ବର୍ତ୍ତମାନ ତପର ଭାବରେ ୧୦୩ ଧାରେ ଦରଖାସ୍ତ ଦିଆ ଯିବ କହିଁର ପରାମର୍ଶ କରିଅଛୁ । ମାତ୍ର ୧୦୩ ଧାରାର ନେହି ଦାବନ ଅଥବା ଅନ୍ୟ ବାକିମ ତ ଧାରାରେ ଚଳିବ ଅଧିକ ଜଣାଇ ନାହିଁ । ମାତ୍ର ଏତେ ବୁଝାଯାଉଅଛି ଯେ ଦୁଇ ତରଫ ଗାଡ଼ିରେ କାର୍ଯ୍ୟ ଚଳିବ । ସେଥିର ସୂଚନା ନ ହେଲେ ୧୦୬ ଧାରା ଧରାଯାଉ ଏବଂ ୧୦୬ ଧାରା ନ ହେଲେ ଅବଶେଷରେ ଦେବାନୀ ଅଦାଲତ ।

Split by PDF Splitter

Digitized by srujanika@gmail.com

ଗତ ବନ୍ଦୋବସ୍ତରେ ଯେଉଁ ଭୁଲ ହୋଇଥିଲା ତାହା ଏହି ଦଶବର୍ଷ ମଧ୍ୟରେ ଲୋକେ ଦେୱାନୀ ଅଦାଲତର ଆଶ୍ରୟ ନେଇ ସଜାଡ଼ି ନେଇଅଛନ୍ତି ଏବଂ ବାକି ଯାହା ଥିଲା ତାହା ଅଳ୍ପଦିନମଧ୍ୟରେ ସଜଡ଼ା ହୋଇଯାଇଥାନ୍ତା । ମାତ୍ର ଏହି ଥର ଖାଲି ବନ୍ଦୋବସ୍ତ ଯୋଗୁଁ ପୁଣି ଦେୱାନୀ ଅଦାଲତରେ ମାମଲାର ସ୍ରୋତ ଛୁଟିବ । କେବଳ ସେଟଲମେଣ୍ଟ ମହୋଦୟ କହନ୍ତି ଯେ ଏ ସରକାରୀ ବନ୍ଦୋବସ୍ତରେ ଲୋକେ ଖୁସି ଅଛନ୍ତି ମାତ୍ର ମୋଫସଲକୁ ଯାଇ ଦେଖିଲେ ସେମାନେ ପ୍ରକୃତରେ କରଜ ଧାର ଶୁଝିବାକୁ ନ ପାରି ଯେ କ୍ଷତି ଯାଉଅଛନ୍ତି ଏଥିରେ ସନ୍ଦେହ ନାହିଁ । ସର୍ବକାଳ ବନ୍ଦୋବସ୍ତ ଆରମ୍ଭ ହେବ ବୋଲି ଦେୱାନୀ ଓ ଫୌଜଦାରୀମାମଲା ବଢ଼ିଗଲା ଏବଂ ତାହା ଶେଷ ହେଲେ ମଧ୍ୟ ଦେୱାନୀ ମାମଲା ବଢ଼ିବ । ମଧ୍ୟ ଛମାସମଧ୍ୟରେ ୧୮୩ ଓ ୨୦୭ ଦଫାରେ ଅଳ୍ପ କୋର୍ଟଫେଷ ଅଦାୟ ହେବ ତାହା ଆମ୍ଭମାନଙ୍କ ହୃଦ୍ ମତରେ ଏହିଲ ସଂଶୋଧନ କାର୍ଯ୍ୟ ଦେଶପକ୍ଷେ ଅନିଷ୍ଟକର ଏବଂ ହେଲଦିଭ କର୍ଣ୍ଣାପୁ ବଜେଟରେ ଯେ ଟଙ୍କା ଇଷ୍ଟମେଟ ହୋଇଅଛି ତାହା ଅନ୍ୟ ସ୍ୱରୂପ କାର୍ଯ୍ୟରେ ଖର୍ଚ୍ଚ ହୋଇଥିଲେ ଭଲ ହୋଇଥାନ୍ତା । ଅଜିମେଣ୍ଟେ କେବେ ଉଚିତ ଅଣ୍ଟ ଉଳଟା ବା ଅଜ୍ଞାନ୍ୟ ଫସଲ ହୁଅନ୍ତ ତାହା ଲେଖି ନେଉଥିବାର ଅମ୍ଭେମାନେ ଅବଗତ ହୋଇଅଛୁଁ । ଏହା ଗବର୍ଣ୍ଣମେଣ୍ଟଙ୍କ ଦୃଷ୍ଟି ବହିର୍ଭୂତ ସମ୍ବାଦ ସନ୍ଦେହ ହେଉଥିବାର ଅନୁମାନ ହୁଅଇ । କେଳା କହିବ, ହେବୁ ହେଉଥିବାର ଲୋକେ ଯାହା କହୁଅଛନ୍ତି ତାହା ଯଥାର୍ଥ ।

ବଙ୍ଗର ଅର୍ଥାଭାବ ।

